R.N.I. REGN. No. 65000/96 POSTAL REGN. No. OR/BN-32/12-14

ଊନତ୍ରିଂଶ ବର୍ଷ
ସଂଖ୍ୟା : ୨୫୬
ତିଥି : ତ୍ରୟୋଦଶୀ
୨୪ ଜୁନ୍ ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXIX, No. 256
24 June 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur | Jeypore

## ଆମେରିକାର 'ଅପରେସନ୍ ମିଡନାଇଟ ହାମର'

# ଇରାନର ୩ ପରମାଣୁ କେନ୍ଦ୍ର ଧ୍ୱଂସ

- ଜଳୁଛି ତେହେରାନ- ତେଲ ଆଭିଭ
- ୩ ଶୀର୍ଷ ସାମରିକ କମାଣ୍ଡର ନିହତ
- ପରମାଣୁ ଆଲୋଚନାକୁ ଇରାନର ପ୍ରତ୍ୟାଖ୍ୟାନ
- ଚିନ୍ତା ପ୍ରକଟ କଲେ ବିଭିନ୍ନ ରାଷ୍ଟ୍ର



ୱାଶିଂଟନ,୨୩।୬: ଆମେରିକା ଏବେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ସାମିଲ ହୋଇଛି । ଆମେରିକା ଇରାନ ବିରୋଧରେ ଅପରେସନ ମିଡ ନାଇଟ୍ ହାମର ଆରମ୍ଭ କରିଛି । ଏହି ଅପରେସନ୍‌ରେ ଆମେରିକା ଇରାନର ତିନୋଟି ପରମାଣୁ ସ୍ଥାନ ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ବିମାନ ଆକ୍ରମଣ କରିଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋସିଆଲ ମିଡିଆରେ ଏହି ସୂଚନା ଦେଇଛନ୍ତି । ଟ୍ରମ୍ପ୍ କହିଛନ୍ତି, ଏହି ଆକ୍ରମଣ ଦ୍ୱାରା ସେ ଆଶ୍ୱସ୍ତ ଅନୁଭବ କରୁଛନ୍ତି । ଟ୍ରମ୍ପ୍ ସୋସିଆଲ ମିଡିଆରେ ପୋଷ୍ଟ କରି କହିଛନ୍ତି, ଆମେ ଇରାନର ତିନୋଟି ପରମାଣୁ ସ୍ଥାନ, ଫୋର୍ଡୋ, ନାଟାଞ୍ଜ ଏବଂ ଏସଫାହାନ ଉପରେ ଆମର ସଫଳ ଆକ୍ରମଣ ସମାପ୍ତ କରିଛୁ । ସମସ୍ତ ବିମାନ ଏବେ ଇରାନ ଆକାଶ ସୀମା ବାହାରକୁ ଫେରି ଆସିଛନ୍ତି । ପ୍ରାଥମିକ ସ୍ଥାନ, ଫୋର୍ଡୋରେ ସମ୍ପୂର୍ଣ୍ଣ ବୋମା ପକାଯାଇଛି । ଭାରତୀୟ ସମୟ ଭୋର୍ ସାଢ଼େ ୪ଟାରେ ଏହି ଆକ୍ରମଣ କରାଯାଇଛି । ଆମେରିକୀୟ ସେନାର ପ୍ରଶଂସା କରି ଟ୍ରମ୍ପ୍ କହିଛନ୍ତି, ସମସ୍ତ ବିମାନ ସୁରକ୍ଷିତ ଭାବରେ ଘରକୁ ଫେରୁଛନ୍ତି । ଆମର ମହାନ ଆମେରିକୀୟ ଯୋଦ୍ଧାମାନଙ୍କୁ ଅଭିନନ୍ଦନ । ବିଶ୍ୱରେ ଅନ୍ୟ କୌଣସି ସେନା ଏହା କରିପାରି ନଥାନ୍ତା । ଏବେ ଶାନ୍ତିର ସମୟ ! ଏହି ପ୍ରସଙ୍ଗ ପ୍ରତି ଆପଣଙ୍କ ଧ୍ୟାନ ପାଇଁ ଧନ୍ୟବାଦ ।

ସୂଚନା ଅନୁଯାୟୀ, ଆମେରିକା ଇରାନ ଉପରେ ଆକ୍ରମଣ କରିବା ପାଇଁ ଏହାର ବି-୨ ଷ୍ଟିଲ ବୋମାବର୍ଷୀ ବିମାନ ବ୍ୟବହାର କରିଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଶୁକ୍ରବାର ରାତିରେ ମିସୌରୀର ହ୍ୱାଇଟମ୍ୟାନ୍ ବାୟୁସେନା ଘାଟିରେ ବି-୨ ଷ୍ଟିଲ ବୋମାବର୍ଷୀ ବିମାନ ଉପସ୍ଥିତ ଥିଲା ଏବଂ ଇରାନ ଅଭିମୁଖେ ଉଡୁଥିଲା । ଏହା ପରେ, ଏହି ବିମାନଗୁଡ଼ିକୁ ଗୁଆମ୍ ଘାଟି ନିକଟରେ ଦେଖାଯାଇଥିଲା । ବି-୨ ଷ୍ଟିଲ ବୋମାବାହୀ ବିମାନଗୁଡ଼ିକ ଅର୍ଡନାନ୍ସ ପେନେଟ୍ରେଟର ବହନ କରିବାକୁ ସକ୍ଷମ, ଯାହା ଏକ ୩୦,୦୦୦ ପାଉଣ୍ଡ ବଙ୍କର ବଷ୍ଟର ବୋମା । ବି-୨ ବୋମାବାହୀ ବିମାନଗୁଡ଼ିକୁ ଇରାନରେ ପରମାଣୁ ସ୍ଥାନ ଉପରେ ଆକ୍ରମଣ କରିବାକୁ ସକ୍ଷମ ବୋଲି ବିବେଚନା କରାଯାଉଛି । ଇରାନର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ପରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଦେଶକୁ ସମ୍ବୋଧିତ କରିଛନ୍ତି । ଅପରପକ୍ଷରେ ଶନିବାର ରାତି ଓ ରବିବାର ସକାଳେ ଇସ୍ରାଏଲ ଓ ଇରାନ (୯ ପୃଷ୍ଠାରେ)

## ଟ୍ରମ୍ପଙ୍କୁ ନେତାନ୍ୟାହୁଙ୍କ ପ୍ରଶଂସା

ୱାଶିଂଟନ: ଇରାନର ୩ଟି ପରାମାଣୁ କେନ୍ଦ୍ରକୁ ଆମେରିକା ଧ୍ୱଂସ କରିଦେବା ପରେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ପ୍ରଶଂସା କରିଛନ୍ତି । ଟ୍ରମ୍ପଙ୍କୁ ଅଭିନନ୍ଦନ ଜଣାଇ ସେ କହିଛନ୍ତି, ଇରାନର ପରମାଣୁ କେନ୍ଦ୍ରଗୁଡ଼ିକୁ ଟାର୍ଗେଟ (୯ ପୃଷ୍ଠାରେ)

### ଉତ୍ତେଜନା ହ୍ରାସ ପାଇଁ ଆହ୍ୱାନ

## ଇରାନ ରାଷ୍ଟ୍ରପତିଙ୍କ ସହ କଥା ହେଲେ ମୋଦି



ନୂଆଦିଲ୍ଲୀ,୨୩।୬: ଆମେରିକାର ତେହେରାନ ଉପରେ ଆକ୍ରମଣ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଇରାନ ରାଷ୍ଟ୍ରପତିଙ୍କୁ ଫୋନ୍ କରିଛନ୍ତି । ପରିସ୍ଥିତିକୁ ତୁରନ୍ତ ହ୍ରାସ କରିବା, ଆଲୋଚନା ଏବଂ କୂଟନୀତିକୁ ଆଗକୁ ବଢାଇବା ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତାର ଶୀଘ୍ର ପୁନଃସ୍ଥାପନ ପାଇଁ ଆମର ଆହ୍ୱାନକୁ ମୋଦି ଦୋହରାଇନ୍ତି । ଆମେରିକା ସେନା ଇରାନର ତିନୋଟି ପରମାଣୁ ସ୍ଥାନ ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ଆକ୍ରମଣ କରିବାର କିଛି ଘଣ୍ଟା ପରେ, ପ୍ରଧାନମନ୍ତ୍ରୀ ଇରାନର ରାଷ୍ଟ୍ରପତି ମାସୁଦ ପେଜେଶକିଆନଙ୍କୁ ଫୋନ୍ କରି ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ ଅନୁରୋଧ କରିଛନ୍ତି । ମୋଦୀ ସୋସିଆଲ ମିଡିଆ ଏକ୍ସରେ ଲେଖିଛନ୍ତି, ଇରାନର ରାଷ୍ଟ୍ରପତିଙ୍କ ସହ କଥା ହେଲୁ । ଆମେ ବର୍ତ୍ତମାନର ପରିସ୍ଥିତି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କଲୁ । ସାମ୍ପ୍ରତିକ ଉତ୍ତେଜନା ବୃଦ୍ଧି ପାଇଁ ଗଭୀର ଚିନ୍ତା ପ୍ରକାଶ କଲୁ । ତୁରନ୍ତ ଉତ୍ତେଜନା ହ୍ରାସ, ଆଲୋଚନା ଏବଂ କୂଟନୀତିକୁ ଆଗକୁ ବଢ଼ିବା ଏବଂ ଆଞ୍ଚଳିକ ଶାନ୍ତି, ସୁରକ୍ଷା ଏବଂ ସ୍ଥିରତାର ଶୀଘ୍ର ପୁନରୁଦ୍ଧାର ପାଇଁ ଆମର ଆହ୍ୱାନକୁ ଦୋହରାଇଲୁ । ଆମେ ଶାନ୍ତି ଚାହୁଁଛୁ । ବିଶ୍ୱର ଅନେକ ନେତା ମଧ୍ୟ ଯୁଦ୍ଧ ପରିସ୍ଥିତି ଏଡାଇବା ପାଇଁ ଉଭୟ ଦେଶକୁ ଆହ୍ୱାନ ଦେଇଛନ୍ତି । ଯୁଦ୍ଧ ଜାରି ରହିଲେ ପରିସ୍ଥିତି ଅଧିକ ବିଗିଡି ଯିବ ବୋଲି ଉଭୟ ନେତା କହିଛନ୍ତି ।

## ସ୍ୱତନ୍ତ୍ର ସମୀକ୍ଷା ବୈଠକ

# ଶୃଙ୍ଖଳିତ ରଥଯାତ୍ରା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ



ପୁରୀ,୨୩।୬ (ସବ୍ୟୁ): ରବିବାର ପୂର୍ବାହ୍ନରେ ପୁରୀ ଟାଉନ ହଲ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷ ରଥଯାତ୍ରା ପରିଚାଳନା ବ୍ୟବସ୍ଥା ସମ୍ପର୍କରେ ସ୍ୱତନ୍ତ୍ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ଏଥିରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରଥଯାତ୍ରାର ସୁପରିଚାଳନା ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଅଛି । ମୁଖ୍ୟମନ୍ତ୍ରୀ ରଥଯାତ୍ରାକୁ ସମ୍ପୂର୍ଣ୍ଣ ଭାବେ ଅଘଟଣ-ମୁକ୍ତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ପୋଲିସ ନିୟୋଜନ, ଟ୍ରାଫିକ ନିୟନ୍ତ୍ରଣ ବ୍ୟବସ୍ଥା, ଅଗ୍ନିଶମ ସୁରକ୍ଷା ବ୍ୟବସ୍ଥା ଆଦି ସମସ୍ତ କାର୍ଯ୍ୟଗୁଡିକୁ ସଠିକ ଭାବେ ପରିଚାଳନା କରି ଶ୍ରଦ୍ଧାଳୁ ମାନେ ଯେପରି ଶୃଙ୍ଖଳିତ ଭାବେ ରଥଯାତ୍ରାରେ ଭାଗନେଇ ପାରିବେ ସେଥି ପ୍ରତି ଧ୍ୟାନଦେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । ବିଭିନ୍ନ ଜିଲ୍ଲାରେ ଡାଇରିଆ ପରିସ୍ଥିତି ଥିବା ଯୋଗୁ ସ୍ୱାସ୍ଥ୍ୟ ବିଭାଗ ସହିତ ଅନ୍ୟ ସମସ୍ତ ସମ୍ପୃକ୍ତ ବିଭାଗ ରଥଯାତ୍ରା ପୂର୍ବରୁ ସୁନାବେଶ ପର୍ଯ୍ୟନ୍ତ ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିବା ଆବଶ୍ୟକ । କୌଣସି (୯ ପୃଷ୍ଠାରେ)

## ନବୀନଙ୍କ ଅସ୍ତ୍ରୋପଚାର ସଫଳ

ଭୁବନେଶ୍ୱର,୨୩।୬ (ସବ୍ୟୁ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କର ଅସ୍ତ୍ରୋପଚାର ସଫଳ ହୋଇଛି । ମୁମ୍ବାଇର କୋକିଲାବେନ୍ ଧିରୁବାଇ ଅମ୍ବାନୀ ହସ୍ପିଟାଲରେ ଶ୍ରୀ ପଟ୍ଟନାୟକଙ୍କର ସର୍ଭାଇକାଲ ଆର୍ଥ୍ରାଇଟିସ୍‌ର ଅସ୍ତ୍ରୋପଚାର କରାଯାଇଥିଲା । ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ପ୍ରାୟ ଦୁଇ ଘଣ୍ଟା ଧରି ଏହି ଅପରେସନ୍ ଚାଲିଥିଲା । ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟର ବିଶେଷଜ୍ଞମାନେ ମଧ୍ୟ ସହାୟତା କରିଥିଲେ । ସ୍ପାଇନ୍ସ ବିଶେଷଜ୍ଞ ଡାକ୍ତର ରାଜ ଶେଖର ଅପରେସନ୍ କରିଥିଲେ ।

ଅପରେସନ୍ ପରେ ଡାକ୍ତର ପଣ୍ଡା କହିଛନ୍ତି ଯେ, ମହାପ୍ରଭୁଙ୍କ ଆଶୀର୍ବାଦରୁ ଅପରେସନ୍ ସଫଳ ହୋଇଛି । ନବୀନ ବାବୁ ସୁସ୍ଥ ଅଛନ୍ତି । ୨ରୁ ୩ ଦିନ ଅବଜରବେସନ୍‌ରେ ରହିବେ ଏବଂ ୫ରୁ ୭ ଦିନ ମଧ୍ୟରେ ଡିସ୍‌ଚାର୍ଜ ହେବେ । ନବୀନ ପଟ୍ଟନାୟକଙ୍କ (୯ ପୃଷ୍ଠାରେ)

## ଅଦିନିଆ ବର୍ଷା: ଟୋକନ ସମସ୍ୟାରେ ଯୁଝୁଛି ଚାଷୀ



ସମ୍ବଲପୁର/ସୋନପୁର/ବରଗଡ଼,୨୩।୬ (ସବ୍ୟୁ): ସମ୍ବଲପୁରରେ ଚଳିତବର୍ଷ ରବିଋତୁ ଧାନ କିଣା ଆରମ୍ଭ ହୋଇଯାଇଛି । ଧାନ ଅମଳ ବେଳକୁ ଅଦିନିଆ ବର୍ଷା ଚାଷୀର ମେରୁଦଣ୍ଡକୁ ଦୋହଲାଇ ଦେଇଛି । ସରକାର ଟାର୍ଗେଟ ଦେଇନଥିବା ବେଳେ ଚାଷୀ ମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି । ସେହିପରି ଟୋକନ ସମସ୍ୟାରେ ମଧ୍ୟ ଚାଷୀ ଯୁଝିବାକୁ ପଡିଛି । ତେଣୁ ବିଭିନ୍ନ ସମୟରେ ବାଧ୍ୟହୋଇ ଚାଷୀ ରାଜରାସ୍ତାକୁ ଓହ୍ଲାଇଛି । ଏହାସତ୍ତ୍ୱେ କୌଣସି ସୁଫଳ ମିଳିନଥିବା ବେଳେ ଚାଷୀ ଅସନ୍ତୋଷ ଦେଖାଯାଉଛି । ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଗତ ମେ ମାସ ଶେଷ ବେଳକୁ ପବନ ସହ ଭଲ ଅସରାଏ ବର୍ଷା ହୋଇଥିଲା । ଏଥିଯୋଗୁଁ ରବି(ଡାଲୁଅ)ଧାନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା । ଡାଲୁଅ ଧାନ ସଂଗ୍ରହ ବେଳେ ବର୍ଷା ଯୋଗୁଁ କ୍ଷେତ, ଖଳା ଓ ବଜାର ପ୍ରାଙ୍ଗଣ ଗୁଡିକରେ ଥିବା ଧାନ ଭିଜିଥିଲା । ଫଳରେ ଅନେକ ଧାନ ଗଜା ହେବା ଯୋଗୁଁ ସଠିକ୍ ମୂଲ୍ୟରେ ବିକ୍ରି ହୋଇ ପାରୁନାହିଁ । ସେହିପରି ଏଫ୍‌ଏକ୍ୟୁ ମାନ ଯାଞ୍ଚବେଳେ ଏହା କାଟ୍ ଖାଉଥିବା ବେଳେ ଚାଷୀ ବାଧ୍ୟ ହୋଇ ଅଣ୍ଡର ରେଟ୍‌ରେ ଧାନ ବିକ୍ରି କରୁଥିବା ଅଭିଯୋଗ ହେଉଛି । ଅନ୍ୟପଟେ ରବି ଋତୁରେ ଧାନ ଅମଳ ହୋଇଥିଲେ ମଧ୍ୟ ସରକାର ଟାର୍ଗେଟ ଦେଇନଥିବାରୁ ଚାଷୀ ଅସନ୍ତୋଷ ଦେଖାଯାଇଥିଲା । ଗତ ଜୁନ୍ ୯ ଓ ୧୧ରେ ଚାଷୀ ମାନେ ଏହାକୁ ପ୍ରତିବାଦ କରି ଜାତୀୟ ରାଜପଥ ଅବରୋଧ କରିଥିଲେ । ଏଥିସହ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କୁ ଘେରିଥିଲେ । ତେବେ ଧାନ ବିକ୍ରିବଟାରେ କୌଣସି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

ଅନ୍ୟ ପକ୍ଷରେ ଓଡ଼ିଶା ଧାନ ମିଲରେ ଛତିଶଗଡ଼ ଧାନ ପ୍ରବେଶ କରୁଥିବାରୁ ଧାନ କିଣା ବ୍ୟବସ୍ଥାରେ ଜଟିଳତା ଆସିଛି । ବରଗଡ଼ ଜିଲ୍ଲା ଓ ଝାରସୁଗୁଡ଼ା (୯ ପୃଷ୍ଠାରେ)



ପ୍ରତିବର୍ଷ ଜୁନ୍ ୨୩ରେ ପାଳିତ ହୋଇଥାଏ ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ । ସୂଚନା ଅନୁସାରେ ୧୮୯୪ ମସିହା ଜୁନ୍ ୨୩ରେ ପ୍ରଥମଥର ପାଇଁ ଇଣ୍ଟରନ୍ୟାସନାଲ ଅଲିମ୍ପିକ କମିଟିର ଗଠନ କରାଯାଇଥିଲା । ତେଣୁ ଏହି ଦିନକୁ ଅନ୍ତର୍ଜାତୀୟ ଅଲିମ୍ପିକ୍ ଦିବସ ଭାବେ ପାଳନ କରାଯାଇଥାଏ । ଏହି ଦିନ ବିଭିନ୍ନ ସ୍ଥାନରେ ଅଲିମ୍ପିକ୍‌ରେ ଖେଳାଯାଉଥିବା ଖେଳର ଆୟୋଜନ କରାଯାଇଥାଏ । ଯାହା ସାହାଯ୍ୟରେ ଏହି ସମସ୍ତ ଖେଳ ବିଷୟରେ ଜନସାଧାରଣ ସଚେତନ ହୋଇ ପାରିବେ । ଏଥିରେ ବିଶେଷ ଭାବେ ଏକ ଅଲମ୍ପିକ ରନ୍‌ର ଆୟୋଜନ କରାଯାଇଥାଏ । ଯେଉଁଥିରେ ଅନେକ ଲୋକ ସାମୂହିକଭାବେ ଭାଗ ନେଇଥାଆନ୍ତି । ଇଣ୍ଟରନ୍ୟାସନାଲ ଅଲିମ୍ପିକ କମିଟି ଗଠନର ଗୋଟିଏ ଉଦ୍ଦେଶ୍ୟଥିଲା ଯାହା ଲୋକଙ୍କୁ ବିଭିନ୍ନ ପ୍ରକାର ଅଲିମ୍ପିକ ଖେଳ ସମ୍ବନ୍ଧରେ ଜଣାଇବା । ପ୍ରତିବର୍ଷ ଏହି ଦିବସ ପାଇଁ ବିଭିନ୍ନ ପ୍ରକାରର ଥିମ୍‌ର ଆୟୋଜନ କରାଯାଇଥାଏ, ଯାହାକୁ ମାନି ଏହି ଦିବସ ପାଳନ ହୋଇଥାଏ ।




## ଇତିହାସ

**ସଂଯୁକ୍ତ ରାଷ୍ଟ୍ର ଲୋକସେବା ଦିବସ**

୧୮୧୦– ବମ୍ବେ ଡନକନ୍ ଡକ୍‌ର ନିର୍ମାଣ ଶେଷ ।

୧୯୧୨– ଇଂରେଜୀ ଗଣିତଜ୍ଞ ତଥା କମ୍ପ୍ୟୁଟର ବୈଜ୍ଞାନିକ ଏଲେନ ଟ୍ୟୁରିଂଙ୍କ ଜନ୍ମ ।

୧୯୫୩– କାଶ୍ମୀରର ଏକ ହସ୍ପିଟାଲରେ ଶେଷନିଃଶ୍ୱାସ ତ୍ୟାଗକଲେ ଭାରତୀୟ ଜନସଂଘ ସଂସ୍ଥାପକ ଶ୍ୟାମା ପ୍ରସାଦ ମୁଖାର୍ଜୀ ।

୧୯୮୦– ସ୍ୱାଧୀନ ଭାରତର ଚତୁର୍ଥ ରାଷ୍ଟ୍ରପତି ଭି.ବି. ଗିରିଙ୍କ ପରଲୋକ ।

୧୯୮୦– ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧିଙ୍କ କନିଷ୍ଠ ପୁତ୍ର ସଞ୍ଜୟ ଗାନ୍ଧିଙ୍କ ବିମାନ ଦୁର୍ଘଟଣାରେ ମୃତ୍ୟୁ ।


୧୯୮୫– ଏୟାର ଇଣ୍ଡିଆର ଏକ ଯାତ୍ରୀବାହୀ ବିମାନ ଆୟରର୍ଲାଣ୍ଡ ଆକାଶରେ ଦୁର୍ଘଟଣାଗ୍ରସ୍ତ ହେବାରୁ ଏଥିରେ ଥିବା ୩୨୯ ଯାତ୍ରୀଙ୍କ ମୃତ୍ୟୁ ।

୧୯୯୪– ପରମାଣୁ କାର୍ଯ୍ୟକ୍ରମରେ ରୋକ୍ ଲଗାଇବାକୁ ଘୋଷଣା କଲା ଉତ୍ତର କୋରିଆ ।

୨୦୦୮– ମେକ୍ସିକୋର ଟାୟାର କମ୍ପାନୀ ଟୋର୍ନେଲକୁ ୨୭୦ କୋଟି ଡଲାରରେ ଅଧିଗ୍ରହଣ କଲା ଭାରତର ପ୍ରସିଦ୍ଧ ଟାୟାର କମ୍ପାନୀ ଜେକେ ଟାୟାର ଇଣ୍ଡିଆ ।

୨୦୧୩– ଆମେରିକାର ଗ୍ରାଣ୍ଡ୍ କୈନୟାନ ପାହାଡ଼କୁ ରଶିରେ ଚଢ଼ି ପାର୍ କରିବାର ରେକର୍ଡ଼ କଲେ ନିକ ବାଲେଣ୍ଡା ।

୨୦୧୪– ବିଶ୍ୱ ଐତିହ୍ୟ ସୂଚୀରେ ସାମିଲ ହେଲା ଗୁଜରାଟର 'ରାନୀ କି ବାବ' ଓ ହିମାଚଳର 'ଗ୍ରେଟ୍ ହିମାଲୟନ ନେଶନାଲ ପାର୍କ' ।




## ଡିଜାଇନ୍ ପାଇଁ ସମାଲୋଚନା

ପ୍ରାଡା କମ୍ପାନୀ ସବୁବେଳେ ନିଜର ଡିଜାଇନ୍ ପାଇଁ ପ୍ରଶଂସିତ ହୋଇଥାଏ, ହେଲେ ନିକଟରେ ଏକ ଡିଜାଇନ୍ ପାଇଁ କମ୍ପାନୀ ଖୁବ ଟ୍ରୋଲିଂର ଶିକାର ହୋଇଛି । ସୋସିଆଲ ମିଡିଆରେ ବ୍ୟାଗ୍‌ଟିର ଫଟୋ ଭାଇରାଲ ହେବା ସହିତ ୟୁଜର୍ସ ଏହାର ମଜାକ ଉଡାଇବାରେ ଲାଗିଛନ୍ତି । ବ୍ୟାଗ୍‌ର ଡିଜାଇନ୍‌କୁ ଟ୍ରେନ୍‌ର ବାଥ୍‌ରୁମ୍ ସହିତ ତୁଳନା କରାଯାଇଛି । ଟ୍ରେନ୍ ବାଥ୍‌ରୁମ୍‌ରେ ଯେଉଁଭଳି ଡିଜାଇନ୍ ହୋଇଥାଏ ତାହାକୁ ପ୍ରାଡା କପି କରିଛି ବୋଲି ସୋସିଆଲ ମିଡିଆରେ ମତ ପ୍ରକାଶ ପାଇଛି । ସେହିଭଳି ବ୍ୟାଗ୍‌ର ଦାମକୁ ନେଇ ମଧ୍ୟ ଅନେକ ଚର୍ଚ୍ଚା ହେଉଛି । ବ୍ୟାଗ୍‌ଟିର ଦାମ ରହିଛି ୨ ଲକ୍ଷ ୭୨ ହଜାର ୩୬୨ ଟଙ୍କା । ତେବେ ଏହି ଚର୍ଚ୍ଚା ଉପରେ କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ ।

## ଆଳୁ ପରିବା ଟୋଷ୍ଟ

**ସାମଗ୍ରୀ–** ଆଳୁ, କ୍ୟାପ୍‌ସିକମ୍, କଞ୍ଚାଲଙ୍କା, ଟମାଟୋ, ଅଦା, ହଳଦୀ ଗୁଣ୍ଡ, ଲେମ୍ବୁ ରସ, ଧନିଆ ପତ୍ର, ଜୀରା ଗୁଣ୍ଡ, ଗୋଲମରିଚ ଗୁଣ୍ଡ, ଘିଅ, ଲୁଣ ।

**ପ୍ରଣାଳି–** ପ୍ରଥମେ ଆଳୁକୁ ଭଲ କରି ଚୋପା ଛଡାଇ ବଡ ବଡ ସ୍ଲାଇସ୍‌ରେ କାଟି ନିଅନ୍ତୁ । ଏହାପରେ ଏହି ବଡ ମୋଟା ଆଳୁକୁ ଅଳ୍ପ ସିଝାଇ ନିଅନ୍ତୁ । ଆଳୁ ସିଝିବାପରେ ଏକ ତାୱାରେ ଘିଅ ଗରମ କରନ୍ତୁ ଏଥିରେ ସିଝା ସ୍ଲାଇସ୍ ଆଳୁକୁ ଭାଜି ନିଅନ୍ତୁ । ଏହାକୁ ଭଲକରି କ୍ରିସ୍ପ ହେବା ଯାଏ ଭାଜନ୍ତୁ । ଆଉ ଏକ ପାତ୍ରରେ କିଛି ସିଝା ଆଳୁକୁ ଭଲ କରି ଚକଟି ନିଅନ୍ତୁ । ଏଠିରେ କଟା ଟମାଟୋ, କ୍ୟାପସିକମ୍, ଲଙ୍କା ଓ ଅଦା ପକାଇ ଗୋଳାନ୍ତୁ । ଏଥିରେ ଗୁଣ୍ଡ ମସଲା, ଲୁଣ ଓ ଲେମ୍ବୁ ରସ ମିଶାନ୍ତୁ । ଏହାପରେ ବଡ ବଡ ସ୍ଲାଇସ୍‌ରେ କଟା ହୋଇଥିବା ଆଳୁ ଖଣ୍ଡରେ ସିଝା ଆଳୁର ମିଶ୍ରଣ ଲଗାଇ ଏହାକୁ ପୂନର୍ବାର ଘିଅରେ ଭାଜି ନିଅନ୍ତୁ । ପ୍ରସ୍ତୁତ ହୋଇଗଲା ଭେଜି କ୍ରଞ୍ଚି ଆଳୁ ଟୋଷ୍ଟ ।



## ସୋସିଆଲ କୋଟ୍ସ



"ଆମ ଭଗବାନ ହେଲେ ଆମର ସତ ସୁପର ହିରୋ । ଫିଲ୍ମ ଆଦିପୁରୁଷ ମାଧ୍ୟମରେ ନୂଆ ଜେନେରେସନ୍‌ଙ୍କୁ ବୁଝାଇବା ପାଇଁ ମର୍ଡର୍ଣ୍ଣ ଲୁକ ଦେବାକୁ ଚେଷ୍ଟା କରାଯାଇଥିଲା । ଅନ୍ୟ କୌଣସି ଉଦ୍ଦେଶ୍ୟ ନଥିଲା ।

**ସିଦ୍ଧାନ୍ତ କାର୍ଣ୍ଣିକ, ଅଭିନେତା**



"ଗଦରର ମେ ନିକଲା ଗଙ୍ଗି ଲେକେ ଗୀତକୁ ଲୋକଗୀତ ଭାବେ ଦେଶର ବିଭିନ୍ନ ଅଂଶରେ ଗାନ କରାଯାଏ । ଏହା ପ୍ରଥମ ଫିଲ୍ମ ସଙ୍ଗୀତ ଯିଏ ଲୋକଗୀତରେ ପରିଣତ ହୋଇଥିଲା ।


**ଅନିଲ ଶର୍ମା, ଫିଲ୍ମ ମେକର**



"ସ୍କାଏ ଡାଇଭିଂ କରିବା ପାଇଁ ମୋତେ ଖୁବ ଡର ଲାଗିଥାଏ । ଏପରିକି ସ୍କାଏ ଡାଇଭିଂ କରିବାକୁ ମୁଁ ମୋ ପିଲାଙ୍କୁ ମଧ୍ୟ କେବେ ବି ଅନୁମତି ଦେଇ ନାହିଁ ।

**ଅମିତାଭ ବଚ୍ଚନ, ଅଭିନେତା**

ବଲିଉଡ ଅଭିନେତା ଆର୍ ମାଧବନ ନିକଟରେ ନିଜର ଘର ଭଡାକୁ ନେଇ ଖୁବ ଚର୍ଚ୍ଚାରେ ଅଛନ୍ତି । ଚର୍ଚ୍ଚା ଅନୁସାରେ ବର୍ତ୍ତମାନ ସେ ଘରେ ବସି ସେ ଦୁଇ ବର୍ଷରେ ୧.୬୦ କୋଟି ଟଙ୍କା ଆମଦାନୀ କରିବେ । ସୂଚନା ଅନୁସାରେ ମାଧବନ ନିଜର ଲଗ୍‌ଜୁରୀ ଆପାର୍ଟମେଣ୍ଟକୁ ଭଡାରେ ଦେଇଛନ୍ତି ଆର୍ ମାଧବନ ଯାହାର ଭଡା ସ୍ୱରୂପ ସେ ଏତେ ଟଙ୍କା ଆମଦାନୀ କରିବେ ବୋଲି ଜଣା ପଡ଼ିଛି । ସେହିଭଳି ଏହି ଘର ବାବଦକୁ ୩୯ ଲକ୍ଷର ସିକୁରିଟି ଆମାଉଣ୍ଟ ମଧ୍ୟ ତାଙ୍କୁ ମିଳିସାରିଛି । ଘରର ଲିଜ୍ ୨୦୨୫ରୁ ଆରମ୍ଭ ହୋଇ ୨୦୨୭ରେ ସରିବ ବୋଲି ସୂଚନା ରହିଛି ।



## ଘର ଭଡାକୁ ନେଇ ଚର୍ଚ୍ଚାରେ

## ଅଭିଭାବକଙ୍କ ଝଗଡାର ନକାରାତ୍ମକ ପ୍ରଭାବ

ଅନେକ ସମୟରେ ପରିବାରରେ ଦେଖିବାକୁମିଳେ ବାପା ମାଆମାନେ ପିଲାଙ୍କ ଆଗରେ ଝଗଡା କରିଥାଆନ୍ତି, ହେଲେ ଏହାର ଖୁବ ଖରାପ ପ୍ରଭାବ ସେମାନଙ୍କ ଉପରେ ପଡିଥାଏ ବୋଲି ବିଭିନ୍ନ



ଗବେଷଣାରୁ ଜଣା ପଡିଛି । ପିଲାମାନେ ସବୁବେଳେ ବାପା ମାଆଙ୍କ ପାଖରୁ ହିଁ ଦୁନିଆ ବିଷୟରେ ଜାଣନ୍ତି । ସେମାନେ ସମ୍ପର୍କର ମାନେ ସେମାନଙ୍କ ପାଖରୁ ହିଁ ବୁଝିଥାଆନ୍ତି ବୋଲି ଏହି ରିପୋର୍ଟ ସବୁରେ ଦର୍ଶାଯାଇଥାଏ । ତେଣୁ ବାପା ମାଆଙ୍କ ମଧ୍ୟରେ ବାରମ୍ବାର ଝଗଡା ହେବା ଫଳରେ ସେମାନଙ୍କର ମେଣ୍ଟାଲ ଓ ଇମୋସନାଲ ହେଲ୍‌ଥ ନଷ୍ଟ ହୋଇଥାଏ ବୋଲି ଦର୍ଶାଯାଇଛି । ଏଭଳି ମାହୋଲ ଘରେ ରହିବା ଫଳରେ ସେମାନେ ସବୁବେଳେ ନିଜକୁ ଅସୁରକ୍ଷିତ ଭାବିଥାଆନ୍ତି । ବାପା ମାଆଙ୍କ ଠାରୁ ସେମାନେ ଦୂରେଇ ଯାଇଥାଆନ୍ତି । ଭଲ ପାଇବା ଉପରେ ସେମାନଙ୍କର ବିଶ୍ୱାସ ରହି ନଥାଏ । ଧୀରେଧୀରେ ସେମାନେ ବି ଚିଡ଼୍‌ଚିଡା ଓ ରାଗ ସ୍ୱଭାବର ହୋଇ ଯାଆନ୍ତି । ସେହିଭଳି ଯଦି ଘରର ପରିସ୍ଥିତି ନ ବଦଳେ ତେବେ ସେମାନଙ୍କ ଭିତରେ ଆତ୍ମ ବିଶ୍ୱାସ ମଧ୍ୟ କମିବାରେ ଲାଗିଥାଏ । ସେମାନେ ଅନେକ କଥା ବାପା ମାଆଙ୍କ ସହିତ ସେୟାର କରି ପାରନ୍ତି ନାହିଁ, ଯାହା ସେମାନଙ୍କ ଜୀବନରେ ବିଭିନ୍ନ ସମସ୍ୟା ତିଆରି କରିଥାଏ । ବିଭିନ୍ନ ଗବେଷଣାରେ ମିଳିଥିବା ତଥ୍ୟ ଅନୁସାରେ ବାପା ମାଆଙ୍କର ନିଜ ନିଜ ଭିତର ଝଗଡା କାରଣରୁ ପିଲାଙ୍କ ନିକଟରେ ଆଙ୍ଗଜାଇଟି, ଡିପ୍ରେସନ ଭଳି ସମସ୍ୟା ଦେଖିବାକୁ ମିଳିଥାଏ । ତେଣୁ ସବୁବେଳେ ପିଲାଙ୍କ ଆଗରେ ବାପା ମାଆଙ୍କୁ ଭଲ ମନରେ ରହିବାର ଆବଶ୍ୟକତା ରହିଛି । ସେମାନଙ୍କ ଆଗରେ ଝଗଡା ନକରି ମିଳିମିଶି ରହିଲେ ସେମାନଙ୍କ ପାଇଁ ଏକ ଭଲ ଉଦାହରଣ ସୃଷ୍ଟି ହେବ ।

## ସୌରଶକ୍ତିରୁ ପ୍ରସ୍ତୁତ ଇନ୍ଧନ

ସୌର ଶକ୍ତିକୁ ବ୍ୟବହାର କରି ବର୍ତ୍ତମାନ ବିଭିନ୍ନ କାର୍ଯ୍ୟ କରାଯାଉଛି । ଏହାକୁ ଆମର ବିଭିନ୍ନ ଦୈନନ୍ଦିନ କାର୍ଯ୍ୟରେ ବ୍ୟବହାର କରାଯାଉଛି । ତେବେ ଏହାକୁ ବିଶେଷକରି ଇନ୍ଧନ ପ୍ରସ୍ତୁତ ପାଇଁ ବ୍ୟବହାର କରିବାକୁ ଗବେଷକମାନେ ଚେଷ୍ଟା ଜାରି ରଖିଛନ୍ତି । କେମ୍ବ୍ରିଜ ୟୁନିଭର୍ସିଟିର କିଛି ଗବେଷକ ବର୍ତ୍ତମାନ ସୋଲାର ଏନର୍ଜିରୁ ଏକ ଲିକ୍ୟୁଇଡ୍ ଫୁଏଲ୍ ପ୍ରସ୍ତୁତ କରିଛନ୍ତି, ଯାହାକୁ ସିଧାସଳଖ ଗାଡି ଗୁଡିକରେ ବ୍ୟବହାର କରିହେବ । ଏହି ପ୍ରକ୍ରିୟାରେ ସୌର ଶକ୍ତିକୁ ବ୍ୟବହାର କରି ଏଥିରେଥିବା କାର୍ବୋନ ଡାଇଅକ୍ସାଇଡ୍ ଓ ଜଳକୁ ଲିକ୍ୟୁଇଡ ଫୁଏଲରେ ପରିବର୍ତ୍ତନ କରାଯାଉଛି । ଏଥିରେ ଗବେଷକମାନେ ଆଲୋକ ସଂଶ୍ଲେଷଣ ପ୍ରକିୟାକୁ ବ୍ୟବହାର କରି ମଲ୍ଟି କାର୍ବୋନ ଫୁଏଲ୍ ଯେପରି ଇଥାନୋଲ ଓ ପ୍ରୋପାନୋଲ ପ୍ରସ୍ତୁତ କରାଯାଉଛି । ଏହି ଫୁଏଲର ହାଇ ଏନର୍ଜି ଡେନସିଟି ଥିବାରୁ ଏହାକୁ ଷ୍ଟୋର ଏବଂ ନେବାଆଣିବା କରିବା ସହଜ ହୋଇଥାଏ । ପ୍ରଥମେ ଏକ ମନୁଷ୍ୟକୃତ ପତ୍ର ଉପରେ ସୂର୍ଯ୍ୟକିରଣ ପକାଯାଇ ଏହି ପ୍ରକ୍ରିୟାକୁ ଆରମ୍ଭ କରାଯାଇଥାଏ । ସାଧାରଣତଃ କାର୍ବୋନଡାଇଅକ୍ସାଇଡ୍‌କୁ ରୁପାନ୍ତର କରିବା ସମୟରେ କାର୍ବୋନ ମନୋଅକ୍ସାଇଡ୍ ମିଳିଥାଏ, ହେଲେ ଏଠାରେ ଗବେଷକମାନେ ଏକ ଲିକ୍ୟୁଇଡ ଫୁଏଲ ପ୍ରସ୍ତୁତ କରିବାରେ ସମର୍ଥ ହୋଇପାରିଛନ୍ତି । ସେହିଭଳି ଏହି ଫୁଏଲ୍ ଜିରୋ କାର୍ବୋନ ଏମିସନ୍ ହେବାସହ ନବୀକରଣ ଯୋଗ୍ୟ ବୋଲି ବୈଜ୍ଞାନିକ ସୂଚନା ଦେଇଛନ୍ତି । ଏହା ମାର୍କେଟକୁ ଆସିଲେ ଅନେକ ପ୍ରକାରର ଲାଭ ହେବ ବୋଲି ସେମାନେ ସୂଚନା ଦେଇଛନ୍ତି ।




## ପଦାର୍ପଣ ପାଇଁ କରିଥିଲେ ବର୍ଷେ ଅପେକ୍ଷା

ବଲିଉଡ ଅଭିନେତ୍ରୀ ଡାଏନା ପେଣ୍ଟି ଫିଲ୍ମ କକ୍‌ଟେଲ୍‌ରେ ବଲିଉଡ ଡେବ୍ୟୁ କରିଥିଲେ । ତେବେ ସମସ୍ତଙ୍କ ଜାଣିବାରେ ଏହା ତାଙ୍କର ଡେବ୍ୟୁ ଫିଲ୍ମ ହେଲେ ଏହା ପୂର୍ବରୁ ମଧ୍ୟ ଡାଏନାଙ୍କୁ ଏକ ଫିଲ୍ମ ପାଇଁ ଫାଇନାଲ କରାଯାଇଥିଲା । ହେଲେ କିଛି କାରଣ ବଶତଃ ଡାଏନାଙ୍କୁ ଏହି ଫିଲ୍ମରୁ ବାହାର କରିଦିଆଯାଇଥିଲା । ପ୍ରଥମେ ତାଙ୍କୁ ଇମ୍‌ତିଆଜ ଅଲ୍ଲୀଙ୍କର ଫିଲ୍ମ ରକଷ୍ଟାର୍ ପାଇଁ ତାଙ୍କୁ ଅଫର ମିଳିଥିଲା । ସେ ସମୟରେ ସେ ନ୍ୟୁୟର୍କରେ ମଡେଲିଂ କରୁଥିଲେ । ହେଲେ ପରେ ଇମ୍‌ତିଆଜ ତାଙ୍କୁ ଏହି ରୋଲ ଦେବା ପାଇଁ ମନା କରିଥିଲେ, କାରଣ ଡାଏନା ସେହି ସମୟରେ ଏଥିପାଇଁ ପ୍ରସ୍ତୁତ ହୋଇନଥିଲେ । ଇମ୍‌ତିଆଜ ତାଙ୍କର ପ୍ରଶଂସା କରିଥିଲେ ହେଲେ ସେହି ସମୟରେ ସେ ଅଭିନୟ ପାଇଁ ପ୍ରସ୍ତୁତ ହୋଇ ନଥିଲେ ବୋଲି ଡାଏନାଙ୍କୁ ବୁଝାଇଥିଲେ । ଏହାକୁ ଡାଏନା ମଧ୍ୟ ଖୁବ ସକରାତ୍ମକ ସହକାରେ ନେଇଥିଲେ । ଏହାର ଏକ ବର୍ଷ ପରେ କକ୍‌ଟେଲ ଫିଲ୍ମରେ ସେ ବି ଟାଉନ୍ ଡେବ୍ୟୁ କରିଥିଲେ ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀକ୍ଷେତ୍ର ଗୁଣ୍ଡିଚା ମନ୍ଦିର ଠାରେ ହେଉଥିବା ଉନ୍ନତିମୂଳକ ତଥା ସୌନ୍ଦର୍ଯ୍ୟ କରଣ କାର୍ଯ୍ୟ ବୁଲି ଦେଖୁଛନ୍ତି





ବ୍ରହ୍ମଗିରି ପ୍ରଭୁ ଅଲାରନାଥ ମନ୍ଦିରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ଅସ୍ପଷ୍ଟ ଶ୍ରୀଜଗନ୍ନାଥ ବନପ୍ରକଳ୍ପର ସ୍ଥିତି

## କାଠ ସମସ୍ୟା ଦୂର ପାଇଁ ଉଦ୍ୟମ ନହେଲେ ଉପୁଜିପାରେ ସମସ୍ୟା : ଗଜପତି

ପୁରୀ (ସବ୍ୟୁ): ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ଆବଶ୍ୟକ କାଠ ସମସ୍ୟା ଦୂର କରିବା ପାଇଁ ରାଜ୍ୟ ସରକାର ଏବେ ଠାରୁ ଉଦ୍ୟମ ନ କଲେ ସମସ୍ୟା ଉପୁଜିପାରେ ବୋଲି ଏହା କହିଛନ୍ତି ପୁରୀ ଗଜପତି ମହାରାଜା ଦିବ୍ୟସିଂହ ଦେବ । ଶ୍ରୀଜଗନ୍ନାଥ ବନ ପ୍ରକଳ୍ପର କଣ ସ୍ଥିତି ରହିଛି ସେ ନେଇ ଏକ ପୂର୍ଣ୍ଣାଙ୍ଗ ରିପୋର୍ଟ ଏଯାଏଁ ଜଙ୍ଗଲ ଓ ପରିବେଶ ବିଭାଗ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରିନାହିଁ। ପୂର୍ବରୁ ପର୍ଯ୍ୟାପ୍ତ ଜଙ୍ଗଲ ଥିଲା ଓ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କାଠର ସମସ୍ୟା ନଥିଲା । ରଥଯାତ୍ରାରେ କାଠ ବ୍ୟତୀତ ଅନ୍ୟ କୌଣସି ସାମଗ୍ରୀ ବ୍ୟବହାର କରାଯାଇପାରିବ ନାହିଁ।ତେଣୁ ରଥ କାଠ ଅଭାବକୁ ପୂରଣ କରିବା ପାଇଁ ଏବେ ଠାରୁ ରାଜ୍ୟ ସରକାର ତତ୍ପର ହେବା ଆବଶ୍ୟକ ବୋଲି କହିଛନ୍ତି ଗଜପତି ମହାରାଜା । ଆଜି ରାଜପ୍ରସାଦ ବିଜେ ନୀତି ପରେ ଶ୍ରୀନହର ଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସେ ଏହା କହିଛନ୍ତି ।

ସେହିପରି ରଥଯାତ୍ରାକୁ ଶୃଙ୍ଖଳିତ ଓ ସୁରୁଖୁରୁରେ ସରିବା ପାଇଁ ନୀତି କାନ୍ତି ସମ୍ପାଦାନ ଉପରେ ଗୁରୁତ୍ୱ ଦିଆଯାଇଛି । ମହାପ୍ରଭୁଙ୍କ ଅଣସର ନୀତି ଠିକ୍ ଭାବେ ସରିଛି ।ଅଣସର ତ୍ରୟୋଦଶୀ ଠାରୁ ନବଯୌବନ ଦର୍ଶନ ଓ ରଥଯାତ୍ରା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ ନୀତି କାନ୍ତି ସୁରୁଖୁରୁରେ ସାରିବା ପାଇଁ ସେ ଦଇତାପତି ସେବାୟତଙ୍କ ସହ ଆଲୋଚନା କରି ଏହି ପରାମର୍ଶ ଦେଇଛନ୍ତି ।ଚଳିତ ବର୍ଷ ଗୋଟିଏ ଦିନରେ ନେତ୍ର ଉତ୍ସବ ଓ ନବଯୌବନ ଦର୍ଶନ ଗୋଟିଏ ଦିନରେ ପଡୁଥିବାରୁ ଠିକ୍ ବାହ୍ନେ ନୀତି ସରି କିଭଳି ଲକ୍ଷାଧିକ ଭକ୍ତ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେ ନେଇ ସେ ଆଲୋଚନା କରିଛନ୍ତି ।ଗତବର୍ଷ ଆଡ଼ପ ମଣ୍ଡପ ପହଣ୍ଡି ସମୟରେ ପ୍ରଭୁ ବଳଭଦ୍ର ପଡ଼ିଯିବା ଘଟଣାକୁ ନେଇ ଗଠିତ କମିଟି ନିଷ୍ପତି ଆଧାରରେ ଚାରମାଳ ଲମ୍ବା ବୃଦ୍ଧି କରାଯାଇଛି ।ରଥ ଉପରକୁ ମୋବାଇଲ ଫୋନ୍ ନେବା ଉପରେ ସଂପୂର୍ଣ୍ଣ କଟକଣା ଜାରୀ କରାଯାଇଛି ।ଗୁଣ୍ଡିଚା ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯାଇଛି । ଗୁଣ୍ଡିଚା ମନ୍ଦିର ଭିତର ଓ ପଛ ପଟ ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ରଥଯାତ୍ରା ପରେ ଏକ ଦୀର୍ଘ ମିଆଦି ଯୋଜନା କରାଯିବ ବୋଲି ଗଜପତି କହିଛନ୍ତି ।

### ଜୁନ୍ ୩୦ରୁ ଦଶମ ସପ୍ଲିମେଣ୍ଟାରୀ

## ୯୮ କେନ୍ଦ୍ରରେ ପରୀକ୍ଷା ଦେବେ ୩୨୩୨ ପରୀକ୍ଷାର୍ଥୀ

କଟକ,(ସବ୍ୟୁ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷା ଆସନ୍ତା ଜୁନ୍ ୩୦ ତାରିଖରୁ ଆରମ୍ଭ ହେବ। ୩୨୩୨ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଫର୍ମପୂରଣ କରିଥିବାବେଳେ ସେମାନଙ୍କ ନିମନ୍ତେ ୯୮ଟି କେନ୍ଦ୍ର ବ୍ୟବସ୍ଥା କରାଯାଇଛି । ଚଳିତ ବାର୍ଷିକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିବା ଏବଂ ପରୀକ୍ଷା ଦେଇପାରିନଥିବା ଛାତ୍ରଛାତ୍ରୀମାନେ ଜୁଲାଇ ୧୦ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଦେବେ । ଅନ୍ୟପକ୍ଷରେ ରାଜ୍ୟ ମୁକ୍ତ ବିଦ୍ୟାଳୟ ପ୍ରମାଣପତ୍ର ପରୀକ୍ଷା ନିମନ୍ତେ ୧୦୩ ପରୀକ୍ଷା କେନ୍ଦ୍ର ବ୍ୟବସ୍ଥା ରହିଛି । ପ୍ରାୟ ୧୦ ହଜାର ୮୦୯ ପରୀକ୍ଷାର୍ଥୀ ଉକ୍ତ ପରୀକ୍ଷା ଦେବେ । ଉଭୟ ପରୀକ୍ଷା ପାଇଁ ବୋର୍ଡ ୱେବସାଇଟ୍‌ରେ ପ୍ରବେଶ ପତ୍ର ଉପଲବ୍ଧ ଥିବା ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ ସୂଚନା ଦେଇଛନ୍ତି ।

### ଡିଜେ ବାଦକଙ୍କ ସୋସିଆଲ୍ ମିଡିଆ ପୋଷ୍ଟ


## ନୂଆ ଜୀବନ ସାଥୀ ସହ ସୁଖରେ ରୁହ

ଭୁବନେଶ୍ୱର, (ସବ୍ୟୁ) : ନୂଆ ଜୀବନ ସାଥୀ ସହ ସୁଖରେ ରୁହ ବୋଲି ପ୍ରେମିକାକୁ ଏକ ଚିଠି ସୋସିଆଲ୍ ମିଡିଆରେ ପୋଷ୍ଟ କରିବା ପରେ ଡିଜେ ବାଦକ ସୋମନାଥ ବରଗଛରେ ଆମ୍ହତ୍ୟା କରିଛନ୍ତି । ଏୟାରଫିଲ୍ଡ ଥାନା ଅଞ୍ଚଳରେ ଡିଜେ ବାଦକଙ୍କ ଘର ହୋଇଥିବାରୁ ସେ ତାଙ୍କ ଘର ପଛପାଖ ବରଗଛରେ ମା'ଙ୍କ ଓଢଣୀ ସହାୟତାରେ ଆମ୍ହତ୍ୟା କରିଥିବା ଖବର ପାଇ ପୋଲିସ ପହଞ୍ଚି ଶବ ଜବତ କରିବା ସହ ପଞ୍ଚନାମା କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି । ପ୍ରେମରେ ବିଫଳ ହେବା ପରେ ସେ ହତୋତ୍ସାହ ହୋଇ ଇନ୍‌ଷ୍ଟାଗ୍ରାମ୍ ଓ ଫେସ୍‌ବୁକ୍‌ରେ ପ୍ରେମିକାଙ୍କ ଉଦ୍ଦେଶ୍ୟରେ ମନର କଥାକୁ ଷ୍ଟୋରୀ ଆକାରରେ ଅପ୍‌ଲୋଡ୍ କରି ଆମ୍ହତ୍ୟା କରିଛନ୍ତି ।

ସବୁଦିନ ପାଇଁ ମୁଁ ଦୁନିଆ ଛାଡି ଚାଲିଯାଉଛି, ଲେଖିବା ସହ ପ୍ରେମିକାର ଫଟୋକୁ ପୋଷ୍ଟ କରି ତା'ତଳେ "ଆଇ ମିସ୍‌ୟୁ' ବୋଲି ଲେଖିଛନ୍ତି । ଡିଜେ ବାଦକ ତାଙ୍କ ଘର ପାଖରେ ଜଣେ ଯୁବତୀଙ୍କୁ ଦୀର୍ଘଦିନ ହେବ ପ୍ରେମ କରୁଥିଲେ । ସେ ତାଙ୍କୁ ପ୍ରତାରଣା କରିବାରୁ ମାନସିକ ଭାରସାମ୍ୟ ହରାଇ ବରଗଛରେ ଆମ୍ହତ୍ୟା କରିଛନ୍ତି । ଆମ୍ହତ୍ୟା କରିବା ପୂର୍ବରୁ ସୋସିଆଲ୍ ମିଡିଆରେ ସେ ତାଙ୍କ ମନର କଥାକୁ ପ୍ରେମିକା ଉଦ୍ଦେଶ୍ୟରେ ଅପ୍‌ଲୋଡ୍ କରିବାକୁ ନେଇ ସେହି ଅଞ୍ଚଳରେ ଚର୍ଚ୍ଚା ହେଉଛି ।

## ହସ୍ପିଟାଲରେ ଭୁଲ ଇଞ୍ଜେକ୍ସନ୍ ଯୋଗୁଁ ରୋଗୀ ମୃତ

ପୁରୀ (ସବ୍ୟୁ): ରବିବାର ସକାଳେ ପୁରୀ କୁମ୍ଭାରପଡା ଥାନା ନିକଟ ଘରୋଇ ଶ୍ୟାମାଶ୍ରୀ ହସ୍ପିଟାଲରେ ଅଭାବନୀୟ ଘଟଣା ଘଟିଛି । ଚିକିତ୍ସା ଅବହେଳା ଏବଂ ଭୁଲ ଇଞ୍ଜେକ୍ସନ ଯୋଗୁଁ ଜଣେ ମହିଳା ରୋଗୀଙ୍କ ଜୀବନ ଚାଲି ଯାଇଛି । ମୃତ ମହିଳା ଜଣଙ୍କ ହେଉଛନ୍ତି ପୁରୀ ସଦର ଥାନା ଅନ୍ତର୍ଗତ ଚାରିନଳା ଗ୍ରାମର ପୂଜାରାଣୀ ଦଳେଇ। ତେବେ ରୋଗୀ ମୃତ୍ୟୁ ଘଟଣାକୁ ନେଇ ପରିବାର ସଦସ୍ୟ ଏବଂ ସମ୍ପର୍କୀୟ ମାନେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରି ଥିଲେ । ଫଳରେ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା । ଦୀର୍ଘ ସମୟ ଧରି ରାସ୍ତା ଉପରେ ଟାୟାର ଜାଳି ମୃତକଙ୍କ ପରିବାର ଲୋକେ ଧାରଣରେ ବସିଥିଲେ। ଖବର ପାଇ ପୁରୀ ଜିଲ୍ଲାପାଳ, ଏସ୍ପି, ଡିଜିପି, ଲୋକସଭା ସାଂସଦ ପହଞ୍ଚି ମୃତକଙ୍କ ପରିବାର ଲୋକକୁ ବୁଝାସୁଝା କରିବା ପରିସ୍ଥିତି ଶାନ୍ତ ପଡିଥିଲା । ଚିକିତ୍ସା ଅବହେଳା ଓ ଭୁଲ ଇଞ୍ଜେକ୍ସନ ନେଇ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ଆସିବା ପରେ ସିଡ଼ିଏମଓଙ୍କ ଅଦ୍ଧକ୍ଷତାରେ ଏକ ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ ହୋଇଛି । ଚିକିତ୍ସା ଅବହେଳା ନେଇ ପ୍ରମାଣିତ ହେଲେ ସମ୍ପୃକ୍ତ ହସ୍ପିଟାଲ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ କହିଛନ୍ତି ।

# ପ୍ରତି ବର୍ଷ ପରି ଏଥର ବି ସୋଲଫୁଲରେ ଝଲସିବ ୩ ରଥ

## ପ୍ରଭୁଙ୍କ ଆଶୀର୍ବାଦରୁ ଚାଲିଛି ୨୫ବର୍ଷର ସେବା



ଖୋର୍ଦ୍ଧା, (ଲଳିତ ମୋହନ ମହାପାତ୍ର): ବିଶ୍ୱପ୍ରସିଦ୍ଧ ପବିତ୍ର ଘୋଷଯାତ୍ରାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଭଗବାନ ଓ ଭକ୍ତ ମିଳନକୁ ଉତ୍କଣ୍ଠାର ସହିତ କୋଟି କୋଟି ଭକ୍ତ ଚାହିଁ ବସିଛନ୍ତି।ବିଶ୍ୱାସ ରହିଛି ମହାପ୍ରଭୁ ଜଗନ୍ନାଥ ହେଉଛନ୍ତି ଚଳନ୍ତି ପ୍ରତିମା। ଘୋଷଯାତ୍ରାରେ ଭକ୍ତଙ୍କ ଗହଣକୁ କୋଳାହଳ କରି ଆସୁଥିବା ବେଳେ ସେ ହେଉଛନ୍ତି ସମନ୍ୱୟର ଦେବତା । ତାଙ୍କ ନିକଟରେ ଜାତି, ଧର୍ମ ଛୁଆଁ ଅଛୁଆଁ ଭେଦଭାବ ନଥାଏ। ଘୋଷଯାତ୍ରାକୁ ଆଖି ଆଗରେ ରଖି ଅକ୍ଷୟ ତୃତୀୟା ଠାରୁ ରଥଖଳା ଚଳଚଂଚଳ ହେବାରେ ଲାଗିଛି। ପ୍ରତ୍ୟେକ ଭକ୍ତର ମନରେ ଥାଏ ଜଗନ୍ନାଥ ସେବାର ସୁଯୋଗ ପାଇଲେ ନିଜ ଜୀବନ ସାର୍ଥକ ହୋଇଥାଏ। ଯାହାକୁ ହୃଦୟର ସହିତ ବେଶ ଅନୁଭବ କରିଥିଲେ ଖୋର୍ଦ୍ଧା ସହରର ଗୁରୁଜଙ୍ଗ ଗ୍ରାମ ଭୋଇ ସାହିର ରାଜ କିଶୋର ନାୟକ ଏବଂ ତାଙ୍କ ପରିବାର।ତେଣୁ ଗତ ୨୫ବର୍ଷ ହେବ ସୋଲଫୁଲ ପ୍ରସ୍ତୁତ କରି ଶ୍ରୀ କ୍ଷେତ୍ରର ନନ୍ଦିଘୋଷ,ତାଳଧ୍ୱଜ, ଦେବଦଳନ ରଥ ପାଇଁ ସୋଲଫୁଲ ଯୋଗାଇ ଆସୁଛନ୍ତି। ଚଳିତ ବର୍ଷ ମଧ୍ୟ ଚତୁର୍ଦ୍ଧାମୂର୍ତ୍ତିରେ ରଥାରୁଢ଼ ହେବାକୁଥିବାବେଳେ ସୋଲଫୁଲ ଲଗାଇବା ନେଇ ଉତ୍ସାହ ତାଙ୍କ ମନରେ ଭରିଦେଇଛି। ବିଗତ ୨୫ବର୍ଷ ଧରି ନିଜକୁ ଜଗନ୍ନାଥଙ୍କ ସେବକ ବୋଲି ଦାବି ରାଜ କିଶୋର କରୁଥିବା ବେଳେ ନେତ୍ର ଉତ୍ସବରେ ସୋଲଫୁଲ ତିନି ରଥରେ ସଜାଇବା ନେଇ ପ୍ରସ୍ତୁତି ତାଙ୍କର ଶେଷ ପର୍ଯ୍ୟାୟରେ ପହଁଚିଛି। ଏପର୍ଯ୍ୟନ୍ତ ସରକାର କିମ୍ବା ମନ୍ଦିର ପ୍ରଶାସନ ନାଲି ଟୋଲିଟିଏ ପାରିଶ୍ରମିକ ବାବଦ ଅର୍ଥ ଦେଇନଥିବା ରାଜ କିଶୋର ପ୍ରକାଶ କରିଛନ୍ତି। ଯାହା ଫଳରେ ଅଧିକା ରଙ୍ଗବେରଙ୍ଗ ସୋଲଫୁଲ ଲଗାଇବାକୁ ଆଶା ଥିବା ଅର୍ଥ ବାଧକ ସାଜିଛି। ସୋଲଫୁଲ ପ୍ରସ୍ତୁତ କାମରେ କେବଳ ରାଜ କିଶୋର ନୁହେଁ ତାଙ୍କର ପରିବାର ସୋଲ ଫୁଲ ପ୍ରସ୍ତୁତରେ ଲାଗିପଡ଼ିଛନ୍ତି। ରଥରେ ସୋଲଫୁଲ ଚଢ଼ିବା ପର୍ଯ୍ୟନ୍ତ ଆମିଷ ପରିବାରରେ ବନ୍ଦ ହୋଇଯାଇଛି। ରାଜ କିଶୋର ଏବଂ ତାଙ୍କ ପରିବାର ୨୦୦୦ ମସିହା ଠାରୁ ଯୋଗାଇଥିବା ବେଳେ ଗତ ୨୦୦୪ ମସିହାଠାରୁ ଜଗନ୍ନାଥ ମନ୍ଦିର କାର୍ଯ୍ୟାଳୟ ଅନୁମତି ପ୍ରଦାନ କରିଆସୁଛନ୍ତି। ରାଜ କିଶୋରଙ୍କ କହିବା କଥା ଏହି ସୋଲ କାମ କରିବାରେ ତାଙ୍କର ଜେଜେ ବାପା,ବାପା ବେଶ ନିପୁଣ ଥିଲେ। ଯାହା ଫଳରେ ସ୍ଥାନୀୟ ଅଂଚଳରେ ଅନୁଷ୍ଠିତ ଦୋଳ,ମେଳଣ ସମେତ ବିବାହ, ବ୍ରତ ସମୟରେ ତାଙ୍କୁ ଲୋକ ଖୋଜୁଥିଲେ। ତାଙ୍କ ପ୍ରେରଣାରେ ସେ ସୋଲ ଫୁଲ କାମ ସିଖିଥିଲେ। କିଛି ବର୍ଷ ତଳେ ନିଜର ସାଙ୍ଗ ସହିତ ରାଜ କିଶୋର

### ସତ ହେଲା ପ୍ରଭୂଙ୍କ ସ୍ୱପ୍ନାଦେଶ

ଶ୍ରୀକ୍ଷେତ୍ର କୁ ଘୋଷଯାତ୍ରା ଦେଖିବାକୁ ଯାଇଥିଲେ। ମାତ୍ର ତିନିରଥ ଗୁଡିକ ଖାଲି ଦେଖିବା ନେଇ ମନରେ କଷ୍ଟ ଅନୁଭବ କରିବାପରେ ମହାପ୍ରଭୁଙ୍କ ଆର୍ଶିବାଦ ହେଲେ ସୋଲଫୁଲ ଲଗାଇବା ନେଇ ମନସ୍ଥ କରିଥିଲେ। ଶେଷରେ ସେ ଯାହା ଆଶା କରୁଥିଲେ ମହାପ୍ରଭୁ ତାଙ୍କର ଗୁହାରୀ ଶୁଣିଥିଲେ। ହଠାତ୍ ବାଟରେ ଫେରିବା ସମୟରେ ଏକ ଆଲୌକିକ ଶକ୍ତି ଅନୁଭବ ସହିତ ତିନି ରଥରେ ସୋଲଫୁଲ ଲଗାଇବାକୁ ସ୍ୱପ୍ନାଦେଶ ହୋଇଥିଲା। ମାତ୍ର ସେହିଦିନ ଠାରୁ ରାଜ କିଶୋର ଆଉ ପଛକୁ ଫେରିନାହାନ୍ତି। ଯେତେ ସମସ୍ୟା ଆସିଲେ ସୁଧା ପ୍ରତିବର୍ଷ ସୋଲଫୁଲ ପ୍ରସ୍ତୁତ କରି ଶ୍ରକ୍ଷେତ୍ରର ତିନିରଥରେ ସଜାଇଆସୁଛନ୍ତି। ଚଳିତ ବର୍ଷ ପାଇଁ ରାଜଙ୍କର ସପରିବାର ସୋଲର କଦମ୍ବଫୁଲ ସେବତୀ ଓ ଅନ୍ୟ ରଙ୍ଗବେରଙ୍ଗର ସୋଲଫୁଲ ପ୍ରସ୍ତୁତ କରିବାରେ ବ୍ୟସ୍ତ। ଫୁଲ କାମ ପ୍ରାୟ ଶେଷ ପର୍ଯ୍ୟାୟରେ ପହଁଚିଛି। ବିଭିନ୍ନ ରଙ୍ଗର ସୂତା ,ଜମ୍ବୁରା, ଚୁମୁକି, ବାଉଁଶକଣୀ, ପରିଜିନିଷ ଲଗାଇ ସୁସଜ୍ଜିତ କରାଯାଇଛି। ଆଉ ଏହା ପରେ ରାଜ ଓ ତାଙ୍କ ପରିବାରର ୮ରୁ ୧୦ଜଣ ସଦସ୍ୟ ସୂତାରେ ବାନ୍ଧି ବିଭିନ୍ନ ରଙ୍ଗବେରଙ୍ଗ ସୋଲଫୁଲ ପ୍ରସ୍ତୁତ କରିଛନ୍ତି।ଏବେ କେବଳ ଅପେକ୍ଷା କେତେ ବେଳେ ନେତ୍ର ଉତ୍ସବ ହେବ।ତେଣୁ ସମୟ ପାଖେଇ ଆସୁଥିବା ପ୍ରସ୍ତୁତ ସୋଲ ଫୁଲ ରଥରେ ଲଗାଇବେ ତାକୁ ଅପେକ୍ଷା କରିଛନ୍ତି।ପାରିଶ୍ରମିକ ନମିଳିଲେ ମଧ୍ୟ ପ୍ରଭୁଙ୍କର କାର୍ଯ୍ୟ କରି ନିଜକୁ ଆନନ୍ଦ ମିଳିଥାଏ ବୋଲି ରାଜକିଶେରଙ୍କର ପରିବାର କହିଛନ୍ତି।

# ଓଡିଶା ରେଳ ବିକାଶର ସଫଳ ବିନ୍ଧାଣି ସାତକଡ଼ି ହୋତା




ଭୁବନେଶ୍ୱର, (ସବ୍ୟୁ): ଓଡିଶା ରେ ରେଳ ବିକାଶ ର ସଫଳ ବିନ୍ଧାଣି ଓ କିମ୍ବଦନ୍ତୀ ପୁରୁଷ ସାତ କଡ଼ି ହୋତା ଅଟନ୍ତି ବୋଲି ପ୍ରଭାତ କୁମାର ନନ୍ଦ ଙ୍କ ସଭାପତି ତ୍ୱରେ ଓଡିଶା ଲେଖକ ସମବାୟ ସମିତି ପରିସର ରେ ଅନୁଷ୍ଠିତ ସତକଡି ହୋତା ସ୍ମୃତି ସଂସଦ ର ମାସିକ ଆଲୋଚନା ଚକ୍ର ରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଡ଼କ୍ଟର ଅଲେଖ ଚନ୍ଦ୍ର ପଢ଼ିଆରୀ ବିଭିନ୍ନ ଉଦାହରଣ ମାଧ୍ୟମ ରେ ପ୍ରକାଶ କରିଛନ୍ତି । ବକ୍ତା ଓ ଆଲୋଚକ ଭାବେ ନାଟ୍ୟକାର ବିଜୟକୁମାର ମହାନ୍ତି, ସିଦ୍ଧାର୍ଥ କାନୁନଗୋ, ପିତାମ୍ବର ରଥ, ପ୍ରହଲ୍ଲାଦ ସାହୁ, ଶ୍ରୀବସ ମହାପାତ୍ର, ଶୁଭେନ୍ଦୁ ପରିଡା ଆଦି ଯୋଗଦାନ କରି ଡ଼କ୍ଟର ହୋତା ଙ୍କ ବହୁମୁଖୀ ପ୍ରତିଭା ଉପରେ ସୁବିସ୍ତୃତ ଆଲୋଚନା କରିଥିଲେ, ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହ ଡ଼କ୍ଟର ହୋତାଙ୍କ ସହ ବିଗତ ଦିନ ର ଅନୁଭୂତି ବର୍ଣନା କରିଥିଲେ, ବିଶିଷ୍ଟ ସାମ୍ବାଦିକ ତଥା ଲୋକସେବକ ମଣ୍ଡଳ ର ରାଷ୍ଟ୍ରୀୟ ସମ୍ପାଦକ ନିରଞ୍ଜନ ରଥଙ୍କ ବିୟୋଗରେ ଦୁଇ ମିନିଟ ନିରବ ପ୍ରାଥନା କରାଯାଇଥିଲା । ତପନ କୁମାର କର ଧନ୍ୟବାଦ ଅର୍ପଣକରିଥିଲେ।

# ଚିକିତ୍ସା ବାହାନାରେ ମା'ଙ୍କଠାରୁ ୧୦ଲକ୍ଷ ଟଙ୍କା ହଡପ

ଭୁବନେଶ୍ୱର, (ସବ୍ୟୁ) : ଚିକିତ୍ସା ବାହାନାରେ ମା'ଙ୍କଠାରୁ ୧୦ଲକ୍ଷ ଟଙ୍କା ଓ ଗହଣା ହଡପ କରିଥିବା ଝିଅ-ଜ୍ୱାଇଁଙ୍କୁ ପଚରାଉଚରା କରୁଛି ନୂଆପଲ୍ଲୀ ଥାନା ପୋଲିସ । ଏ ସମ୍ପର୍କରେ ସାନଝିଅ ପ୍ରତିମା ନାୟକ ଏତଲା କରିଥିବା ପୋଲିସ କହିଛି ।

ପ୍ରତିମାଙ୍କ କହିବାନୁଯାୟୀ ମା'ଙ୍କ ବ୍ରେନ୍‌ଷ୍ଟ୍ରୋକ୍ ହେବା ପରେ ବଡମଝିଆ ଭଉଣୀ ପଦ୍ମାବତୀ ନାୟକ ଓ ତାଙ୍କ ସ୍ୱାମୀ ସରୋଜ ନାୟକ ଚିକିତ୍ସା ପାଇଁ ପାଖରେ ଆଣି ରଖିଥିଲେ । କିଛିଦିନ ପାଖରେ ରଖିବା ପରେ ଚିକିତ୍ସା ବାହାନାରେ ମା'ଙ୍କ ଠାରୁ ଟିପଚିହ୍ନ ନେଇ ବ୍ୟାଙ୍କରୁ ୧୦ଲକ୍ଷ ଟଙ୍କା ଉଠାଇ ନେଇଥିଲେ । ଟଙ୍କା ଉଠାଇବା ପରେ ଚିକିତ୍ସା ତ ଦୂରର କଥା ମା'ଙ୍କ ସୁନା ଗହଣା ସବୁ ପଦ୍ମାବତୀ ନିଜ ଦଖଲକୁ ନେଇଯାଇଥିଲା । ଏ ସମ୍ପର୍କରେ ପ୍ରତିମା ଜାଣିବା ପରେ ଭରତପୁର ଥାନାରେ ଏତଲା କରିଥିଲେ । ସେମାନେ ନୂଆପଲ୍ଲୀ ଥାନା ଅଞ୍ଚଳରେ ରହୁଥିବାରୁ ଭରତପୁର ଥାନା ପୋଲିସ ମାମଲାକୁ ନୂଆପଲ୍ଲୀ ଥାନାକୁ ହସ୍ତାନ୍ତର କରିବା ପରେ ତଦନ୍ତ ଜାରି ରହିଛି ।

ଏତଲାକାରୀ ସାନଝିଅ ପ୍ରତିମାଙ୍କ କହିବାନୁଯାୟୀ ପଦ୍ମାବତୀ ଓ ତାଙ୍କ ସ୍ୱାମୀ ମା'ଙ୍କ ଟଙ୍କା ଓ ଗହଣା ଫେରାନ୍ତୁ । ଟଙ୍କା ଓ ଗହଣା ନଫେରାଇଲେ ସେମାନଙ୍କ ସହ ସାଲିସ୍ କରିବାର ପ୍ରଶ୍ନ ଉଠୁନାହିଁ । ପୋଲିସ କହିବାନୁଯାୟୀ ତଦନ୍ତ ଜାରି ରହିଛି, ଆଗକୁ ବଢ଼ିଲେ ଗଣମାଧ୍ୟମକୁ ଏ ସମ୍ପର୍କରେ ସବିଶେଷ ସୂଚନା ଦିଆଯିବ ।

## ଭିଏସ୍‌ଏସ୍ ନଗର ରଥ ଯାତ୍ରା ପ୍ରସ୍ତୁତି କମିଟି ବୈଠକ

# ୨୪ ରେ ଖୋଲିବ ଓଭରବ୍ରିଜ ପାଖ ସର୍ଭିସ୍ ରୋଡ୍



ଭୁବନେଶ୍ୱର (ସବ୍ୟୁ): ବୀର ସୁରେନ୍ଦ୍ର ସାଏ ନଗରର ରଥ ଯାତ୍ରା ପାଇଁ ପ୍ରସ୍ତୁତି କମିଟି ବୈଠକ ଡି ଏଲ କଲୋନୀ ସ୍ଥିତ ଭୁବନେଶ୍ୱରୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ରେଳ ଓଭରବ୍ରିଜ ପାଖ ରାସ୍ତା ନିର୍ମାଣ ଶେଷ ହୋଇ ନଥିବାରୁ ଏହା ଭି ଏସ୍ ଏସ୍ ନଗର ରଥ ଯାତ୍ରା ପାଇଁ ସବୁଠାରୁ ମୁଖ୍ୟ ସମସ୍ୟା ହେବ ବୋଲି ଆଶଙ୍କା କରି ଏହି ବୈଠକକୁ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଇଂ. ବିମଳ ଦାଶଙ୍କୁ ନିମନ୍ତ୍ରଣ କରାଯାଇଥିଲା। ଭୁବନେଶ୍ୱରୀ ମନ୍ଦିର କମିଟିର ସଭାପତି ଡ. ଜୟନ୍ତ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଇଂ. ବିମଳ ଦାଶ ଯୋଗ ଦେଇ ଆସନ୍ତା ୨୪ ତାରିଖରେ ଏହି ସର୍ଭିସ୍ ରୋଡ ଖୋଲିବ ଓ ରଥଯାତ୍ରା ପୂର୍ବରୁ ଏହି ରାସ୍ତା ପାଖରେ ଥିବା ଡ୍ରେନ ଉପରେ ସ୍ଲାପ ପଡିବା ସହିତ ଡାକ୍ତରଖାନା ସମ୍ମୁଖ ଓ ଲେବଲକ୍ରସିଙ୍ଗ ପାଖରେ ରାସ୍ତା ଉପରେ ଥିବା ଗାତକୁ ପୋତାଯିବ ବୋଲି ଦୃଢତାର ସହିତ କହିଥିଲେ। ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା ଏହି ବୈଠକରେ ଯୋଗଦେଇ ନିର୍ମାଣ ଚାଲିଥିବା ସର୍ଭିସ୍ ରୋଡ ସହିତ ଅପର ପାଖ ସର୍ଭିସ୍ ରୋଡ କାମ ଅତିଶିଘ୍ର ଆରମ୍ଭ କରିବା ପାଇଁ ବିମଳ ବାବୁଙ୍କୁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱରୀ ମନ୍ଦିର କମିଟିର ସମ୍ପାଦକ ପ୍ରତାପ କୁମାର ନନ୍ଦ, ଉନ୍ନୟନ ପରିଷଦର ଯୁଗ୍ମ-ସମ୍ପାଦକ ଚିନ୍ତାମଣି ବାରିକ, ଭୁବନେଶ୍ୱରୀ ମନ୍ଦିର କମିଟିର ଧରଣୀଧର ରାଉତ, ପ୍ରେମାନନ୍ଦ ଲେଙ୍କା, ପ୍ରକାଶ କୁମାର ଦାସ, ରବିନାରାୟଣ ରାୟ, ରାଖାଲ ଚନ୍ଦ୍ର ମହାନ୍ତି, ନବକିଶୋର ବେଉରା, ଅସିମ କୁମାର ସିହ୍ନା ଓ କେଶବ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।

### ବାଇକ ଧକ୍କାରେ ମହିଳା ମୃତ

ରଣପୁର, (ସବ୍ୟୁ) : ଶନିବାର ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଏକ ନମ୍ବର ଓ୍ୱାର୍ଡର ଜନୈକ ମହିଳାଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ରଣପୁର ଏନ୍‌ଏସି ଏକ ନମ୍ବର ୱାର୍ଡ ର ବିରଞ୍ଚି ନାରାୟଣ ସାହୁଙ୍କ ପତ୍ନୀ ହାରାମଣି ସାହୁ (୫୪) ଶନିବାର ସକାଳେ ଔଷଧ ଆଣିବା ପାଇଁ ରାଜସୁନାଖଳା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇଥିଲେ । ଔଷଧ ଆଣି ଫେରୁଥିବା ବେଳେ ମଧ୍ୟାହ୍ନ ରଣପୁର ହାଟସାହି ସ୍ଥିତ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଏକ ଅଜଣା ବାଇକ ଧକ୍କା ହୋଇ ତଳେ ପଡିଯାଇ ଗୁରୁତର ଆହତ ହୋଇଥିଲେ । ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଡାକ୍ତର ସେଠାରେ ହାରାମଣିଙ୍କ ମୃତ ଘୋଷଣା କରିଥିଲେ ।

## ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ

# ଦୁଇ ଜଣଙ୍କୁ ଅଧା ଲଣ୍ଡା କରି ଆଣ୍ଠୁରେ ଚଲେଇଲେ : ନର୍ଦ୍ଦମା ପାଣି ପିଆଇଲେ

ଧରାକୋଟ, (ସବ୍ୟୁ): ଗାଁ ଦାଣ୍ଡରେ କଙ୍ଗାରୁ କୋର୍ଟ । ଦୁଇ ଜଣ ଦଳିତଙ୍କୁ ଅଧା ଲଣ୍ଡା କରି ଗାଁ ଦାଣ୍ଡରେ ଆଣ୍ଠେଇଲେ । ଆଣ୍ଠେଇ ଦୁଇ କିଲୋ ମିଟର ଚଲେଇବା ସହ ନର୍ଦ୍ଦମାର ମଇଳା ପାଣି ପିଆଇଲେ ଲୋକେ । ଏମିତି ଏକ ଅଭାବନିୟ ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଧରାକୋଟ ଥାନା ଅନ୍ତର୍ଗତ ଖାରିଗୁମ୍ମା ଗ୍ରାମ ରାଜରାସ୍ତାରେ । ଅକାରଣରେ ଦଣ୍ଡ ପାଇଥିବା ଦୁଇ ବ୍ୟକ୍ତି ହେଲେ ସୀଙ୍ଗିପୁର ଗ୍ରାମର ବୁଲୁ ନାୟକ ଓ ବାବୁଲା ନାୟକ । ସୂଚନା ଅନୁସାରେ ଝିଅକୁ ଯୌତୁକ ଦେବା ପାଇଁ ଦୁଇ ଦଳିତ ବ୍ୟକ୍ତି ହରିପୁରରୁ ତିନୋଟି ଗାଈ ଧରି ସିଙ୍ଗିପୁର ଯିବା ବେଳେ ଖାରିଗୁମ୍ମା ଠାରେ ତାଙ୍କୁ କିଛି ଲୋକ ଅଟକାଇବା ସହ ଗୋଚାଲାଣ କରୁଥିବା କହି ପଇସା ମାଗିଥିଲେ । ପଇସା ନଦେବାରୁ ଦୁଇ ନିରୀହ ଲୋକକୁ ମାଡ ମାରିବା ସହ ସେଲୁନରେ ଅଧା ଲଣ୍ଡା କରିଥିଲେ । ଅଧା ଲଣ୍ଡା କରି ଦୁଇ ଦଳିତଙ୍କୁ ଖାରିଗୁମ୍ମା ଠାରୁ ପାଦରେ ଚଲାଇ ଜାହାଡା ଆଣି ଜାହାଡା ଗାଁ ଦାଣ୍ଡରେ ପାଖାପାଖି ଦୁଇ କିଲୋମିଟର ରାସ୍ତା ଆଣ୍ଠେଇ ଆଣ୍ଠେଇ ଚଲାଇଥିଲେ । ଦୁଇ ଦଳିତଙ୍କୁ ଘାସ ଖାଇବାକୁ ଦେବା ସହ ନର୍ଦ୍ଦମାର ମଇଳା ପାଣି ପିଇବାକୁ ବାଧ କରାଇଥିଲେ । ତେବେ ସୁଯୋଗ



ପାଇ ଦୁଇ ଦଳିତ ବ୍ୟକ୍ତି ସେଠାରୁ ଖସି ଆସିଥିବା ବେଳେ ଏନେଇ ଧରାକୋଟ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୁକ୍ତଙ୍କ ମୁଣ୍ଡ ଆଉ ପିଠିରେ ଆଘାତ ଲାଗିଥିବା ବେଳେ ଧରାକୋଟ ପୋଲିସ ତାଙ୍କୁ ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରିବା ସହ ଘଟଣାରେ ତଦନ୍ତ କରୁଛି । ଏ ନେଇ ଧରାକୋଟ ଥାନାରେ ମାମଲା ରୁଜୁ ହେବା ସହ ଏ ଘଟଣାରେ ସାତରୁ ଆଠ ଜଣ ଅଭିଯୁକ୍ତ ସଂପୃକ୍ତ ଥିବା ନେଇ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ସୂଚନା ଦେଇଛନ୍ତି । ଏପରି ଏକ ସାଙ୍ଘାତିକ ଘଟଣାରେ ଯିଏବି ଆଇନକୁ ହାତକୁ ନେଇଛି ସେମାନଙ୍କୁ କଠୋର ଦଣ୍ଡ ଦିଆଯିବ ବୋଲି ଥାନା ଅଧିକାରୀ କହିଛନ୍ତି । ଏସଂକ୍ରାନ୍ତରେ ଜଣକୁ ଧରାକୋଟ ପୁଲିସ ଅଟକ ରଖି ତଦନ୍ତ କରୁଛି ।

# କେଶରୀୟା ହିନ୍ଦୁ ବାହିନୀ ପକ୍ଷରୁ ରାଷ୍ଟ୍ରପତିଙ୍କ ଜନ୍ମଦିନ ପାଳନ




ଭୁବନେଶ୍ୱର (ସବ୍ୟୁ): କେଶରୀୟା ହିନ୍ଦୁ ବାହିନୀ ଓଡ଼ିଶା ସଂଗଠନ ତରଫରୁ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଙ୍କ ଜନ୍ମଦିନ ୟୁନିଟ୍- ୯ ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ମହା ଆଡ଼ମ୍ବରରେ ପାଳନ କରାଯାଇଛି । ଏଥିରେ ମୂଖ୍ୟ ଅତିଥି ଭାବେ ଡ଼ଃ ଅଭୟ କୁମାର ପରିଡ଼ା,(ସତସଙ୍ଗ ବିହାର ମୂଖ୍ୟ), ଡଃ ପ୍ରଫୁଲ୍ଲ କୁମାର ମହାନ୍ତି,( ଜେନେରାଲ ସେକ୍ରେଟାରୀ, ଜିଏଚ୍‌ଆରଟି ଓଡ଼ିଶା),ଶ୍ରୀମତୀ ଶୈଳଭାମା ମହାପାତ୍ର ( ସଂଗିତ କାର), ଅଜିତ୍ କୁମାର ଦାଶ, ଡଃ ମାନସ କୁମାର ଦାଶ, ସମେତ କେଶରୀୟା ହିନ୍ଦୁ ବାହିନୀ ର ମୁଖ୍ୟ ଉପଦେଷ୍ଟା ପିୟୂଷ ମହାନ୍ତି, ପ୍ରତିଷ୍ଠାତା ରୁଦ୍ରନାରାୟଣ ଜିତ ବାବୁ, କର୍ଯ୍ୟ କାରୀଣି ସଭାପତି ଶ୍ରୀଯୁକ୍ତ ଆରିୟବ୍ରତ ସାମଲ, ମାର୍ଗ ଦର୍ଶକ ପ୍ରସନ୍ନ ମହାନ୍ତି, ମିଡ଼ିଆ ପ୍ରଭାରି ସୁଶାନ୍ତ କୁମାର ଦାସ, ମିଡ଼ିଆ ପ୍ରଭାରି ଗୋଲକ ବିହାରୀ ଦୀକ୍ଷିତ, ସାଂସ୍କୃତିକ ପ୍ରକୋଷ୍ଠ ଅଧ୍ୟକ୍ଷ ସରୋଜ କୁମାର ଜେନା, ସଭା ପରିଚାଳନା କରିଥିଲେ । ଯୁବମୋର୍ଚ୍ଚା ଅଧ୍ୟକ୍ଷ ପ୍ରଣବ ଦାସ, କୋଷାଧ୍ୟକ୍ଷ ଦେବାଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ମଣ୍ଡିତ କରିଥିଲେ।

### ଗ୍ୟାସ ସିଲିଣ୍ଡର ଚୋରି ଘଟଣା : ୨ ଗିରଫ

ଜଟଣୀ, (ସବ୍ୟୁ) : ଗ୍ୟାସ ସିଲିଣ୍ଡର ଲୁଟିନେବା ଘଟଣାରେ ଜଟଣୀ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଦୁଇ ଅଭିଯୁକ୍ତ ହେଲେ ସ୍ଥାନୀୟ ଗୋପବନ୍ଧୁ ନଗର ଅଂଚଳର ଆଲୋକ ହଦ ଓରଫ ବାବୁ ଓ ବିଡିଏ କଲୋନୀର ସମୀର ରାୟ। ସେମାନଙ୍କ ଠାରୁ ଗ୍ୟାସ ସିଲିଣ୍ଡର ଓ ଗୋଟିଏ ବାଇକ ପୁଲିସ ଜବତ କରିଛି। ଅଭିଯୋଗକାରୀ ପ୍ରକାଶ ସାହୁ ଗ୍ୟାସ ସିଲିଣ୍ଡର ବିତରକ ଭାବେ କାର୍ଯ୍ୟ କରନ୍ତି। ଗତ ୧୯ ତାରିଖ ଅପରାହ୍ନରେ ତାଙ୍କ ବାଇକ୍‌ରେ ୩ଟି ଗ୍ୟାସ ସିଲିଣ୍ଡର ଲଦି ଗ୍ରାହକଙ୍କୁ ଦେବା ପାଇଁ ସ୍ଥାନୀୟ ରାଜାବଜାର ଅଂଚଳକୁ ଯାଇଥିଲେ। ଗୋଟିଏ ସିଲିଣ୍ଡର ଦୁର୍ବୃତ୍ତ ଲୁଟି ନେଇଥିବା ଦେଖିବାକୁ ପାଇଥିଲେ। ଏନେଇ ପ୍ରକାଶ ଥାନାରେ ଅଭିଯୋଗ କଲା ପରେ ପୁଲିସ ଦୁଇ ଅଭିଯୁକ୍ତଙ୍କୁ କାବୁ କରିଥିଲା।

# ଓଇଏସ୍‌ରେ କର୍ମଶାଳା : 'ଖଣି ବର୍ଜ୍ୟର ପରିଚାଳନା ଗୁରୁତ୍ୱପୂର୍ଣ୍ଣ'

ଭୁବନେଶ୍ୱର, (ସବ୍ୟୁ): ଖଣି ଉତ୍ତୋଳନ ଏବଂ ଶିଳ୍ପାୟନ ପ୍ରକ୍ରିୟା ଆଗକୁ ବଢ଼ିବା ସହିତ, ଅତିରିକ୍ତ ପ୍ରଦୂଷକ ପଦାର୍ଥସବୁର ମାନବ ପରିବେଶରେ ପ୍ରବେଶ ଘଟୁଛି, ଯାହାର ପରିଣାମରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହି ଚ୍ୟାଲେଞ୍ଜର ମୁକାବିଲା କରିବା ନିମନ୍ତେ, ସାଧାରଣତଃ ବର୍ଜ୍ୟ ଜଳ ଏବଂ ସମ୍ଭାବ୍ୟ ବିଷାକ୍ତ ପଦାର୍ଥ, ଭାରୀ ଧାତୁ ଏବଂ ରେଡ଼ିଓଆକ୍ଟିଭ ପଦାର୍ଥ ସମେତ ସୂକ୍ଷ୍ମ କଣିକାର ଏକ ସ୍ଲରି ରୂପେ ନିର୍ଗତ ହେଉଥିବା ଖଣି ବର୍ଜ୍ୟ ପଦାର୍ଥ (ଟେଲିଂ)କୁ ଗଚ୍ଛିତ କରି ରଖିବା ପାଇଁ ଟେଲିଂ ବନ୍ଧମାନ ନିର୍ମାଣ କରାଯାଏ। ଖଣି କାର୍ଯ୍ୟରୁ ନିର୍ଗତ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣ କରି ପରିବେଶ ପ୍ରଦୂଷଣକୁ ରୋକିବା ଏବଂ ମାନବ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଏହି ବନ୍ଧଗୁଡ଼ିକ ଅତ୍ୟନ୍ତ ଜରୁରୀ। ଓଡିଶା ବିବିଧ ଖଣିଜ ପଦାର୍ଥରେ ଭରପୂର ଏକ ରାଜ୍ୟ ହୋଇଥିବାରୁ, ଏହାର ବର୍ଦ୍ଧିତ ଖଣି କାର୍ଯ୍ୟକଳାପ ପରିପ୍ରେକ୍ଷୀରେ ସହନୀୟ ଏବଂ ସୁରକ୍ଷିତ ଖଣିବର୍ଜ୍ୟ ପରିଚାଳନା ନିମନ୍ତେ ଉନ୍ନତ ଭୂ-ପରିବେଶିକ ପଦ୍ଧତି ଗ୍ରହଣ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଖଣି ଉପ-ଉତ୍ପାଦକୁ ହ୍ରାସ କରିବା ଏବଂ ପରିବେଶଗତ ଅବକ୍ଷୟକୁ ରୋକିବା ପାଇଁ ଆମକୁ ବିଶ୍ୱସ୍ତରୀୟ ଉନ୍ନତିରୁ ଶିଖିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି, ଓଡ଼ିଶା ପରିବେଶ ସମିତି (ଓଇଏସ୍) ଆନୁକୂଲ୍ୟରେ ଏହାର



ସମ୍ମିଳନୀ କକ୍ଷରେ 'ସ୍ଥାୟୀ ଖଣିବର୍ଜ୍ୟ ବନ୍ଧ ନିର୍ମାଣ: ଭାରତୀୟ ଏବଂ ଅନ୍ତର୍ଜାତୀୟ ଅଭ୍ୟାସଗୁଡିକ ମଧ୍ୟରେ ସମନ୍ୱୟ' ବିଷୟବସ୍ତୁ ଉପରେ ଏକ କର୍ମଶାଳା ଆୟୋଜନ ହୋଇଯାଇଛି।

ଏହି କାର୍ଯ୍ୟକ୍ରମର ଅଧ୍ୟକ୍ଷତା କରିଥିଲେ ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀ ଏବଂ ଏହି ଅବସରରେ ମୁଖ୍ୟବକ୍ତା ଥିଲେ ଆମେରିକାର ଆରିଜୋନାରେ ଏଇକମ୍ କମ୍ପାନୀରେ କାର୍ଯ୍ୟରତ ବରିଷ୍ଠ ଭୂ-ବୈଜ୍ଞାନିକ ଇଞ୍ଜିନିୟର ଡ. ବିଭୂତି ଭୂଷଣ ପଣ୍ଡା। ତାଙ୍କ ବକ୍ତବ୍ୟରେ ଡ. ପଣ୍ଡା ଖଣି ପ୍ରକ୍ରିୟାକରଣ ମାଧ୍ୟମରେ ଇଚ୍ଛିତ ମୂଲ୍ୟବାନ ଖଣିଜ ପଦାର୍ଥ ନିଷ୍କାସନ ପରେ ବର୍ଜ୍ୟ କିପରି ପୃଥକ୍ କରାଯାଏ ଏବଂ ସାଧାରଣତଃ ମୃତ୍ତିକା କିମ୍ବା ପଥର ଖଣ୍ଡରେ ନିର୍ମିତ ବନ୍ଧରେ ଗଚ୍ଛିତ ରଖାଯାଏ, ତାହା ସ୍ପଷ୍ଟ ଭାବରେ ବର୍ଣ୍ଣନା କରିଥିଲେ। ସେ କହିଥିଲେ ଯେ ବନ୍ଧର ସ୍ଥିରତା ସୁନିଶ୍ଚିତ କରିବା ଏବଂ ଲିକ୍ କିମ୍ବା ବିଫଳତାକୁ ରୋକିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଅନ୍ୟଥା ମାନବ ସୁରକ୍ଷା ଏବଂ ପରିସଂସ୍ଥା ପାଇଁ ବିପଦ ସୃଷ୍ଟି କରିପାରେ। ଡ. ପଣ୍ଡା ଦୀର୍ଘକାଳୀନ ବିପଦକୁ ହ୍ରାସ କରିବା ପାଇଁ ଖଣିବନ୍ଧ ବନ୍ଧ ପରିଚାଳନାରେ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ ଏବଂ ନବସୃଜନ ବିଷୟରେ ତାଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା ବ୍ୟକ୍ତ କରିଥିଲେ । ଡ. ପାଣିଗ୍ରାହୀ ତାଙ୍କ ସଭାପତି ଅଭିଭାଷଣରେ ସମ୍ଭାବ୍ୟ ପରିବେଶୀୟ ଏବଂ ସୁରକ୍ଷା ବିପଦକୁ ହ୍ରାସ କରିବା ନିମନ୍ତେ ନଦୀବନ୍ଧଗୁଡ଼ିକର ଯତ୍ନର ସହିତ ଯୋଜନା ପ୍ରଣୟନ ଏବଂ ପରିଚାଳନା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଇଏସ୍ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ବର୍ଣ୍ଣନା କରିଥିଲେ ଏବଂ ଯୁଗ୍ମ ସମ୍ପାଦକ ଡ. ସୁରଭି ଜୈନ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଡ. ଲାଲା ଏ.କେ. ସିଂହ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିଥିଲେ । ହାଇବ୍ରିଡ୍ ପଦ୍ଧତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଭାପତି ଡ. ସୁନ୍ଦର ନାରାୟଣ ପାତ୍ର, ପ୍ର. କୃଷ୍ଣଚନ୍ଦ୍ର ସାହୁ, ପ୍ର. ବି ସୀତାରାମ ପାତ୍ର, ଡ. ଭି.ପି. ଉପାଧ୍ୟାୟ, ଡ. ଚିତ୍ତରଂଜନ ମିଶ୍ର, ଇଂ ଅଶୋକ ବେହେରା, ଇଂ ବିମଳ ମିଶ୍ର, ସ୍ୱପ୍ନା ବେହେରା, ପ୍ର. ନିମାଇଁ ଚରଣ ମିଶ୍ର, ଇଂ ରାମଚନ୍ଦ୍ର ତ୍ରିପାଠୀ, ବିପିନ ବିହାରୀ ପାଢ଼ୀ, ଭୁବନ ମୋହନ ପଟ୍ଟନାୟକ ଏବଂ ଇଂ ଶଶୀ ଭୂଷଣ ଦାଶ ପ୍ରମୁଖ ପ୍ରସଙ୍ଗର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ବହୁ ଓଇଏସ୍ ସଦସ୍ୟ ତଥା ଶିଳ୍ପ ଓ ଖଣି କ୍ଷେତ୍ରରେ ଅଭିଜ୍ଞତା ଥିବା ବ୍ୟକ୍ତି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ।

## ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର ନିର୍ବାଚନ

# ଧର୍ମବ୍ରତ ସଭାପତି, ମନୋରଞ୍ଜନ ସମ୍ପାଦକ

କଟକ, (ସବ୍ୟୁ): ରେଭେନ୍ସା ବିଶ୍ୱବିଦ୍ୟାଳୟ ସେଭେନ୍ ପିଲାର ଅଫ ୱିଜ୍‌ଡମରେ ରବିବାର ଓଡ଼ିଶା ବିଶ୍ୱବିଦ୍ୟାଳୟ ଶିକ୍ଷକ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟରୁ ପ୍ରାୟ ୨୦୦ରୁ ଅଧିକ ଶିକ୍ଷକ ଯୋଗ ଦେଇଥିଲେ। ଏଥିରେ ଓଡ଼ିଶା ଉଚ୍ଚଶିକ୍ଷା ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ ୨୦୨୪ ଅନୁଯାୟୀ ବିଶ୍ୱବିଦ୍ୟାଳୟଗୁଡ଼ିକୁ ସ୍ୱାୟତ୍ତ ଓ ଏହା କିପରି କାର୍ଯ୍ୟକାରୀ କରାଯିବ ,ସେଥିନେଇ ଆଲୋଚନା ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ବେନିୟମ ଭାବରେ ଆରମ୍ଭ କରାଯାଇଥିବା ଶିକ୍ଷକ ପଦବୀ ସଙ୍ଗତୀକରଣ ପ୍ରଚେଷ୍ଟାକୁ ତୁରନ୍ତ ବନ୍ଦ କରାଯାଉ ବୋଲି ସଂଘ ମତ ପୋଷଣ କରିଥିଲା। ଏହି ପରିପ୍ରେକ୍ଷୀରେ ସଂଘର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସର ଧର୍ମବ୍ରତ ମହାପାତ୍ର ସଭାପତି ନିର୍ବାଚିତ ହୋଇଥିବାବେଳେ ପ୍ରଫେସର ମଧୁସ୍ମିତା ପତି, ବିଶ୍ୱଜିତ ପ୍ରସାଦ ଛାଟୋଇ, ଏକାମ୍ର କରେଇଲା, ପ୍ରସନ୍ନ କୁମାର ପାତ୍ର ଓ ଈଶ୍ୱର ଚନ୍ଦ୍ର ନାୟକ ଉପ ସଭାପତି ପଦବୀରେ ନିର୍ବାଚିତ ହୋଇଥିଲେ। ମନୋରଞ୍ଜନ ମିଶ୍ର ସମ୍ପାଦକ, ସଂଯୁକ୍ତା ପାଢ଼ୀ ଓ ପ୍ରିୟଙ୍କା ଚକ୍ରବର୍ତ୍ତୀ ଯୁଗ୍ମ ସମ୍ପାଦକ, ପପେଶ କୁମାର ଲେଙ୍କା କୋଷାଧ୍ୟକ୍ଷ ନିର୍ବାଚିତ ହୋଇଥିଲେ। ସଂଘ ଖୁବଶୀଘ୍ର କୁଳାଧିପତିଙ୍କୁ ଭେଟି ଉଚ୍ଚଶିକ୍ଷାର ବିକାଶ ପାଇଁ ଆଲୋଚନା କରିବାକୁ ଯୋଜନା ରଖିଥିବା ସଂଘ ପକ୍ଷରୁ ସୂଚନା ମିଳିଛି।

## ନିସ୍ ଶିକ୍ଷାନୁଷ୍ଠାନରେ ଅନ୍ତର୍ଜାତୀୟ ଯୋଗ ଦିବସ



ଭୁବନେଶ୍ୱର, (ସବ୍ୟୁ): ନିସ୍ ଶିକ୍ଷାନୁଷ୍ଠାନ ପରିସରରେ ଆନ୍ତର୍ଜାତୀୟ ଯୋଗ ଦିବସ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥିଭାବେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଯୋଗଦେଇ ଛାତ୍ର ଛାତ୍ରୀମାନେ ଉନ୍ନତମାନର ଶିକ୍ଷା ଗ୍ରହଣ କରିବା ସହିତ ଶାରୀରିକ ଓ ମାନସିକ ସୁସ୍ଥତା ପାଇଁ ଯୋଗକୁ ଶକ୍ତିଶାଳୀ ମାଧ୍ୟମ ରୂପେ ଦୈନ୍ୟଦିନ ଅଭ୍ୟାସ କରିବାକୁ କହିଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନର ଅଧକ୍ଷ ଡକ୍ଟର ରାଜେସ ସାଇଁ, ଡେପୁଟି ଡାଇରେକ୍ଟର ଡକ୍ଟର ଦୁଷ୍ମନ୍ତ କୁମାର ପଟ୍ଟନାୟକ, ଜଏଣ୍ଟ ରେଜିଷ୍ଟ୍ରାର ଡକ୍ଟର ଭବାନୀ ଶଙ୍କର ରଥ, ପ୍ରଶାସନିକ ଅଧିକାରୀ ପିତାମ୍ବର ଚୟନୀଙ୍କ ସମେତ ସମସ୍ତ ଅଧ୍ୟାପକ ଓ ଅଧ୍ୟାପିକାମାନେ ଯୋଗାଭ୍ୟାସ କରିଥିଲେ। ନିୟମିତ ଯୋଗ ଅଭ୍ୟାସ ଦ୍ୱାରା ଛାତ୍ରଛାତ୍ରୀ ମାନେ ସାମଗ୍ରିକ ଭାବରେ ସୁସ୍ଥ ରହିବାକୁ ଦୃଷ୍ଟିରେ ରଖି ସମସ୍ତ ଆଇ.ଟି, କମ୍ପ୍ୟୁଟରସାଇନ୍ସ, ମ୍ୟାନେଜ୍‌ମେଣ୍ଟ, ଇଞ୍ଜିନିୟରିଂ ଓ ଡିପ୍ଲୋମାର ଛାତ୍ରଛାତ୍ରୀମାନେ ଯୋଗ ଶିବିରରେ ଉପସ୍ଥିତ ରହି ଯୋଗାଭ୍ୟାସ କରିଥିଲେ। ଶିକ୍ଷାନୁଷ୍ଠାନର ଅନ୍ୟ ଛାତ୍ରଛାତ୍ରୀମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ କଳିଙ୍ଗ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା ଆନ୍ତର୍ଜାତୀୟ ଯୋଗ ଦିବସରେ ସାମିଲ ହୋଇଥିଲେ।

## ଡ୍ରିମ୍ସରେ ଅନ୍ତର୍ଜାତୀୟ ଯୋଗ ଦିବସ



କଟକ, (ସ୍ୱପ୍ର): ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଚଳିତବର୍ଷର ବାର୍ତ୍ତା ଏକକ ବିଶ୍ୱ, ଏକକ ସ୍ୱାସ୍ଥ୍ୟ ପାଇଁ ଯୋଗର ପ୍ରାସଙ୍ଗିକତାକୁ ପ୍ରତ୍ୟେକ ବୁଝି ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଏହାକୁ ସାମିଲ କରିବାକୁ ପରାମର୍ଶ ଦେଇଥିଲେ । ପ୍ରବୀଣ ଯୋଗ ପ୍ରଶିକ୍ଷିକା ଡ. ଅର୍ପିତା ପ୍ରିୟଦର୍ଶିନୀ ଯୋଗ ଓ ପ୍ରାଣାୟମ ପ୍ରଦର୍ଶନ ମାଧ୍ୟମରେ ଏହା ଶରୀରରେ ଶକ୍ତି ଓ ହୃଦୟରେ ଶାନ୍ତି ପାଇଁ କେତେ ଉପଯୋଗୀ ସେ ସଂପର୍କରେ ମାର୍ଗଦର୍ଶନ କରିଥିଲେ । ଅନ୍ୟତମ ଯୋଗ ପ୍ରଶିକ୍ଷିକା ଶୁଭଶ୍ରୀ ସାହୁ ଯୋଗର ବିଭିନ୍ନ ମୁଦ୍ରା ପ୍ରଦର୍ଶନ କରିଥିଲେ । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ପରୀକ୍ଷା ନିୟନ୍ତ୍ରକ ଡ. ଦୟାନନ୍ଦ ଷଡଙ୍ଗୀ, ନିର୍ଦ୍ଦେଶକ (ଛାତ୍ର ସଂପର୍କ) ପ୍ରାଧ୍ୟାପକ ଲୋକନାଥ ବେହେରା, କ୍ରୀଡା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଡିନ୍ ଡ. ନୟନ ରଂଜନ ସାମଲ, ଡ. ବିଶ୍ୱରଂଜନ ମହାନ୍ତି, ଡ. କୃଷ୍ଣକର୍ଣ୍ଣ ରାଉତ, ଡ. ଆଲୋକ ରଂଜନ ବିଶ୍ୱାଳ, ଡା. ଦୁର୍ଗା ପ୍ରସାଦ ମିଶ୍ର, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ଡ. ହିମାଂଶୁ ଭୂଷଣ ଗୋଛାୟତ, ଡ. ବିଶ୍ୱରଂଜନ ତ୍ରିପାଠୀ, ଡ. ଅମୂଲ୍ୟ କୁମାର ବେହେରା, ପ୍ରାଧ୍ୟାପିକା ଏନ୍ ପ୍ରେମଲତା ଦେବୀ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଡ. ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ସୁନୟ ମିଶ, ସୁଧାଂଶୁ ଭୂଷଣ କରଙ୍କ ସମେତ ବିଭିନ୍ନ ବିଭାଗର ଅଧାପକ, ଅଧ୍ୟାପିକା, ବିଭାଗୀୟ ମୁଖ୍ୟ ଓ ପଦାଧିକାରୀ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ଡାଇରିଆ ପ୍ରତିରୋଧ ଓ ରଥଯାତ୍ରା ପ୍ରସ୍ତୁତି ସମ୍ପର୍କିତ ସମୀକ୍ଷା ବୈଠକ



ବାରିପଦା, (ସବ୍ୟୁ): ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷ ଠାରେ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସମ୍ପ୍ରତି ବିଭିନ୍ନ ଜିଲ୍ଲାରେ ଦେଖାଯାଉଥିବା ଡାଇରିଆ ପ୍ରତିରୋଧ ଓ ରଥଯାତ୍ରା -୨୦୨୫ ପ୍ରସ୍ତୁତି ସମ୍ପର୍କିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଜିଲ୍ଲାପାଳ ହେମକାନ୍ତ ସାୟ, ଅତିରିକ୍ତ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମାନନ୍ଦ ବେହେରା, ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାଃ ରାଜ କିଶୋର ଆଚାର୍ଯ୍ୟ ଓ ବାରିପଦା ଉପଜିଲ୍ଲାପାଳ ଡଃ ଦୟାସିନ୍ଧୁ ପରିଡା ଯୋଗ ଦେଇଥିବାବେଳେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଓ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ, ମନ୍ଦିର ପରିଛା, ପୁଜକ, ରଥ ମହାପାତ୍ର, ସେବାୟତ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ମନ୍ତ୍ରୀ ପ୍ରଥମେ ସମ୍ପ୍ରତି କିଛି ଜିଲ୍ଲାରେ ହଇଜା ଓ ଝାଡାବାନ୍ତିରେ ଲୋକମାନେ ଆକ୍ରାନ୍ତ ହେଉଥିବାରୁ ସେଥିପ୍ରତି ସଜାଗ ରହିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ।

ବର୍ଷା ଦିନରେ ସାଧାରଣତଃ ପାଣି ଦୂଷିତ ହେଉଥିବା କାରଣରୁ ଡାଇରିଆ ଓ ଜଣ୍ଡିସରେ ଆକ୍ରାନ୍ତ ହେବାର ଆଶଙ୍କା ଥାଏ ଏବଂ ଜମିରହୁଥିବା ବର୍ଷାଜଳରୁ ମଶାମାନଙ୍କ ଜନ୍ମ ହେତୁ ମ୍ୟାଲେରିଆ, ଡେଙ୍ଗୁ ଜ୍ୱର ହେବାର ମଧ ଆଶଙ୍କା ରହିଛି । ଗ୍ରାମାଞ୍ଚଳରେ ଲୋକମାନେ କିପରି ବିଶୁଦ୍ଧ ପିଇବା ପାଣି ପାଇ ପାରିବେ ସେ ଦିଗରେ ସମସ୍ତ ପ୍ରକାର ପଦକ୍ଷେପ ବ୍ୟବସ୍ଥା କରିବା ସହିତ ନଳକୂପ ଗୁଡିକ ନିୟମିତ ଭାବେ ଜୀବାଣୁନାଶକ କରିବା ପାଇଁ ପଦକ୍ଷେପ ନେବା ଏବଂ କୂଅ ପାଣି ବ୍ୟବହାର କରୁଥିବା ଅଂଚଳରେ ପାଣି ଟ୍ୟାଙ୍କର ଯୋଗେ ପିଇବା ପାଣି ଯୋଗାଇ ଦେବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ପାଇପ ଜଳ ଯୋଗାଣ ଅଂଚଳରେ ଜଳ ବିଶୋଧନ ଓ ଜୀବାଣୁ ନାଶକ ଉପରେ ଧ୍ୟାନ ଦେବାପାଇଁ ଜି.ଏମ. ୱାଟକୋକୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ପର୍ଯ୍ୟାପ୍ତ ପରିମାଣର ଓଆରଏସ/ହାଲାଜନ ଏବଂ ଆବଶ୍ୟକୀୟ ଔଷଧ ରଖିବା ସହିତ ନିୟମିତ ଭାବେ ସ୍ଥିତି ଉପରେ କଡା ନଜର ରଖିବା କୁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ସହରାଞ୍ଚଳରେ ନାଳନର୍ଦ୍ଦମା, ଶୌଚାଳୟ ଗୁଡିକର ପରିଷ୍କାର ପରିଚ୍ଛନ୍ନତା ବ୍ୟବସ୍ଥା ଉପରେ ସମୁଚିତ ଧ୍ୟାନ ଦେବାପାଇଁ ପୌର ପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଖାଦ୍ୟ ସୁରକ୍ଷା ଅଧିକାରୀ ଓ ଇନ୍ସପେକ୍ଟରଙ୍କ ଜରିଆରେ ବିଭିନ୍ନ ହୋଟେଲ ମାନଙ୍କରେ ପ୍ରସ୍ତୁତ କରୁଥିବା ଖାଦ୍ୟ ଦ୍ରବ୍ୟ, ରାସ୍ତା କଡ ଛୋଟ ଦୋକାନୀ ଓ ଠେଲା ଦୋକାନୀ ମାନେ ବିକ୍ରି କରୁଥିବା ଚାଟ, ଗୁପଚୁପ, ଫାଷ୍ଟ ଫୁଡ ଇତ୍ୟାଦି ଖାଦ୍ୟ ଦ୍ରବ୍ୟର ନିୟମିତ ଭାବେ ମାନ ଯାଞ୍ଚ ଓ ପରୀକ୍ଷା କରିବା ସହିତ ଦୋକାନ ଗୁଡିକରେ ଯେମିତି ପଚା ସଢ଼ା ବାସି ଖାଦ୍ୟ ବିକ୍ରି ନହେବ ଏବଂ ସେଗୁଡିକରେ ପରିଷ୍କାର ପରିଚ୍ଛନ୍ନତା ଉପରେ ଧ୍ୟାନ ଦେବାପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ସର୍ବୋପରି ଜିଲ୍ଲାରେ ଯେପରି ଏସବୁ ରୋଗ ସଂକ୍ରମଣ ନହୁଏ ସେଥିପାଇଁ ଆଗୁଆ ସତର୍କ ରହିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଚଳିତ ବର୍ଷ ରଥଯାତ୍ରାରେ ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ନିର୍ଧାରିତ ସମୟ ନିର୍ଘଣ୍ଟ ଅନୁସାରେ ଶାନ୍ତିଶୃଙ୍ଖଳା ସହିତ ସମ୍ପନ୍ନ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଚୋରି ଛିନତାଇ ଓ ଅସାମାଜିକ କ୍ରିୟାକଳାପକୁ ରୋକିବା ଲାଗି ସିସି କ୍ୟାମେରାର ବ୍ୟବସ୍ଥା କରିବା ସହିତ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ସିଭିଲ ଡ୍ରେସ୍ ସହିତ ସାଧା ପୋଷାକରେ ପୋଲିସ ମୁତୟନ ହେବେ । ଟ୍ରାଫିକ ବ୍ୟବସ୍ଥା ଓ ଭିଡ଼ ନିୟନ୍ତ୍ରଣ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ପୋଲିସ ମୁତୟନ ହେବେ ଏବଂ ମାଉଣ୍ଟେଡ ରଥ ଟଣା ସମୟରେ ପର୍ଯ୍ୟାପ୍ତ ସଂଖ୍ୟକ ମହିଳା ପୋଲିସ ମୁତୟନ କରାଯିବ । ରଥଯାତ୍ରା ସମୟରେ ସହରର ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳି ରାସ୍ତାଗୁଡିକରେ ଆଲୋକ ବ୍ୟବସ୍ଥା କରାଯିବ ।

ଏତଦ୍‌ବ୍ୟତୀତ ଲୋକମାନଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ଶିବିର, ଆମ୍ବୁଲାନ୍ସ ବ୍ୟବସ୍ଥା ସହ ବଡଦାଣ୍ଡରେ ଏମ୍‌ପିସି ଜୁନିଅର କଲେଜ ଓ ମହିଳା ମହାବିଦ୍ୟାଳୟରେ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିର ବ୍ୟବସ୍ଥା କରାଯିବ । ସେହିପରି ରଥଯାତ୍ରା ସମୟରେ ବଡଦାଣ୍ଡରେ ଆମିଷ ଖାଦ୍ୟ ବିକ୍ରିକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ଫେସବୁକ, ୟୁଟ୍ୟୁବ୍ ମାଧ୍ୟମରେ ସିଧାପ୍ରସାରଣ ଏବଂ ଧାରା ବିବରଣୀର ବ୍ୟବସ୍ଥା ପାଇଁ ସ୍ଥିର କରାଯାଇଛି । ସେହିପରି ପରମ୍ପରା ଅନୁଯାୟୀ ରଥ ଉପରୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଲଡୁ ବଣ୍ଟନ ବ୍ୟବସ୍ଥା ପୋଲିସ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଦ୍ୱାରା କରାଯିବ ନେଇ ମତାମତକୁ ବିଚାର କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି ।

ରଥଯାତ୍ରା ସମୟରେ ବେଆଇନ ନିଶା କାରବାରକୁ ରୋକିବା ପାଇଁ ପଦକ୍ଷେପ ନେବା ସହିତ, ଦର୍ଶନ ପାଇଁ ଦୂରଦୂରାନ୍ତରୁ ଆସୁଥିବା ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଯାତାୟାତରେ ସୁରକ୍ଷା ନିମନ୍ତେ ଗାଡି ଚାଳକଙ୍କ ଦ୍ୱାରା ବେପରୁଆ ଗାଡି ଚାଳନା କିମ୍ବା ନିଶା ସେବନ କରି ଗାଡି ଚାଳନା କରୁଥିବା ଗାଡି ଚାଳକଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅବକାରୀ, ପୋଲିସ ପ୍ରଶାସନ ଓ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବଡଦାଣ୍ଡରେ ପରିଷ୍କାର ପରିଚ୍ଛନ୍ନ କରିବା ପାଇଁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାର ପାଇଁ ନିଷ୍ପତ୍ତି ନିଆଯାଇଛି ଏବଂ ଭକ୍ତ ମାନେ ମହାପ୍ରଭୁଙ୍କ ପାଖରେ ଲାଗି କରିବା ପାଇଁ ନେଉଥିବା ଭୋଗ ସାମଗ୍ରୀକୁ ଦୋକାନୀ ମାନେ ଶାଳପତ୍ରରେ ପ୍ରସ୍ତୁତ ଖଲି / ଦୋନାରେ ବିକ୍ରି କରିବା ପାଇଁ ନିଷ୍ପତ୍ତି ନିଆଯାଇଛି ।


## ନବୀନଙ୍କ ସଫଳ ଅସ୍ତ୍ରୋପଚାର କାମନା କରି ପ୍ରଦୀପ ପ୍ରଜ୍ୱଳନ

ଆସିକା, (ସବ୍ୟୁ): ବିଜୁ ଜନତା ଦଳର ସୁପ୍ରିମୋ ତଥା ରାଜ୍ୟବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସଫଳ ଅସ୍ତ୍ରୋପଚାର ଓ ଦୀର୍ଘ ନିରାମୟ ଜୀବନ କାମନା କରି ସ୍ଥାନୀୟ ଦଳୀୟ ନେତାମାନେ ଆଜି ମା ଖମ୍ବେଶ୍ୱରୀଙ୍କ ମନ୍ଦିରରେ ସାମୁହିକ ଦୀପ ପ୍ରଜ୍ୱଳନ କରିଛନ୍ତି। ରବିବାର ସକାଳୁ ପୂର୍ବତନ ସାଂସଦ ପ୍ରମିଳା ବିଷୋୟୀ ଓ ବିଧାୟିକା ମଞ୍ଜୁଳା ସ୍ୱାଇଁ ତଥା ଯୁବ ବିଜେଡ଼ିର ଜୋନାଲ ସଭାପତି ନଚିକେତା ସ୍ୱାଇଁଙ୍କ ସଂଯୋଜନାରେ ଦଳର ବହୁ ନେତା ଓ କର୍ମୀ ଏକତ୍ରିତ ଭାବେ ମା ଖମ୍ବେଶ୍ୱରୀଙ୍କ ପୂଜାର୍ଚ୍ଚନା କରିବାସହ ଦୀପ ପ୍ରଜ୍ୱଳନ କରିଥିଲେ। ବିରୋଧୀ ଦଳ ନେତା ଶ୍ରୀ ପଟ୍ଟନାୟକଙ୍କ ଆଜି ମୁମ୍ବାଇ ସ୍ଥିତ କୋକିଳାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ତାଙ୍କର ସର୍ଭାଇକାଲ ଆର୍ଥ୍ରାଇଟିସର ସଫଳ ଅସ୍ତ୍ରୋପଚାର ହୋଇଥିବା ଜଣାଯାଇଛି । ବର୍ତ୍ତମାନ ନବୀନ ସମ୍ପୂର୍ଣ୍ଣ ସୁସ୍ଥ ଅଛନ୍ତି । ଆଜିର ଦୀପଦାନ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ସଭ୍ୟ ମନୋଜ କୁମାର ଦୋରା, ଦିଲ୍ଲୀପ ପାଣିଗ୍ରାହୀ, ରଶ୍ମିତା ସେନାପତିଙ୍କ ସମେତ ଦଳର ବହୁ ଆଗ ଧାଡ଼ିର ନେତା ଓ କର୍ମୀ, ପଞ୍ଚାୟତ ସ୍ତରୀୟ ପ୍ରତିନିଧି ଯୋଗ ଦେଇଥିଲେ।

## ମାନବ ସେବା ସମିତି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର

ଆସିକା, (ସବ୍ୟୁ): ମାନବ ସେବା ସମିତି ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଶ୍ରାଦ୍ଧ ଦିବସ ପାଳନ ଅବସରରେ ମାଗଣା ସ୍ୱାସ୍ଥ୍ୟ ଓ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଛି। ହରିହର ହାଇସ୍କୁଲ ପରିସରରେ ଆସିକା ସବ୍ ଡିଭିଜନ ହସ୍ପିଟାଲର ସୁପରିଟେଣ୍ଡେଣ୍ଟ ଡାକ୍ତର ବାଲ୍ ଗୋପାଳ ବେହେରାଙ୍କ ସଂଯୋଜନାରେ ବରିଷ୍ଠ ଶିଶୁ ବିଶେଷଜ୍ଞ ଡ଼ା. ଦୀପକ କୁମାର ସାମନ୍ତରା, ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରର ଭେଷଜ ବିଶେଷଜ୍ଞ ଡ଼ା. ଭାଗବତ ପ୍ରସାଦ ବିଷୋୟୀ,ଏମ୍‌କେସିଜିର ଚର୍ମ ରୋଗ ବିଶେଷଜ୍ଞ ଏନ୍. ମୂର୍ମୁ ପ୍ରମୁଖ ଯୋଗଦେଇ ବହୁ ବରିଷ୍ଠ ନାଗରିକ ଓ ମହିଳାଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ସେହିଭଳି ବ୍ରହ୍ମପୁର ସ୍ଥିତ ଏଲ୍.ଭି ପ୍ରସାଦ ଆଇ ହସ୍ପିଟାଲର ବରିଷ୍ଟ ଚକ୍ଷୁ ପ୍ରଯୁକ୍ତିକ ମୋହିନୀ ପାଶ୍ୱନ୍, ବଳରାମ ଜେନା, ରାକେଶ ଦାସ, ନିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଚକ୍ଷୁ ପରୀକ୍ଷା କରିଥିଲେ। ଆବଶ୍ୟକ ସ୍ଥଳେ ମାଗଣା ଚଷମା ବଣ୍ଟନ କରିବା ସହ ପରଲ ଚକ୍ଷୁର ମାଗଣା ଅସ୍ତ୍ରୋପଚାର ନେଇ ବ୍ରହ୍ମପୁର କେନ୍ଦ୍ରକୁ ସୁପାରିଶ କରିଥିଲେ। ଆସିକା ସବ୍ ଡିଭିଜନ ହସ୍ପିଟାଲର ନର୍ସିଂ ଅଫିସର ସମେତ ଫାର୍ମାସିଷ୍ଟ ପି.କେଦାର ପାତ୍ର ଶିବିରାର୍ଥୀଙ୍କୁ ମାଗଣା ଔଷଧ ବଣ୍ଟନର ତଦାରଖ କରିଥିଲେ। ଶିବିରରେ ୫୦ରୁ ଉର୍ଦ୍ଧ୍ୱ ଲୋକଙ୍କ ବି ପି, ସୁଗାର ଯାଞ୍ଚ ସହ ସ୍ୱାସ୍ଥ୍ୟ ପରୀକ୍ଷା ଓ ସମସ୍ୟାର ନିଦାନ ସହ ଉପାଦେୟ ପରାମର୍ଶ, ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ମାନବ ସେବା ସମିତିର ସଭାପତି ତଥା ଅବସରପ୍ରାପ୍ତ ବର୍ଷୀୟାନ ଶିକ୍ଷକ ଗଣେଶ ରଥ, ଦୁର୍ଗା ପ୍ରସାଦ ପଣ୍ଡା, ଡି. ବଦ୍ରି ନାରାୟଣ ପାତ୍ର, ମନୋଜ ମିଶ୍ର, ସନ୍ତୋଷ ନାୟକ, ସୁରେଶ ବିଷୋୟୀ, କମେଶ୍ୱର ଆଚାରିଙ୍କ ସମେତ ସଂଗଠନର ବହୁ କର୍ମକର୍ତ୍ତା, ସଭ୍ୟ ଓ ସ୍ୱେଚ୍ଛାସେବୀ ଏଥିରେ ସହଯୋଗ କରିଥିଲେ। ଉତ୍କଳମଣିଙ୍କ ୯୭ତମ ଶ୍ରାଦ୍ଧ ଦିବସ ଆସନ୍ତା ୨୬ ତାରିଖରେ ପାଳନର ଅବ୍ୟବହିତ ପୂର୍ବରୁ ସଂଗଠନ ପକ୍ଷରୁ ବିଭିନ୍ନ ସାମାଜିକ ଲୋକ କଲ୍ୟାଣ କାର୍ଯ୍ୟ ଜାରି ରଖାଯାଇଛି ।

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ



ବ୍ରହ୍ମପୁର, (ସବ୍ୟୁ): ଟିପିଏସ୍‌ଓଡିଏଲ୍ ପକ୍ଷରୁ ଏହାର ବ୍ରହ୍ମପୁର ସ୍ଥିତ କର୍ପୋରେଟ ଅଫିସ ସମେତ ଭଞ୍ଜନଗର, ଜୟପୁର ଓ ରାୟଗଡ଼ା ଭଳି ସମସ୍ତ ସର୍କଲ ଅଫିସରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ କରାଯାଇଛି । ଏହି ପଦକ୍ଷେପ ଯୋଗ ଦିବସର ଗ୍ଲୋବାଲ ଥିମ୍- ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗକୁ ନଜରରେ ରଖି କାର୍ଯ୍ୟକ୍ଷମ କରାଯାଇଛି। କର୍ମଚାରୀଙ୍କ ମଧ୍ୟରେ ସୁସ୍ଥତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ଯୋଗାଭ୍ୟାସ କରାଯାଇଛି । ଏହି ଯୋଗାଭ୍ୟାସ କାର୍ଯ୍ୟକ୍ରମରେ ଏକାଗ୍ରତା ବୃଦ୍ଧି ଓ ସାମଗ୍ରିକ ସ୍ୱାସ୍ଥ୍ୟର ବିକାଶ ନିମନ୍ତେ ଉର୍ଦ୍ଦିଷ୍ଟ ବିଭିନ୍ନ ଆସନ ଓ ପ୍ରାଣାୟାମ ପଦ୍ଧତି ସାମିଲ ଥିଲା ।

ଉଭୟ ଶାରିରୀକ ଓ ମାନସିକ ସ୍ୱାସ୍ଥ୍ୟ ଧ୍ୟାନ ରଖିବା ଦ୍ୱାରା କର୍ମଚାରୀମାନେ କିଭଳି ଏକ ଖୁସି ଓ ନିରାମୟ ଜୀବନ ଯାପନ କରିପାରିବେ ସେ ଦିଗରେ ଧ୍ୟାନ ଦିଆଯାଇଥିଲା। ଏହି ପଦକ୍ଷେପ ସୁସ୍ଥ କାର୍ଯ୍ୟ ପରିବେଶ ସୃଷ୍ଟି ଦିଗରେ ଟିପିଏସ୍‌ଓଡିଏଲ୍ ପ୍ରତିବଦ୍ଧତାକୁ ଦର୍ଶାଉଛି । ଟିପିଏସ୍‌ଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, କମ୍ପାନୀ କାର୍ଯ୍ୟରତ କର୍ମଚାରୀଙ୍କ ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଉଛି । ଯୋଗାଭ୍ୟାସ ଏକ ପ୍ରାଚୀନ ପଦ୍ଧତି । ଯାହା ଉଭୟ ଶରୀର ଓ ମନକୁ ସୁସ୍ଥ ରଖେ । କର୍ମଚାରୀମାନଙ୍କୁ ଯୋଗାଭ୍ୟାସ କରିବାକୁ ଉତ୍ସାହିତ କରି ଆମେ ସେମାନଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ କାର୍ଯ୍ୟକ୍ଷେତ୍ର ଓ ବ୍ୟକ୍ତିଗତ ଜୀବନର ସନ୍ତୁଳନ ଆଣିବାକୁ ପ୍ରୟାସ କରୁଛୁ । ଆମେ ସେମାନଙ୍କ ସୁସ୍ଥତା ପ୍ରତି ପ୍ରତିବଦ୍ଧ ଓ ସମସ୍ତ କାର୍ଯ୍ୟାଳୟରେ ଏହି କାର୍ଯ୍ୟକ୍ରମ ସଫଳ ଭାବେ ଆୟୋଜନ କରିପାରିଥିବାରୁ ଆନନ୍ଦିତ। ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ମାଧ୍ୟମରେ କମ୍ପାନୀ ନିଜ କର୍ମଚାରୀମାନଙ୍କ ସୁସ୍ଥ ଜୀବନଶୈଳୀ ପ୍ରତି ନିବିଡ଼ ପ୍ରତିବଦ୍ଧତାକୁ ଦର୍ଶାଇବା ସହ ଏପରି କାର୍ଯ୍ୟକ୍ରମଗୁଡିକୁ ଭବିଷ୍ୟତରେ ମଧ୍ୟ ଜାରି ରଖିବାକୁ ଯୋଜନା କରୁଛି । ଯାହା ଏକ ସୁସ୍ଥ ଓ ସୁଖମୟ ସଂସ୍କୃତିକୁ ପ୍ରୋତ୍ସାହନ ଦେବ ।

## କୁଲାଡ ରଥଯାତ୍ରା
## ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ

ଭଞ୍ଜନଗର, (ସବ୍ୟୁ): ଘୁମୁସର ଅଞ୍ଚଳର ଭଞ୍ଜ ରାଜବଂଶୀୟ ପ୍ରସିଦ୍ଧ କୁଲାଡ଼ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉଙ୍କ ରଥଯାତ୍ରା ପାଇଁ ଚାଲିଛି ଜୋରଦାର ପ୍ରସ୍ତୁତି। ଚତୁର୍ଦ୍ଧା ମୂର୍ତ୍ତିଙ୍କ ଅଣସର କାର୍ଯ୍ୟ ଏବଂ ଠାକୁରଙ୍କ ରଙ୍ଗ କାମର ସମୀକ୍ଷା କରିବା ସହ ଯାତ୍ରାରେ ଆଶ୍ୟକୀୟ ପୂଜା ସାମଗ୍ରୀ, ପିତଳ ଘଣ୍ଟର ମରାମତି, ରଥ କପଡା, ପହଣ୍ଡି ନିମନ୍ତେ ଘୋଡ, ସଂକୀର୍ତନ ମଣ୍ଡଳୀ ମାନଙ୍କ ନିମନ୍ତେ ପ୍ରସାଦ ହାଟୁଆ ଉପହାର, ନିମନ୍ତ୍ରଣ ବଣ୍ଟନ ପ୍ରଭୃତି କାର୍ଯ୍ୟକ୍ରମ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ଅବିନାଶ ମାହାର। ରଥ ନିର୍ମାଣ, ପାର୍ଶ୍ୱ ଦେବତା ଓ ରଥକୁ ରଙ୍ଗଦିଆ କାମ ସକାଶେ ମହାରଣା ଓ କାରିଗରଙ୍କ ସହ ଆଲୋଚନା କରି ଆବଶ୍ୟକ ସରଞ୍ଜାମ ଯୋଗାଇ ଦିଆଯାଇଛି। ଚଳିତବର୍ଷ ରଥ ନିର୍ମାଣ ନେଇ ୨୮ ଖଣ୍ଡ କାଠ ଆସିଛି । ସେଥିରେ କାମ ଜୋରସୋର୍ ଚାଲିଥିବା ଅତିରିକ୍ତ ତହସିଲଦାର ଅବିନାଶ ମାହାର ସୂଚନା ଦେଇଥିଲେ। ଅନ୍ୟପକ୍ଷରେ କୁଲାଡ଼ ରଥଯାତ୍ରାରେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବାରୁ ଶାନ୍ତି ଶୃଙ୍ଖଳା ବଜାୟ ରଖିବାକୁ ପୁଲିସ୍ ପ୍ରଶାସନ ସହ ଏନ୍‌ସିସି ରେଡକ୍ରସ୍ କ୍ୟାଡେଟ୍‌ଙ୍କ ସହ ସ୍ୱେଚ୍ଛାସେବୀ ମାନଙ୍କୁ ନିମନ୍ତ୍ରଣ ପାଇଁ ଆଲୋଚନା ହୋଇଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ସ୍ଥାନରେ ପିଇବା ପାଣି ସହ ଶୃଙ୍ଖଳା ବ୍ୟବସ୍ଥା ଅତିଥିମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ, ଡାକ୍ତରୀ ଟିମ, ପୋଲିସ ବାହିନୀ, ସାମ୍ବାଦିକ ମାନଙ୍କ ପାଇଁ ସ୍ୱତନ୍ତ ପ୍ରକୋଷ୍ଠର ମଧ ବ୍ୟବସ୍ତା ରହିବ । ତତସହ ସଠିକ ସମୟରେ ରୀତିନୀତି ସମାପନ ପାଇଁ ମନ୍ଦିର ପୂଜକଙ୍କ ସହ ସମନ୍ୱୟ ରକ୍ଷା ଉପରେ ଆଲୋଚନା ହୋଇଥିଲା।

## ଓଡିଶା ଆଉଟସୋର୍ସିଂ କର୍ମଚାରୀ ମହାସଂଘ କାର୍ଯ୍ୟକାରୀ କମିଟି ବୈଠକ

ବ୍ରହ୍ମପୁର, (ସବ୍ୟୁ): ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ଠିକା ସଂସ୍ଥା ଜରିଆରେ କାର୍ଯ୍ୟରତ ଲକ୍ଷାଧିକ ଆଉଟସୋରସିଂ କର୍ମଚାରୀ ସରକାରଙ୍କ ଦ୍ୱାରା ପୁଣି ଅବହେଳିତ ହୋଇଛନ୍ତି । ବର୍ତ୍ତମାନ ଡବଲ ଇଂଜିନ ସରକାର ଏକବର୍ଷ ପୂର୍ତ୍ତିର ଉତ୍ସବ ପାଳନ କରୁଥିବା ବେଳେ ନିଜେ ମୁଖ୍ୟମନ୍ତ୍ରୀ ବିରୋଧି ଦଳ ନେତା ଥିବା ସମୟରେ ଏହି କର୍ମଚାରୀମାନଙ୍କୁ ଦେଇଥିବା ପ୍ରତିଶୃତି ଭୁଲି ଯାଇଛନ୍ତି ଏବଂ ଓଲଟା ବର୍ତ୍ତମାନ ରାଜ୍ୟର ବିଭାଗ ଗୁଡିକରେ କିଛି ମାତ୍ରାରେ ନିଯୁକ୍ତି ଦେବା ନାମରେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିବା ଏହି ଆଉଟସୋରସିଂ କର୍ମଚାରୀମାନଙ୍କୁ ଛଟେଇ କରିବା ପ୍ରକ୍ରିୟା ଜାରି ରହିଛି ।

ଉଲ୍ଲେଖଯୋଗ୍ୟ ଯେ ଆଉଟସୋର୍ସିଂ କର୍ମଚାରୀଙ୍କ ପାଇଁ ପୂର୍ବ ସରକାର ବହୁ ଦାବି ପରେ କେତେକ ସୁବିଧା ଘୋଷଣା କରିଥିଲେ ମଧ ତାହା ସବୁ କରର୍ମଚାରୀଙ୍କୁ ଦିଆଗଲାନି । ଅଧିକାଂଶ ଆଉଟସୋର୍ସିଂ କର୍ମଚାରୀ ଏଥିରୁ ବଞ୍ଚିତ ହୋଇଥିବା ବେଳେ ବର୍ତ୍ତମାନ ସରକାର ମଧ ସେମାନଙ୍କୁ ଦେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ଏହାକୁ ନେଇ ଆଜି ସଙ୍ଘର କାର୍ଯ୍ୟକାରୀ କମିଟି ବୈଠକରେ ଅସନ୍ତୋଷ ପ୍ରକାଶ କରାଯିବା ସହ ଆସନ୍ତା ମୌସୁମୀ ଅଧିବେଶନ ପୂର୍ବରୁ ସରକାର ଯଦି ଦାବୀ ପୂରଣ ନକରନ୍ତି ତେବେ ସବୁ ଜିଲ୍ଲାରେ ଆଉଟସୋର୍ସିଂ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ବାଧ ହେବେ ବୋଲି ମହାସଂଘର ନେତା ବିଜୟ କୁମାର ମଲ୍ଲିକ ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ ଗତ ମାର୍ଚ୍ଚ ମାସରେ ଆଉଟସୋର୍ସିଂ କର୍ମଚାରୀଙ୍କ ରାଜ୍ୟସ୍ତରୀୟ ଆନ୍ଦୋଳନ ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ କର୍ମଚାରୀଙ୍କ ପ୍ରତିନିଧିମାନଙ୍କ ସହ ସରକାରଙ୍କ ମନ୍ତ୍ରୀସ୍ତରୀୟ କମିଟି ଆଲୋଚନା କରିଥିଲେ । ପନ୍ଦର ଦିନ ମଧ୍ୟରେ ଦାବି ପୂରଣ କରିବାକୁ ପ୍ରତିଶୃତି ଦେଇଥିଲେ ମଧ ଏଯାଏଁ କାର୍ଯ୍ୟକାରୀ କରାଯାଇନାହିଁ । ଆଜିର କାର୍ଯ୍ୟକାରୀ କମିଟି ବୈଠକରେ ଆବାହକ ପ୍ରତାପ ପ୍ରଧାନ, ମହାସଙ୍ଘର ଜିଲ୍ଲା ସଭାପତି ବିଜୟ କୁମାର ମଲ୍ଲିକ, ଆଦର୍ଶ ବିଦ୍ୟାଳୟ କର୍ମଚାରୀ ରାଜ୍ୟ ନେତା ପ୍ରଶାନ୍ତ ପରିଛା, ବିନାୟକ ପତି, ସଫେଇ କର୍ମଚାରୀ ନେତା ଉତ୍ତମ ନାୟକ, ସାଙ୍ଗଠନିକ ସମ୍ପାଦକ ସୁନୀଲ କୁମାର ଦାସ, ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ନେତା ହିମାଂଶୁ ପଟ୍ଟନାୟକ, ବିଚିତ୍ର ସାହୁ, ନମିତା ନାୟକ, ପୂଜା ନାୟକ, ପ୍ରେମାନନ୍ଦ ସାହୁ, ରାହୁଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


## ଆଧାତ୍ମିକ ଶିକ୍ଷା ପ୍ରଚଳନ ପାଇଁ ନିବେଦନ

ମୁଁ ମୋର ସମସ୍ତ ଦେଶବାସୀମାନଙ୍କୁ ବିନମ୍ର ପ୍ରଣାମ ଜଣାଉଛି । ଆନନ୍ଦର କଥା- ଗତ ତା ୩୦.୧.୨୦୨୫ରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ନିକଟରୁ 'ଭାରତର ସମସ୍ତ ସ୍କୁଲ ଓ କଲେଜମାନଙ୍କରେ ଆଧାତ୍ମିକ ଶିକ୍ଷା ପ୍ରଚଳନ' ଶୀର୍ଷକ ଏକ ସ୍ମାରକପତ୍ର ପଠାଇଥିଲି । ସେ ସହୃଦୟତାର ସହିତ ତାହାକୁ ଶ୍ରୀ ଅରବିନ୍ଦ ମାର୍ଗ, ନୂଆଦିଲ୍ଲୀ-୧୧୦୦୧୬ ସ୍ଥିତ ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (National Council of Educational Research & Traning)କୁ ପଠାଇଥିଲେ । ପ୍ରଶିକ୍ଷଣ ପରିଷଦ ମୋ ସ୍ମାରକପତ୍ର ଯଥାର୍ଥ ଥିଲେ ମଧ ସି.ପି.ଜି.ଏ.ଏସ୍. (CPGAAS)ଙ୍କ ନିୟମ ଅନୁସାରେ ସ୍କୁଲ ଓ କଲେଜମାନଙ୍କରେ ବର୍ତ୍ତମାନ ଆଧାତ୍ମିକ ଶିକ୍ଷା ପ୍ରଚଳନ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଚିଠି ନଂ. ୧.୬/୨୦୨୪ ଜି.ଆର୍.ସି. ନଂ-୩୦୯/୩୧୨ ତା. ୦୯.୦୫.୨୦୨୫ ରିଖରେ ମୋତେ ଜଣାଇଛନ୍ତି । କିନ୍ତୁ ଉକ୍ତ ଚିଠିରେ ମଧ ଉଲ୍ଲେଖ ଅଛି, ଯଦି କୌଣସି ବ୍ୟକ୍ତି ବା ଅଭିଯୋଗକାରୀ ଏଥିରେ ଅସନ୍ତୁଷ୍ଟ ହୋଇ ପ୍ରତିବାଦ କରିବାକୁ ଚାହାନ୍ତି, ତାହାଲେ ସେ ନୂଆଦିଲ୍ଲୀସ୍ଥିତ 'ନିର୍ଦ୍ଦେଶାଳୟ ଜନ ଅଭିଯୋଗ ସଂସ୍ଥାନ (Directorate of Public grievance)ଙ୍କ ସହିତ ଯୋଗାଯୋଗ କରିପାରିବେ' । ଏହି ପରିପ୍ରେକ୍ଷୀରେ ବିକଳ୍ପପନ୍ଥା ସ୍ୱରୂପ ମୋର ସୁଚିନ୍ତିତ ମତାମତ ଦେଇ ନିର୍ଦ୍ଦେଶାଳୟଙ୍କୁ ଏ ଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମୁଁ ଅନୁରୋଧ କରିଛି ।



ଦୟାନିଧି ବେହୁରା

ସେହି ସୁଚିନ୍ତିତ ମତାମତଟି ହେଲା, ଭାରତ ଗୋଟିଏ ଧର୍ମନିରପେକ୍ଷ ରାଷ୍ଟ୍ର ଅଟେ । ଯେଉଁଠି ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ ଓ ଅନ୍ୟ ସମ୍ପ୍ରଦାୟର ଲୋକମାନେ ବାସ କରୁଛନ୍ତି ଏବଂ ସେମାନଙ୍କର ପିଲାମାନେ ବିଭିନ୍ନ ସ୍କୁଲ, କଲେଜମାନଙ୍କରେ ଅଧ୍ୟୟନ କରୁଛନ୍ତି । ହୁଏତ ଏହି କାରଣ ଯୋଗୁଁ ଭାରତ ସରକାର ଆଧାତ୍ମିକ ଶିକ୍ଷା ପ୍ରଚଳନ କରିପାରୁନାହାନ୍ତି । ବିଭିନ୍ନ ସମ୍ପ୍ରଦାୟ ମାଧ୍ୟମରେ ନିଜ ନିଜର ଧର୍ମ ଓ ସଂସ୍କୃତିକୁ କେନ୍ଦ୍ରକରି ପ୍ରଚଳିତ ହୋଇଆସୁଥିବା ଆଧାତ୍ମିକ ଶିକ୍ଷା ହିଁ ଏକମାତ୍ର ପନ୍ଥା । ସରକାର ସେହି ବିଭିନ୍ନ ସମ୍ପ୍ରଦାୟମାନଙ୍କ ମାଧ୍ୟମରେ ପ୍ରଚଳିତ ହୋଇଆସୁଥିବା ଆଧାତ୍ମିକ ଶିକ୍ଷାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ଆର୍ଥିକ ସହାୟତା ଦେବା ସଙ୍ଗେ ସଙ୍ଗେ ସ୍ୱୀକୃତି ପ୍ରଦାନ କରନ୍ତୁ । ତାହାହେଲେ ଜାତୀୟ ସଂହତି ବଜାୟ ରହିବ । ପରସ୍ପର ମଧ୍ୟରେ ସମ୍ପର୍କ ଦୃଢ଼ୀଭୂତ ହେବ ।

ଉଲ୍ଲେଖନୀୟ ଯେ ସ୍କୁଲ, କଲେଜମାନଙ୍କରେ ହେଉ କିମ୍ବା ବିଭିନ୍ନ ସମ୍ପ୍ରଦାୟମାନଙ୍କରେ ହେଉ ଆଧାତ୍ମିକ ଶିକ୍ଷା ଛାତ୍ରଛାତ୍ରୀ ଓ ଯୁବକ ଯୁବତୀମାନଙ୍କର ଦୈହିକ, ମାନସିକ ଓ ବୌଦ୍ଧିକ ବିକାଶ ଦିଗରେ ସହାୟ ହେବ । ତାହା ନହେଲେ ସେମାନେ ବିଭିନ୍ନ ଅପରାଧ, ଅନ୍ୟାୟ, ଅନୀତି, ଦୁର୍ନୀତି, ଚୋରି ଏପରିକି ବଳାତ୍କାର ଓ ହତ୍ୟାରେ ସମ୍ପୃକ୍ତ ହୋଇ ଦଣ୍ଡିତ ହେବେ ।

ମୋର ଉପରୋକ୍ତ ଅହିଂସାମୂଳକ ଅଭିଯାନ ଚାଲୁ ରହିବ । ଆପଣମାନଙ୍କୁ ଅନୁରୋଧ, ଆପଣମାନେ ମୋର ଅଭିଯାନର ମହତ୍ୱକୁ ଉପଲବ୍ଧି କରି ସମ୍ବାଦପତ୍ରମାନଙ୍କରେ ମତାମତ ଦେଲେ ମୋର ଅଭିଯାନ ସଫଳ ହେବ ।

**ଲେଖକ, ସମାଜସେବୀ, ବରିଷ୍ଠ ନାଗରିକ**
**ନିଉ କଲୋନୀ (ଅପର୍ତ୍ତିବିନ୍ଧା),**
**ପୋ./ଜି.- ଭଦ୍ରକ**
**ମୋ.- ୯୭୭୬୫୨୨୩୦୬**

Advertorial


## ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ

ବୁଗୁଡା, (ସବ୍ୟୁ) : ରବିବାର ପୂର୍ବାହ୍ନ ୧୦ ଘଣ୍ଟ ସମୟରେ ପ୍ରାକ୍ତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁଙ୍କ ପ୍ରସ୍ତାବ କ୍ରମେ ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ବିଜୁ ଜନତା ଦଳ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ଓ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସ୍ଥାନୀୟ ବଳଦେବ ସ୍ୱାମୀ ଏବଂ ବିରଞ୍ଚି ନାରାୟଣ ମନ୍ଦିର ପରିସରରେ ସାମୂହିକ ଦୀପଦାନ ପୂର୍ବକ ନବୀନଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକ ସଭାପତି ଖଦାଳ ଖଟେଇ, ନଗର ସଭାପତି କେ.ତ୍ରିଲୋଚନ ଦୋରା, ସମ୍ପାଦକ ଅମରେନ୍ଦ୍ର ସେନାପତି, କାର୍ଯ୍ୟକାରୀ ସଭାପତି ମନୋରଞ୍ଜନ ଦାଶ, କବିରାଜ ଗୌଡ, ଜିଲ୍ଲା ପରିଷଦ ସଦସ୍ୟା ସମିତା ସ୍ୱାଇଁ, ଭାଗ୍ୟଲକ୍ଷ୍ମୀ ରାଉତ, କିଶୋର ଚନ୍ଦ୍ର ବେହେରା, ଗୋପୀନାଥ ସ୍ୱାଇଁ, ରାମଚନ୍ଦ୍ର ନାୟକ, ସୂର୍ଯ୍ୟ ନାରାୟଣ ମହାନ୍ତିଙ୍କ ସମେତ ଅଞ୍ଚଳର ବହୁ ଜନପ୍ରତିନିଧି ଏବଂ ବିଜୁ ଜନତା ଦଳର ଶତାଧିକ କର୍ମୀ ଉପସ୍ଥିତ ରହି ନବୀନ ବାବୁଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ।

# ଜିଲ୍ଲାସ୍ତରୀୟ କୁଇଜ୍, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅବକାରୀ ବିଭାଗର ଅଧୀକ୍ଷକ ପ୍ରଶାନ୍ତ କୁମାର କହଁରଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଅବକାରୀ ବିଭାଗ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ବାରିପଦା ସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜିଲ୍ଲାସ୍ତରୀୟ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ଓ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଉପଲକ୍ଷେ ଜିଲ୍ଲାସ୍ତରୀୟ କୁଇଜ, ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । କୁଇଜ ପ୍ରତିଯୋଗିତାରେ ଠାକୁରମୁଣ୍ଡା ବ୍ଲକ ଓଏଭି, ଦିଗଧରର ମୃତୁଞ୍ଜୟ ଦାଶ, ଜାମଦା ବ୍ଲକ ଓଏଭି ପାଶନାର ଶୁଭମ ଶେଖର ଦାସ, କୁସୁମୀ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବାଦ୍ରାର ଇସ୍ତା ପ୍ରସାଦ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ଚିତ୍ରାଙ୍କନ ପ୍ରତିଯୋଗିତାରେ ରାଇରଙ୍ଗପୁର ଉଚ୍ଚ ମାଧମିକ ବିଦ୍ୟାଳୟର ଶୁଭେନ୍ଦୁ ସେଠୀ, ଗୋପବନ୍ଧୁ ନଗର ବ୍ଲକ ଓଏଭି, ଟିଟିଆର କ୍ଷୀରୋଦ କୁମାର ନାଏକ, ରସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ହୃଦାନନ୍ଦ ସରକାରୀ ଉଚ୍ଚ ବିଦ୍ୟାଳୟ, ତମ୍ବାଖୁରୀର ଶ୍ରୀୟାଂଶୁ ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି ।

ସେହିପରି ପ୍ରବନ୍ଧ ପ୍ରତିଯୋଗିତାରେ କପ୍ତିପଦା ବ୍ଲକ ଓଏଭି, ଭାଲୁବସାର ତନୁଶ୍ରୀ ମହଲା, ବାରିପଦା ସ୍ଥିତ ଲେଡି ହେମିଲଟନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରାଚୀ ତନୟା ଦାସ, ବାରିପଦା ସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଚନ୍ଦ୍ରଲେଖା ମାରୀନଗଣ୍ଡି ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ସେହିପରି ବକ୍ତୃତା ପ୍ରତିଯୋଗିତା ରେ ଓଏଭି ମୋରଡା ର ପ୍ରଭୁପଦ ନାୟକ, କୁସୁମୀ ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ, ହାଟବାଦ୍ରାର ପୁଷ୍ପାଞ୍ଜଳି ବାରିକ, ସରସକଣା ବ୍ଲକ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ଝାରପୋଖରୀଆ ର ଅଙ୍କନପ୍ରଭା ବେହେରା ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ହୋଇଛନ୍ତି । ଏହି ପ୍ରତିଯୋଗିତାକୁ ବାରିପଦା ଉପଖଣ୍ଡ ଅବକାରୀ ବିଭାଗର ଉପଅଧୀକ୍ଷକ ତପସ୍ୱିନୀ ନାଏକ ଓ ରାଇରଙ୍ଗପୁର ଉପଖଣ୍ଡ ଅବକାରୀ ବିଭାଗର ଉପଅଧୀକ୍ଷକ ସୌମ୍ୟରଞ୍ଜନ ବେହେରା ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନରଞ୍ଜନ ଆଚାର୍ଯ୍ୟ ପ୍ରତିଯୋଗିତା ଗୁଡିକୁ ଉଦଘାଟନ କରିଥିଲେ । ପରିଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଓ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା ଏବଂ ସମସ୍ତ ପ୍ରତିଯୋଗୀ ମାନଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ବାରିପଦା ରେଞ୍ଜ ନିରୀକ୍ଷକ ସ୍ୱପ୍ନାରାଣୀ ସାହୁ, ମୋବାଇଲ ବିଭାଗ -୧ ନିରୀକ୍ଷକ ଶ୍ରୀଧର ମହାନ୍ତି, ରାଇରଙ୍ଗପୁର ରେଞ୍ଜ ନିରୀକ୍ଷକ ବିନୟ ପ୍ରକାଶ ଟାର୍କୀ, କରଞ୍ଜିଆ ରେଞ୍ଜ ନିରୀକ୍ଷକ ସଞ୍ଜୟ କୁମାର କାଣ୍ଡି, ବାରିପଦା ସଦର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବ୍ରଜ ମଲ୍ଲିକ, କରଞ୍ଜିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଶ୍ମି ରଞ୍ଜନ ନାଏକ, ବେତନଟୀ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରକାଶ ସାହୁ, ରାଇରଙ୍ଗପୁର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ, ଠାକୁରମୁଣ୍ଡା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଭାରତୀ ନାୟକ, ଉଦଳା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭଦର୍ଶିନୀ ସାହୁ, ବହଳଦା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ରଣଜିତ ସବର ଯୋଗ ଦେଇଥିଲେ । ଜିଲ୍ଲା ଅବକାରୀ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ବିଚାରକ ଭାବେ ଶିକ୍ଷକ ମହେନ୍ଦ୍ର ନାଥ ଦଣ୍ଡପାଟ, ବସନ୍ତ ଦତ୍ତ, ନୟନ କୁମାର ଗିରି, ଦୀପକ ରାମ, ଶିକ୍ଷୟିତ୍ରୀ ଅତସୀ କୁଣ୍ଡୁ, ମୌସୁମୀ ଦୀକ୍ଷିତ, ଜ୍ୟୋତି କର୍ମକାର ପ୍ରମୁଖ ଯୋଗ ଦେଇଥିଲେ । ଆୟୋଜକ ବିଦ୍ୟାଳୟ ମହାରାଜା କୃଷ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ରାଜୀବ ଲୋଚନ ଜେନା, ଶାନ୍ତନୁ ଦାସ, ପ୍ରବୀଣ କୁମାର ଚାନ୍ଦ, ଅର୍ଜୁନ କୁମାର ଜେନା, ମୃତ୍ୟୁଞ୍ଜୟ ମହାନ୍ତ ଓ ସ୍ମୃତି ରଞ୍ଜନ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବୈଶାଖ ମେଳାକୁ ୧୦ଲକ୍ଷ, ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ ପାଇଁ ୧.୫ କୋଟି ଅନୁଦାନ



ପଦ୍ମପୁର,(ସବ୍ୟୁ): ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ମନ୍ଦିରକୁ ସରକାରୀ ସହାୟତା ପାଇଁ ରାଜ୍ୟ ସରକାରଙ୍କୁ ମନ୍ଦିର କର୍ତ୍ତୃପକ୍ଷ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏହି ଅବସରରେ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ତତ୍ତ୍ୱାବଧାନରେ ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ,ମେଳା କମିଟି ସଦସ୍ୟ ସଞ୍ଜୀବ ମାଝୀ, ସତ୍ୟ ବେହେରା, ଲୋଚନ ପଧାନ ପ୍ରମୁଖ ଭୁବନେଶ୍ୱର ଯାଇ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।ଏହି ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଉପଢୌକନ ସହିତ ମନ୍ଦିରର ଫଟୋ ପ୍ରଦାନ କରାଯାଇଥିଲା । କେଉଁ ଆବହମାନ କାଳରୁ ଅନୁଷ୍ଠିତ ହୋଇ ଆସୁଥିବା ବୈଶାଖ ମେଳାର ସ୍ୱତନ୍ତ୍ରତା, ପ୍ରତିଦିନ ହଜାର ହଜାର ଲୋକଙ୍କ ସମାଗମ ହେଉଥିବା ପବିତ୍ର ନୃସିଂହନାଥ ପୀଠର ମାହାତ୍ମ୍ୟ, କିମ୍ବଦନ୍ତୀ, ଗନ୍ଧମାର୍ଦ୍ଦନ ପାହାଡ଼ର ଗୁରୁ ଆଦି ଦିଗରେ ସାଂସଦ ଶ୍ରୀ ପୁରୋହିତ ଆଲୋକପାତ କରିଥିଲେ । ଉକ୍ତ ପୀଠର ବିକାଶ ପାଇଁ ଆଗକୁ ଆହୁରି ବଡ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଦୀର୍ଘ ସମୟ ପର୍ଯ୍ୟନ୍ତ ଆଲୋଚନା କରି ମୁଖ୍ୟମ୍ୟନ୍ତ୍ରୀ ଶ୍ରୀ ମାଝୀ କହିଥିଲେ । ଏହି କ୍ରମରେ ଓଡ଼ିଶାର ସଂସ୍କୃତି ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ଉପଢୌକନ ସହିତ ମନ୍ଦିରର ଫଟୋ ପ୍ରଦାନ କରାଯାଇଥିଲା । କୃତଜ୍ଞତା ଜ୍ଞାପନ ପାଇଁ ସ୍ୱତନ୍ତ୍ର ଭାବରେ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଆସିଥିବାରୁ ମନ୍ତ୍ରୀ ଶ୍ରୀ ସୁରଜ ଆନନ୍ଦ ପ୍ରକାଶ କରିବା ସହ ମନ୍ଦିର ପାଇଁ ସମର୍ପିତ ହୋଇ କାମ କରିବେ ବୋଲି କହିଥିଲେ। ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ମଧ୍ୟ ନିମନ୍ତ୍ରଣ ରକ୍ଷାକରି ବୈଶାଖ ମେଳାରେ ଯୋଗଦାନ କରିଥିବାରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ବିଶ୍ୱାସର ଗୋଟିଏ ବର୍ଷ : ବିଧାୟକ କାଡ୍ରାକା ଆପାଲା ସ୍ୱାମୀ




ରାୟଗଡା,(ସବ୍ୟୁ): ଦୀର୍ଘ ୨୫ ବର୍ଷ ପରେ ଜିଲ୍ଲାର ବିକାଶକୁ ନେଇ ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ଗୋଟିଏ ବର୍ଷ କାର୍ଯ୍ୟର ତାଲିକା ଗଣମାଧ୍ୟମ ଆଗରେ ଉପସ୍ଥାପନ କରିଛନ୍ତି । ବିଧାୟକ କହିଛନ୍ତି ବିଶ୍ୱାସର ଗୋଟିଏ ବର୍ଷରେ ମୁଁ କଣ କରିଛି ତାହାର ରିପୋର୍ଟ ଆପଣଙ୍କ ମାଧ୍ୟମରେ ଜନସାଧାରଣକୁ ପ୍ରଦାନ କରୁଛି । ସେ ପୁଣି କହିଛନ୍ତି ମୁଁ ଆଦିବାସୀ କନ୍ଧ ସମ୍ପ୍ରଦାୟରେ ଜନ୍ମ ନେଇଛି। ଏହି ମାଟି ସ୍ୱାଭିମାନର ମାଟି । କିନ୍ତୁ ଡାକ୍ତର ପିଣ୍ଡା ଏବଂ ଶ୍ମସାନ ଘାଟରେ ମୋ ଜିଲାର ଲୋକେ ହାରିଯାଆନ୍ତି । ସେହି ସ୍ଥାନରେ ମୋ ମାଁ ଭଉଣୀଙ୍କ ସହ ଠିଆ ହେଉ ହେଉ ଆପଣମାନେ ମୋତେ ଆଜି ବିଧାୟକ କରିଦେଇଛନ୍ତି । ଆଜି ସେହି ଆଶା ଭରଷା ଏବଂ ବିଶ୍ୱାସ ହିସାବ ଦେଉଛି ବୋଲି କହିଛନ୍ତି ରାୟଗଡ଼ା ବିଧାୟକ କାଡ୍ରାକା ଆପାଲା ସ୍ୱାମୀ ।

ଜିଲ୍ଲାର ବିକାଶକୁ ନେଇ ସେ କହିଛନ୍ତି ପ୍ରଥମ ବର୍ଷର ୩ଟି ବିଧାନ ସଭା ଅଧିବେଶନ ଜିଲାର ବିକାଶ ପାଇଁ ମୋଟ ୨୫୩ପ୍ରଶ୍ନ କରିଥିଲି । ସେଥିରୁ ୧୫୬ ପ୍ରଶ୍ନର ଉତ୍ତର ମିଳିଛି । ଶିକ୍ଷା, ସ୍ୱାସ୍ଥ୍ୟ କୃଷି, ଖେଳ, ସାମାଜିକ ନ୍ୟାୟ ,ଗମନାଗମନ ଏବଂ ସାମୁହିକ ବିକାଶ ନେଇ ଜିଲ୍ଲାରେ ୪୩ଟି ଗ୍ରାମରେ ପାଦଚଲା ରାସ୍ତା, ଏବଂ ୫୬୪ଟି ଗାଁକୁ ସ୍ଥାୟୀ ରାସ୍ତା ନାହିଁ । ରାୟଗଡ ବ୍ଲକରେ ୪ଟି ଗାଁକୁ ପାଦଚଲା ରାସ୍ତା ନାହିଁ ୫୪ଟି ଗାଁକୁ ସ୍ଥାୟୀ ରସ୍ତା ନାହିଁ । କେବଳ କାଶୀପୁର ବ୍ଲକରେ ୩୧ଗାଁକୁ ପାଦଚଲା ରସ୍ତା ନାହିଁ । ୧୩୪ ଗାଁକୁ ସ୍ଥାୟୀ ରାସ୍ତା ହୋଇପାରିଲା ନାହିଁ । ଅତ୍ୟନ୍ତ ଦୁର୍ଭାଗ୍ୟର କଥା, କିନ୍ତୁ ଭବାନୀପାଟଣା ଠାରୁ ଚିଲିକାପାଲେମ ଭାୟା ରାୟଗଡ ଦେଇ ଅର୍ଥନୈତିକ କରିଡର ପ୍ରାୟ ୭୪୦ କୋଟି ଟଙ୍କାର ଆରପିଡିଏସି ବୈଠକରେ ଦେଇଥିବା ପ୍ରସ୍ତାବ ଅନୁମୋଦିତ ହୋଇ ବିଜ୍ଞପ୍ତି ପ୍ରକ୍ରୀୟା ଶେଷ ହୋଇଛି।

ପୂର୍ବ ସରକାରଙ୍କ ଅମଳରେ ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ସରକାରୀ ଘୋଷଣା କରାଯାଇଥିବା କଥା କୁହାଯାଇଥିଲା । କିନ୍ତୁ ତାହା ସମ୍ପୂର୍ଣ୍ଣ ମିଛ ଥିଲା। ସରକାରୀ ନିୟମ ଅନୁଯାୟୀ ୩୦ଛାତ୍ରକୁ ଜଣେ ଶିକ୍ଷକ ନଥିବାରୁ ଜିଲ୍ଲା ଡ୍ରପ ଆଉଟ ଛାତ୍ରଛାତ୍ରୀରେ ଜିଲ୍ଲା ରାଜ୍ୟର ପ୍ରଥମ ସ୍ଥାନ ଅଧିକାର କରିଛି। ଏନେଇ ମୁଁ ବାରମ୍ବାର ସରକାରଙ୍କୁ ପତ୍ର ପ୍ରଦାନ କରିଛି। ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାକୁ ନେଇ ଡାକ୍ତର,ଆମ୍ବୁଲାନ୍ସ ଏବଂ ସମସ୍ତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର ସହିତ ଆମ୍ବୁଲାନ୍ସ ବ୍ୟବସ୍ଥା କରିବା ପାଇଁ ଦାବି କରାଯାଇଛି। କାଶୀପୁର ଝୋଡିଆ ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ଏହି ଜିଲାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ । ଯାହାକି ଝୋଡିଆଙ୍କ ନ୍ୟାର୍ଯ୍ୟ ଦାବୀ । ଏହାକୁ ଶୂନ୍ୟ କାଳରେ ଦାବୀ କରିଆସିଛି । ଆଗକୁ ଏହା ଆନ୍ଦୋଳନ ରୂପ ନେବ। ସେହିପରି ପ୍ରତି ବ୍ଲକରେ ଗୋଟିଏ ଗୋଟିଏ ଶୀତଳ ଭଣ୍ଡାର କରିବା ପାଇଁ ଦାବି କରିଛି। ଅନ୍ତତ ପକ୍ଷେ ଆମ୍ବ ବହୁଳ କାଶୀପୁର ବ୍ଲକରେ ଗୋଟିଏ ଉଚ୍ଚ ମାନର ଶୀତଳ ଭଣ୍ଡାର ନିର୍ମାଣ କରିବାକୁ ଦାବୀ ରଖିଛି। ଚାଷ ପାଇଁ ଉତ୍ତମ ଜଳସେଚନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ରଖାଯାଇଛି । ସେଥିରୁ ନାଗାବଳୀ ନଦୀ ନେଇ ମୁଖ୍ୟମନ୍ତ୍ରୀ ଲିଖିତ ଉତ୍ତର ଦେଇଛନ୍ତି । କଲ୍ୟାଣସଂହପୁର ଭେଜା ଗ୍ରାମରେ ଲୋୟର ନାଗାବଳୀ ନଦୀବନ୍ଧ ପ୍ରକଳ୍ପ କରାଯିବା ପାଇଁ ଯୋଜନା କରାଯାଇଛି ବୋଲି କହିଛନ୍ତି ବିଧାୟକ । କୃଷି,କୃଷକ ଓ ମଣ୍ଡି ବ୍ୟବସ୍ଥାରେ ସୁଧାର ଆଣିବା ଏବଂ ସମୟରେ ପ୍ରାକୃତିକ ବିପର୍ଯ୍ୟୟରେ ଚାଷୀଙ୍କୁ କ୍ଷତି ପୂରଣ ଦେବା ପାଇଁ ସରକାରଙ୍କୁ ଅବଗତ କରିଛି । ଜିଲ୍ଲାର ସୁରକ୍ଷା ବ୍ୟବସ୍ଥା ପାଇଁ ଡିଜିପି ସହ ଆଲୋଚନା କରି ରାୟଗଡ଼ା ଆଖପାଖ ଅଞ୍ଚଳରେ ନୂତନ ଥାନା ପାଇଁ ଦାବି କରିଛି। ବିଧାୟକ ପାଣ୍ଠି ୩କୋଟି ଶିକ୍ଷା, ଗମନା ଗମନ ଭିତିଭୂମୀର ବିକାଶ, ପାନୀୟ ଜଳ ଏବଂ ଆଲୋକି କରଣରେ ବ୍ୟୟ କରାଯାଇଛି ବୋଲି ସୂଚନା ଦେଇଥିଲେ ବିଧାୟକ। କାର୍ଯ୍ୟକ୍ରମରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ପଣ୍ଡା, ଉପ ସଭାପତି ସୁନିଲ ପଣ୍ଡା, ଡିସିସି ମୁଖପାତ୍ର ଶଙ୍କର୍ଷଣ ମଙ୍ଗରାଜ, ଡିସିସି ସଭାପତି ଶଙ୍କର ଜିଲାକାରା ସହ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ବଲାଙ୍ଗିରରେ ଶିଶୁ ଶ୍ରମିକ ନିରାକରଣ ପାଇଁ ସଚେତନତା ବୈଠକ

ବଲାଙ୍ଗିର,(ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବଲାଙ୍ଗିର ଜିଲାରେ ଶିଶୁ ଶ୍ରମିକ ନିରାକରଣ ସମ୍ପର୍କିତ ଏକ ସଚେତନତା ବୈଠକ ଜିଲ୍ଲାପାଳ ଗୌରଓ୍ୱ ଶୀଓ୍ୱାଜୀ ଈସାଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର , ଜିଲ୍ଲାପରିଷଦ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ତରଣୀ ସୁନା ପ୍ରମୁଖ ଉପସ୍ଥିତ ଥିଲେ ।ଜିଲ୍ଲାପାଳ ଉଦବୋଧନ ଦେଇ ଏକ ସୁସ୍ଥ ସମାଜ ଗଠନ ନିମନ୍ତେ ସଂଗଠିତ ଭାବେ ସବୁ ସ୍ତରରେ ଶିଶୁ ଶ୍ରମିକ ନିରାକରଣ ନିମନ୍ତେ ଉଦ୍ୟମ କରିବାକୁ ପରାମର୍ଶ ଦେବା ସହ ଏଥି ନିମନ୍ତେ ବ୍ୟାପକ ଜନସଚେତନତା ଉପରେ ଗୁରୁତ୍ୱାରୋପ କରିଥିଲେ । ୬-୧୪ବର୍ଷର ଶିଶୁଙ୍କ ତଥ୍ୟ ରଖିବାକୁ ଏବଂ ସିଜନାଲ ହଷ୍ଟେଲ ରେ ରଖିବାକୁ କହିଥିଲେ । ଶିଶୁ ଦଶମ ପରେ କଣ କରୁଛନ୍ତି ସେ ବାବଦରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସର୍ଭେ କରିବା ସହ ରିପୋର୍ଟ ଦେବାକୁ କହିଥିଲେ । ବୈଠକରେ ଶ୍ରମ ନିରିକ୍ଷକ , ଶିଶୁ କଲ୍ୟାଣ କମିଟିର ସଦସ୍ୟା , ମହିଳା ଏସଏଚଜିର ସଦସ୍ୟା ,ଅଙ୍ଗନବାଡି କର୍ମୀ ମାନେ ଉପସ୍ଥିତ ଥିଲେ । ବୈଠକରେ ଶ୍ରମ ଆଇନ ୧୯୮୬ ସମ୍ପର୍କରେ ଆଲୋଚନା ହେବାସହ ୧୪ ବର୍ଷ ପୂର୍ଣ୍ଣ କରିନଥିବା ଶିଶୁଙ୍କୁ କୌଣସି ପ୍ରକାରର ବୃତ୍ତି ଏବଂ ପ୍ରକ୍ରିୟାରେ ତଥା ୧୪ ବର୍ଷ ରୁ ୧୮ ବର୍ଷ ବୟସର କିଶୋର ମାନଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜନ କରିବା ଏକ ଧର୍ତ୍ତବ୍ୟ ଅପରାଧ । ତେଣୁ ଏ ସମ୍ପର୍କରେ ବ୍ୟାପକ ଜନସଚେତନତା କରାଯିବା ଉପରେ ଆଲୋଚନା କରାଯାଇଥିଲା । ଯଦି କୌଣସି ବ୍ୟକ୍ତି ୧୪ ବର୍ଷରୁ କମ ବୟସର ଶିଶୁଙ୍କୁ କାମରେ ନିୟୋଜିତ କରିଛନ୍ତି କିମ୍ବା ୧୪ ବର୍ଷରୁ ୧୮ ବର୍ଷ ବୟସ ମଧ୍ୟରେ ଥିବା କିଶୋର ମାନଙ୍କୁ ବିପଦ ସଙ୍କୁଳ ବୃତ୍ତି ଏବଂ ପ୍ରକ୍ରିୟାରେ ନିୟୋଜିତ କରିବାର ନଜରକୁ ଆସେ ତେବେ ତୁରନ୍ତ ଜିଲ୍ଲା ଶ୍ରମ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ଅବଗତ କରିପାରିବେ । ଏତଦବ୍ୟତୀତ ନିଶୁଳ୍କ ଶ୍ରମିକ ସହାୟତା ହେଲ୍ପ ଲାଇନ ନମ୍ବର ୧୫୫୩୬୮ ଏବଂ ଚାଇଲ୍ଡ ଲାଇନ ନମ୍ବର ୧୦୯୮ କୁ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ବୈଠକରେ ଶିଶୁ ଶ୍ରମିକ ଚିହ୍ନଟ କରିବା ସହ ସେମାନଙ୍କ ଥଇଥାନ ଉପରେ ଆଲୋଚନା ହୋଇଥିଲା । ଶିଶୁ ଶ୍ରମିକ ଆଇନ ର ଉଲ୍ଲଂଘନ କରୁଥିବା ଅନୁଷ୍ଠାନ କିମ୍ବା ବ୍ୟବସାୟୀକ ପ୍ରତିଷ୍ଠାନ ଉପରେ ଶ୍ରମ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ ସେଠୀ ପ୍ରାରମ୍ଭିକ ସୂଚନା ଦେବା ସହ ସଭା ପରିଚାଳନା କରିଥିଲେ ।

# ବିଷାକ୍ତ ନିଶା ନିବାରଣ ରଥକୁ ସ୍ୱାଗତ




ବୋରିଗୁମ୍ମା,(ସବ୍ୟୁ): ରାଜ୍ୟ ସରକାରଙ୍କ ଅବକାରୀ ବିଭାଗର ବିଷାକ୍ତ ମଦ ନିବାରଣ ରଥକୁ ବୋରିଗୁମ୍ମା ବ୍ଲକରେ ଜୋରଦାର ସ୍ୱାଗତ କରାଯାଇଛି। ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ବିଶ୍ୱଜିତ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଅଧିକାରୀ ଓ ଏସଏଚଜି ମହିଳା ମାନେ ବିଷାକ୍ତ ମଦ ନିବାରଣ ରଥକୁ ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ କୁମୁଲିରେ ସ୍ୱାଗତ କରିଥିଲେ। କୁମୁଲି ଠାରେ ଏକ ବିଷାକ୍ତ ମଦ ନିବାରଣ ଉପରେ ପଥ ପ୍ରାନ୍ତ ନାଟକ ପରିବେଷଣ କରିଥିଲେ। ବିଷାକ୍ତ ମଦ ପିଇବା ଦ୍ୱାରା ଲୋକେ କିପରି ଅକାଳରେ ମୃତ୍ୟୁ ବରଣ କରନ୍ତି, ତାହା ପଥ ପ୍ରାନ୍ତ ନାଟକରେ ପରିବେଷଣ କରାଯାଇଥିଲା। ଲୋକଙ୍କୁ ବିଷାକ୍ତ ମଦରୁ ଦୁରେଇ ରହିବା ପାଇଁ ସଚେତନତା କରାଯାଇଥିଲା। ବୋରିଗୁମ୍ମା ବିଡ଼ିଓ ସୁକାନ୍ତ କୁମାର ପଟ୍ଟନାୟକଙ୍କ ସହଯୋଗରେ ବୋରିଗୁମ୍ମାର ଏକ ମହିଳା ଏସଏଚଜି କୁମୁଲି ଯାଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅବକାରୀ ଏଏସଆଇ ସାନୁ ସେଠିଆ, କନେଷ୍ଟବଳ ନୀଳମ୍ବର ପୂଜାରୀ, ଉମର ଫାରୁକ, ବିଶ୍ୱଜିତ ପ୍ରଧାନ ଉପସ୍ଥିତ ରହି ସହଯୋଗ କରିଥିଲେ।

# ୧ବର୍ଷ କାର୍ଯ୍ୟର ହିସାବ ଦେବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ

ସମ୍ବଲପୁର,(ସବ୍ୟୁ): ଓଡିଶା ପ୍ରତ୍ୟେକ ବର୍ଷ ପ୍ରାକୃତିକ ବିପର୍ଯ୍ୟୟର ସାମ୍ନା କରିଥାଏ । ନୂତନ ସରକାର ଗଠନର ୧ବର୍ଷ ମଧ୍ୟରେ ବନ୍ୟା, ବାତ୍ୟା ଓ ଅଦିନିଆ ବର୍ଷା ଆସିଛି । ପ୍ରାକୃତିକ ବିପର୍ଯ୍ୟୟ ବିଭାଗ ଜିରୋ କାଜୁଆଲିଟିରେ ଏହାକୁ ସଫଳ ଭାବେ ମୁକାବିଲା କରିଛି । ବିଗତ ଦିନରେ ବିନା ଜୀବନ ହାନିରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରାଯାଇପାରିନାହିଁ। ଚଳିତବର୍ଷ ଗ୍ରୀଷ୍ମ ପ୍ରଭାବରେ ମଧ୍ୟ ଜୀବନ ହାନି ହୋଇନାହିଁ । ଏଭଳିସ୍ଥଳେ ସରକାର ଗଠନ ଓ ଦାୟିତ୍ୱ ନେବାର ୧ବର୍ଷ ପୂର୍ତ୍ତି ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମାଁ ସମଲେଶ୍ୱରୀଙ୍କ ଦର୍ଶନ କରିଛନ୍ତି । ଏଥିସହ ମନ୍ଦିର ପରିସରରେ ସଂକୀର୍ତ୍ତନ ମଣ୍ଡଳୀ ସହ କିର୍ତ୍ତନ କରିଥିଲେ । ସେ କହିଥିଲେ ଯେ, ଜନସାଧାରଣଙ୍କ ନିକଟରେ ସମସ୍ତ ସରକାର ଓ ଜନପ୍ରତିନିଧି ଉତ୍ତରଦାୟୀ ଅଟନ୍ତି । ଏଭଳିସ୍ଥଳେ ଭିନ୍ନଭିନ୍ନ ଦାୟିତ୍ୱରେ ରହୁଥିବା ଜନ ପ୍ରତିନିଧି ସେମାନଙ୍କ କାର୍ଯ୍ୟକାଳର ହିସାବ ନେଇ ଲୋକଙ୍କ ପାଖକୁ ଯିବା କଥା । ଏହିକ୍ରମରେ ଓଡିଶା ସରକାର ୧ବର୍ଷର ହିସାବ ଦେବା ପାଇଁ ୭ଦିନ ପର୍ଯ୍ୟନ୍ତ ଯୋଜନା କରିଥିଲେ । ବିକାଶ ଥର ଗାଁ ଗାଁ ଓ ପଞ୍ଚାୟତକୁ ଯାଇ ଲୋକଙ୍କୁ ହିସାବ ଦେଇଥିଲା । ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୨୪ତାରିଖ ଦିନ ବେଲପାହାଡ ଠାରେ ବ୍ରଜରାଜନଗରର ବିଧାୟକ ଭାବେ ମନ୍ତ୍ରୀ ଶ୍ରୀ ପୂଜାରୀ ତାଙ୍କ କାର୍ଯ୍ୟର ରିପୋର୍ଟ ପ୍ରଦାନ କରିବେ । ଭୋଟର ବା ଜନସାଧାରଣ ଏହାର ମୂଲ୍ୟାୟନ କରିବେ । ସେଠାରେ ବିକାଶ ମୂଳକ କାର୍ଯ୍ୟର ରିପୋର୍ଟ ପ୍ରଦାନ କରାଯିବ । ସେହିପରି ୨୫ରେ ସଚିବାଳୟ ଠାରେ ମୁଖ୍ୟମନ୍ତ୍ରୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ବିଭାଗ ରିପୋର୍ଟ ପ୍ରଦାନ କରିବ । ଏହା ଲୋକଙ୍କ ପାଖକୁ ପରବର୍ତ୍ତୀ ସମୟରେ ଯିବ । ତେବେ ରାଜସ୍ୱ ଓ ବିପର୍ଯ୍ୟୟ ଏକ କଠିନ ବିଭାଗ ହୋଇଥିବା ବେଳେ ୧ବର୍ଷ ମଧ୍ୟରେ ଅନେକ ପରିବର୍ତ୍ତନ ଅଣାଯାଇଛି । ବସୁନ୍ଧରା ପଟ୍ଟା ପ୍ରଦାନ, ହୀରାକୁଦ ବୁଡି ଅଞ୍ଚଳବାସୀଙ୍କୁ ପଟ୍ଟା ପ୍ରଦାନ, ନୂତନ ରାଜସ୍ୱ ଗ୍ରାମ ଆଦି କରାଯାଇଛି । ଆଗକୁ ଆହୁରି ସଂସ୍କାର ଅଣାଯିବ ।

# କବି ଅନନ୍ତ ରାମ ସାହୁଙ୍କ ତିନୋଟି ପୁସ୍ତକ ଉନ୍ମୋଚିତ

ଝାରସୁଗୁଡା,(ସବ୍ୟୁ): ବରିଷ୍ଠ କବି ତଥା ଅବସର ପ୍ରାପ୍ତ ଶିକ୍ଷକ ଅନନ୍ତ ରାମ ସାହୁଙ୍କ ତିନୋଟି ପୁସ୍ତକ ଜିଲ୍ଲା ସଂସ୍କୃତି ଭବନ ପରିସରରେ ଉନ୍ମୋଚିତ ହୋଇଯାଇଛି। ବିଶିଷ୍ଟ କବି ଓ ପ୍ରଜ୍ଞା ପୁରୁଷ ସୀତାରାମ ବିର୍ତ୍ତିଆଙ୍କ ପୌରହିତ୍ୟରେ ତଥା କବି ଅନ୍ତର୍ଯ୍ୟାମୀ ପାଣିଗ୍ରାହୀଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ବ୍ରଜରାଜନଗର କଲେଜର ଓଡିଆ ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁ କବିଙ୍କ ଇନ୍ଦୁରେଖା କାବ୍ୟର ସମୀକ୍ଷା କରିଥିବା ବେଳେ ବରିଷ୍ଠ ଶିକ୍ଷକ ତଥା ଚିତ୍ରଶିଳ୍ପୀ ବେଲପାହାଡ଼ର ଠାକୁର ପ୍ରଧାନ କୋଶଳୀ କବିତା ତେର ଦିନିଆ ଜମ ସମୀକ୍ଷା କରିଥଲେ। କବି ଅନନ୍ତ ରାମ ସାହୁଙ୍କ ତୃତୀୟ ପୁସ୍ତକ ପଦ୍ୟ ରୂପଗୀତା ପୁସ୍ତକକୁ ଅଧ୍ୟାପକ ଶ୍ରୀକର ଭୋଇ ସମୀକ୍ଷା କରିଥଲେ। ବରେଣ୍ୟ ଅତିଥି ଭାବରେ ମୁରଲୀପାଲି ସରକାରୀ ଉଚ୍ଚ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନା ପ୍ରଧାନ , ଅଧ୍ୟାପକ ବିକ୍ରମ ପ୍ରଧାନ ଓ ଅବସର ପ୍ରାପ୍ତ ପ୍ରାଧ୍ୟାପକ ଝସ କୁମାର ଖମାରୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ଅନେକ ବୁଦ୍ଧିଜୀବୀ, ଶିକ୍ଷାବିତ ତଥା ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଲୋକେ ଯୋଗଦାନ କରିଥିଲେ। ଏହି ଅବସରରେ ବିଶିଷ୍ଟ କଣ୍ଠଶିଳ୍ପୀ ବଂଶୀଧର ସାହୁ ଓ ଶିକ୍ଷୟତ୍ରୀ ଲକ୍ଷ୍ମୀପ୍ରିୟା ପଣ୍ଡା କବିଙ୍କ କାବ୍ୟକୁ ଆବୃତ୍ତି କରିଥିଲେ।

# ପ୍ରେମ ନେଇଗଲା ଦାଦନ ଖଟିବାକୁ ,ଏବେ ଶବ ହୋଇ ଫେରିଲା

ରାୟଗଡା,(ସବ୍ୟୁ): ପ୍ରେମ ନେଇଗଲା ଦାଦନ । ଏବେ ଶବ ହୋଇ ଫେରିଲା ନିଜ ଭିଟାମାଟିକୁ। ନାବାଳିକା ପ୍ରେମକରି ଜଣେ ଯୁବକ ସହ କେରଳ ଦାଦନ ଶ୍ରମିକ ଭାବେ ଚାଲିଗଲେ। ଦେହ ଅସୁସ୍ଥ ହୋଇ ସେଠାରେ ଚିକିତ୍ସା କରୁଥିବା ବେଳେ ଚାଲିଗଲା ନାବାଳିକାଙ୍କ ଜୀବନ।

ରାୟଗଡ଼ା ଜିଲ୍ଲା ଚାନ୍ଦିଲି ଥାନା ଅନ୍ତର୍ଗତ ଟାମ୍ପରଗୁଡ଼ା ଗାଁ ଛକରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ଗତ ୬ ମାସ ପୂର୍ବେ ଟାମ୍ପରଗୁଡ଼ା ଗ୍ରାମର ପୁଅ ଓ ବଡ଼ ପେଦିଆ ଗ୍ରାମର ନାବାଳିକା ଝିଅ ପ୍ରେମକରି କାହାକୁ କିଛି ନ କହି କେରଳ ଦାଦନ ଖଟିବାକୁ ଯାଇଥିବା ବେଳେ ଉକ୍ତ ନାବାଳିକାଙ୍କର ୨ଦିନ ତଳେ ସୁଦୂର କେରଳ ରାଜ୍ୟର ଏର୍ଣ୍ଣାକୁଲମ୍ କାଲେମାସରୀ ମେଡିକାଲ କଲେଜରେ ମୃତ୍ୟୁ ଘଟିଥିଲା । ଦୁଇ ଦିନ ପରେ ରବିବାର ଉକ୍ତ ନାବାଳିକାର ମୃତ ଦେହ ନେଇ ଆମ୍ବୁଲାନ୍ସ ଟାମ୍ପରଗୁଡା ଛକରେ ପହଞ୍ଚିବା ପରେ ଏହି ଘଟଣାକୁ ନେଇ ଝିଅଘର ତରଫରୁ ଆମ୍ବୁଲାନ୍ସରେ ମୃତଦେହ ରଖି କିଛି ସମୟ ପାଇଁ ଉତ୍ତେଜନା ସୃଷ୍ଟି ହୋଇଥିଲା । ଘଟଣାକୁ ନେଇ ମୃତ ନାବାଳିକା ଝିଅ ଘର ପରିବାର ତରଫରୁ ଚାନ୍ଦିଲି ଥାନାରେ ଅପହରଣ ଓ ହତ୍ୟା କରାଯାଇଥିବା ନେଇ ଏତଲା ଦେଇଥିବା ଯୋଗୁଁ ଉକ୍ତ ପୁଅକୁ ଚାନ୍ଦିଲି ଥାନାରେ ଅଟକ ରଖିଥିବା ନେଇ ସୂଚନା ମିଳିଛି। ଝିଅର ମୃତ୍ୟୁ କେଉଁ କାରଣରୁ ହୋଇଛି ସେ ନେଇ କୌଣସି ସଠିକ୍ ତଥ୍ୟ ମିଳିନଥିବା ବେଳେ ଝିଅ ପରିବାର ଲୋକେ ଉକ୍ତ ପୁଅ ହତ୍ୟା କରିଥିବା ନେଇ ଅଭିଯୋଗ ଆଣିଥିବା ସୂଚନା ମିଳିଛି। ଅପରାହ୍ନ ୪ଟା ସମୟରେ ପୋଲିସ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ନାବାଳିକାର ଶବକୁ ବ୍ୟବଛେଦ ପାଇଁ ନେଇଥିବା ବେଳେ ଏହାର ମୃତ୍ୟୁ ସନ୍ଦେହଜନକ ବୋଲି ଅଭିଯୋଗ ହେଉଛି । ଶବ ବ୍ୟବଛେଦ ପରେ ହିଁ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ପୋଲିସ ପକ୍ଷରୁ ସୁଚନା ମିଳିଛି ।

# ବ୍ଲକସ୍ତରୀୟ ଏସସି,ଏସ୍‌ଟି କର୍ମଚାରୀ କଲ୍ୟାଣ ସମନ୍ୱୟ ସମିତିର ସାଧାରଣ ବୈଠକ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତିର ସଭାଗୃହରେ ବ୍ଲକସ୍ତରୀୟ ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ସମିତିର ଏକ ସାଧାରଣ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୁରିବାହାଲ ତହସିଲଦାର ଜଗଦୀଶ କର୍ତ୍ତାମି, ପୋଲିସ ଥାନା ଅଧିକାରୀ ସିପୋରା ସରାୟ ଲୁଗୁନ ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ରାଜେଶ କୁମାର ଝାଙ୍କର ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ରୂପେ ଉପସ୍ଥିତ ଥିଲେ। ଏଥିରେ ବ୍ଲକର ବିଭିନ୍ନ ବିଭାଗ ଯଥା ଶିକ୍ଷା,ସ୍ୱାସ୍ଥ୍ୟ, ଅଗ୍ନିଶମ ବିଭାଗ,ପୋଲିସ ବିଭାଗ,ରାଜସ୍ୱ ବିଭାଗ,ପଞ୍ଚାୟତି ରାଜ ବିଭାଗ,ଜଙ୍ଗଲ ବିଭାଗ, ବିଦ୍ୟୁତ୍ ବିଭାଗ ଭଳି ସମସ୍ତ ବିଭାଗର କର୍ମଚାରୀମାନେ ଯୋଗ ଦେଇଥିଲେ। ବୈଠକରେ ସର୍ବସମ୍ମତି କ୍ରମେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ସମିତି ମୁରିବାହାଲ ବ୍ଲକ ଶାଖାର ସଭାପତି ରୂପେ ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟର ଉପ ବିଭାଗୀୟ ଅଧିକାରୀ ନକୁଳ ମାଝୀ, କାର୍ଯ୍ୟକାରୀ ସଭାପତି ବିରଞ୍ଚି ମାଝୀ, ସାଧାରଣ ସମ୍ପାଦକ ତରୁଣ ଦୀପ,ସହସଂପାଦକ ଅଜିତ କୁମାର ତରିଆ,ସାଂଗଠନିକ ସମ୍ପାଦକ ଭଗତ ନାଗ, ନିୟୋଜନ ସମ୍ପାଦକ ଯଶୋଦା ମାଝୀ, ସାଂସ୍କୃତିକ ସମ୍ପାଦକ ସୁଦର୍ଶନ ଦୀପ, ଆର୍ଥିକ ସମ୍ପାଦକ କୁମଦୀନି କୁଅଁର, ସହସମ୍ପାଦକ ଶଶାଙ୍କ ମଲ୍ଲିକ ଓ ଅଡିଟର ରୂପେ ପଙ୍କଜିନି ବାଗ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିଲେ। ବୈଠକରେ ବ୍ଲକ ଅଞ୍ଚଳରେ କାର୍ଯ୍ୟରତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଉମ୍ମିଦେଁର ଶିଶୁ କ୍ୟାନସର ସହାନୁଭୂତି କାର୍ଯ୍ୟକ୍ରମ



ବରଗଡ଼,(ସବ୍ୟୁ): ଶିଶୁ କେନସର ପାଇଁ କାର୍ଯ୍ୟ କରୁଥିବା ଓଡିଶାର ଅଗ୍ରଣୀ ସଂଗଠନ ଉମ୍ମିଦେଁ ପକ୍ଷରୁ ବରଗଡରେ ସମୁଦାୟ ଆଧାରିତ ସଚେତନତା ଅଭିଯାନ ସମାନୁଭୂତି କାର୍ଯ୍ୟକ୍ରମ ଜିଲ୍ଲାର ଶିଶୁ କ୍ୟାନସରରେ ପିଡୀତ ପରିବାର ଗୁଡିକୁ ଆନ୍ତରିକତା, ସମବେଦନା ଓ ସମୁଦାୟ ସହଯୋଗର ଏକ ଅପୂର୍ବ ମଞ୍ଚ ଦେଇ ପାରିଛି। କାର୍ଯ୍ୟକ୍ରମରେ ଚିକିତ୍ସା ବିଶେଷଜ୍ଞ, ଶିକ୍ଷା ବିଶେଷଜ୍ଞ, କେରିଅର ମାର୍ଗଦର୍ଶକ, ସାମାଜିକ କ୍ଷେତ୍ରରେ କ୍ୟାନସର ପାଇଁ କାର୍ଯ୍ୟ କରୁଥିବା ସଂଗଠନର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ପିଡୀତ ଶିଶୁ ଓ ପରିବାରବର୍ଗଙ୍କ ସହିତ ବାର୍ତ୍ତା ବିନିମୟ କରିଥିଲେ।

ଏହି ଅବସରରେ କୃଷ୍ଣ ବିକାଶ ମଲ୍ଟିସ୍ପେସିଆଲିଷ୍ଟ ହସ୍ପିଟାଲ୍‌ର ବରିଷ୍ଠ ଶିଶୁ ବିଶେଷଜ୍ଞ ଡ଼ା. ଆଶିଷ ସତପଥୀ କହିଲେ ଯେ କ୍ୟାନ୍ସର ଚିକିତ୍ସା ପରେ ଶିଶୁମାନେ ନିଜ ଘରକୁ ଫେରି ନିଜ ସାଧାରଣ ଜୀବନକୁ ଚାଲିଯିବା ପାଇଁ ସଫଳ ହେବେ । କିନ୍ତୁ ସେଥିପାଇଁ ସଂସ୍କାର, ସଫେଇ, ନିୟମିତ ଯାଞ୍ଚ ଅତ୍ୟନ୍ତ ଆବଶ୍ୟକ। ଚିକିତ୍ସା ପରେ ରୋଗ ପୁନରାବୃତ୍ତି ଏବଂ ଅନ୍ୟାନ୍ୟ ପ୍ରଭାବକୁ ରୋକିବା ପାଇଁ ଯତ୍ନ ନିଆଯିବା ଦରକାର। ଶିଶୁମାନଙ୍କ ଶରୀର ଆବଶ୍ୟକ ପ୍ରୋଟିନ ଓ ଭିଟାମିନର ଉତ୍ତମ ମିଶ୍ରଣ ଯୋଗାଇବା ଦରକାର।

କ୍ୟାନ୍ସର ପିଡୀତ ଶିଶୁ ଓ ପରିବାରକୁ ସମସ୍ତ ଶାରିରିକ ଓ ମାନସିକ ସମର୍ଥନ ଦରକାର ହୁଏ। ଯାହାକି କେବଳ ତାତ୍କାଳିକ ଡାକ୍ତରୀ ଚିକିତ୍ସା ଦ୍ୱାରା ସମ୍ଭବ ନୁହେଁ, ଦୀର୍ଘ ସମୟର ଯତ୍ନର ଆବଶ୍ୟକତା ରହିଥାଏ। ଏହା ସହିତ ପିଡୀତ ଓ ପରିବାରବର୍ଗଙ୍କୁ ମାନସିକ ସମର୍ଥନର ଅବଶ୍ୟକତା ଅତ୍ୟନ୍ତ ଜରୁରୀ। ଯାହାକି ଶାରୀରିକ ଚିକିତ୍ସାରେ ନିରାକରଣ କରିବା ସମ୍ଭବ ନୁହେ। ପିତାମାତାଙ୍କୁ ମାନସିକ ସମର୍ଥନ ଦେଇ ସେମାନଙ୍କ ଭିତରେ ସାହସ ଓ ମନୋବଳ ଜାଗୃତ କରିବା ଆବଶ୍ୟକ। ଇମ୍ପେରିଆଲ୍ କଲେଜ୍‌ର ନିଦେଶକ ଦୀପକ ଗୋୟଲ କହିଲେ ଯେ ଏମିତି ଶିଶୁମାନେ ଯେଉଁମାନେ କ୍ୟାନ୍ସର ସହ ସଂଘର୍ଷ କରି ଆସନ୍ତି, ସେମାନଙ୍କ ପାଇଁ ଶିକ୍ଷା କେବଳ ଜ୍ଞାନ ନୁହେଁ, ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ନିହାତି ଜରୁରୀ। ପରିବାର ସଦସ୍ୟ ମୁଖ୍ୟତଃ ଶିଶୁ ପିଡୀତଙ୍କ ମାତା ପିତା ସବୁବେଳେ ଶିଶୁର ସାଧାରଣ ଜୀବନଶୈଳିକୁ ଚିକିତ୍ସା ପ୍ରକ୍ରିୟା ସହ ଯୋଡି ଦେଇ ଶିଶୁକୁ ଏକ ଅସହାୟ ପିଡୀତ ରୂପେ ପରିଚୟ ଦେବା ଦ୍ୱାରା ଶିଶୁ ନିଜକୁ ଦୁର୍ବଳ ମନେ କରିଥାଏ । ଯାହାକି ତାର କେରିଅର ଉପରେ ପ୍ରଭାବ ପକାଇ ଥାଏ। ସେ କେରିୟର୍ କାଉନସେଲିଂ, ଦକ୍ଷତା ବିକାଶ ଓ ଭାବନାତ୍ମକ ବୁଦ୍ଧି ଉପରେ ଆଧାରିତ ଶିକ୍ଷାର ଆବଶ୍ୟକତା ବ୍ୟକ୍ତ କରେ । ଲକ୍ଷ୍ମୀ ବିକାଶ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଟ୍ୟୁସନ୍ସ ର ଅଧ୍ୟକ୍ଷ ନାଗେଶ୍ୱର ରାଓ କହିଲେ, କେବଳ ଡାକ୍ତର ଓ ପରିବାର ନୁହେଁ, ସମାଜ ମଧ ଏହି ଶିଶୁମାନଙ୍କ ଜୀବନ ଗଠନରେ ଅନ୍ୟତମ ଭୂମିକା ନିଭାଏ। ସେ ଶିକ୍ଷା, ମେଣ୍ଟରସିପ୍, ନୀତି ରୂପାନ୍ତର ଓ ସମୁଦାୟ ସହଯୋଗ ଦ୍ୱାରା ଏହି ଶିଶୁମାନେ ଜୀବନରେ ନୂଆ ଆରମ୍ଭ କରିପାରିବେ ବୋଲି କହିଥିଲେ।

ଫାଇଟର୍ସ ଗ୍ରୁପ୍ ର ଉପାଧ୍ୟକ୍ଷା ମିନତି ପତି କହିଲେ ଯେ ଏକ ମଜବୁତ ନେଟଓ୍ୱର୍କ ଏମିତି ପରିବାରମାନଙ୍କ ପାଇଁ ଭାବନାତ୍ମକ ଓ ସାମାଜିକ ଭାବେ ଅନେକ ଉପକୃତ କରେ। ସେ କହିଲେ ମେଡିକାଲ୍ ଖର୍ଚ୍ଚ ସହ ବେଶି ଭୟଙ୍କର ହେଉଛି ଏକାନ୍ତ ଓ ଅସ୍ଥିରତା। ତେଣୁ କମ୍ୟୁନିଟି ନେଟଓ୍ୱର୍କ କୁ ସବୁବେଳେ ପ୍ରାଧାନ୍ୟ ଦେଇ ଆଗେଇଲେ ଜୀବନର ପ୍ରତ୍ୟେକ ସମସ୍ୟାକୁ ସରଳତାର ସହ ସମାଧାନ କରି ପାରିବା। ଶ୍ରୀମତୀ ପତି ଏକ ତଥ୍ୟ ପ୍ରଦାନ କରି କହିଲେ ଯେ, ଏମ୍ସ ହସ୍ପିଟାଲ, ଭୁବନେଶ୍ୱରର ହାମୋଟୋଲୋଜି ବିଭାଗର ମୁଖ୍ୟ ତଥା ପ୍ରଫେସର ଡା. ସୋନାଲି ମହାପାତ୍ରଙ୍କ ତଥ୍ୟ ମୁତାବକ ପୂର୍ବରୁ ଯେଉଁ ଶିଶୁ କ୍ୟାନସର ଗୁଡ଼ିକୁ ଅସାଧ ରୋଗ ଭାବରେ ଦେଖାଯାଉଥିଲା, ଏବେ ସେଗୁଡ଼ିକର ଚିକିତ୍ସା ଏବଂ ସୁରକ୍ଷା ହାର ଅପୂର୍ବ ଭାବେ ବୃଦ୍ଧି ପାଇଛି। ଗତ ୫୦ ବର୍ଷରେ ଏହି ପରିବର୍ତ୍ତନ ଦେଖିବାକୁ ମିଳିଛି ଯେଉଁଠି ଏବେ ଶିଶୁ କ୍ୟାନ୍ସର ରୋଗୀଙ୍କ ମଧ୍ୟରୁ ୮୦-୯୦ ପ୍ରତିଶତ ପିଡୀତ ସଂପୂର୍ଣ୍ଣ ସୁସ୍ଥ ହୋଇ ସାଧାରଣ ଜୀବନ ବଞ୍ଚି ପାରୁଛନ୍ତି। ବର୍ତ୍ତମାନ ଯୁଗରେ ୭୫-୮୦% ପର୍ଯ୍ୟନ୍ତ ଶିଶୁ କ୍ୟାନ୍ସର ରୋଗୀ ପ୍ରାୟ ସଂପୂର୍ଣ୍ଣ ଭାବରେ ସୁସ୍ଥ ହେଇପାରୁଛନ୍ତି।

ଏଇଏମ୍ ଇଂରାଜୀ ମିଡିୟମ ସ୍କୁଲ ର ଚେୟାରମ୍ୟାନ ଜଶବୀର ସିଂହ କହିଲେ ଯେ ନିଜ କ୍ୟାନସର ପିଡୀତ ଶିଶୁର ଦକ୍ଷତାବୃଦ୍ଧି କରିବା ଦାୟିତ୍ୱ ନିଜ ପରିବାରର ଉପରେ ନିର୍ଭର କରିଥାଏ। କୌଣସି ପରିସ୍ଥିତିରେ ପିଡୀତ ଶିଶୁ ଓ ସାଧାରଣ ସୁସ୍ଥ ଶିଶୁ ମଧ୍ୟରେ ଏକ ତୁଳନାତ୍ମକ ଚିନ୍ତାଧାରା ସୃଷ୍ଟି ନ କଲେ ପିଡୀତ ଶିଶୁ ମଧ୍ୟ ନିଜର ଆତ୍ମବିଶ୍ୱାସକୁ ଦୃଢ କରିପାରିବ।

କାର୍ଯ୍ୟକ୍ରମରେ ଜିଲ୍ଲାର ଶିଶୁ ପିଡୀତ ମାନଙ୍କ ଦ୍ୱାରା ଆକର୍ଷଣୀୟ ତଥା ପ୍ରେରଣା ଦାୟୀ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଥିଲା। ଫାଇଟର୍ସ ଗୃପ ସହଯୋଗରେ ଉମ୍ମିଦେଁର ଏହି ସମାନୁଭୂତି କାର୍ଯ୍ୟକ୍ରମରେ ଉମ୍ମିଦେଁର ବିକାଶ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରତିଷ୍ଠାତା ନିତାଇ ଗୌର ପାଣିଗ୍ରାହୀ ମଞ୍ଚ ପରିଚାଳନା କରିଥିଲେ। ଫାଇଟର୍ସ ଗୃପ ଟ୍ରଷ୍ଟ ଅଧ୍ୟକ୍ଷ ଅଶ୍ୱିନୀ କୁମାର ଦର୍ଜୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶିଶୁ ସାମ୍ବାଦିକ ତାଲିମ କାର୍ଯ୍ୟକ୍ରମ



କୋରାପୁଟ,(ସବ୍ୟୁ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକତା ପକ୍ଷରୁ ଶିଶୁ ସାମ୍ବାଦିକଙ୍କ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥି ନିମନ୍ତେ ଏକତା ଅନୁଷ୍ଠାନ ପକ୍ଷରୁ ଏବଂ ଦଶମନ୍ତପୁର ବ୍ଲକର ପି. ବେଡାପଦର, ଲୁଲା ଓ ବୋରିଗୁମ୍ମା ବ୍ଲକର କାଠରଗଡା ଏବଂ ହରିଡ଼ାଗୁଡା ପଞ୍ଚାୟତରୁ ଶିଶୁ ସାମ୍ବାଦିକ ମାନେ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ। ବରିଷ୍ଠ ସାମ୍ବାଦିକ ସି.ଏଚ ସାନ୍ତାକାର ତାଲିମଦାତା ଭାବେ ଯୋଗଦେଇ ସେମାନଙ୍କୁ ସାମ୍ବାଦିକ କୌଶଳତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଏଥିରେ ଶିଶୁ ସାମ୍ବାଦିକ ମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରି ତାଲିମ ପାଇବା ସହ ନିଜ ଅଞ୍ଚଳରେ ହେଉଥିବା ଭଲ କାମ, ନିଜ ଅଞ୍ଚଳରେ ଥିବା ଅସୁବିଧା ଏବଂ ଏହାକୁ ସମାଧାନ କରିବା ନିମନ୍ତେ କଣ କରିବା ସେହି ବିଷୟକୁ ନେଇ ସମସ୍ତ ଅଂଶଗ୍ରହଣକାରୀ ନିଜ ଚାରିଗୋଟି ପଞ୍ଚାୟତର ଏକ ପୁସ୍ତକ ପ୍ରସ୍ତୁତି କରିଥିଲେ। ପ୍ରକଳ୍ପ ପରିଚାଳକ ମାମିନା ବେହେରା, ଡମ୍ବରୁଧର ମସ୍ତି, ବେଣୁଧର ନାୟକ, ମକର ମୁଦୁଲି ସହ ସ୍ୱେଚ୍ଛାସେବୀ ମାନେ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ ।

# ମାଁ ମଝିଘରିଆଣୀ ମନ୍ଦିର ନିକଟରେ ଧକ୍କାରେ ଜଳିଗଲା ଦୁଇ ଗାଡ଼ି



ରାୟଗଡା,(ସବ୍ୟୁ): ମାଁ ମଝିଘରିଆଣୀ ମନ୍ଦିର ନିକଟ ଓଭର ବ୍ରିଜ ତଳେ ମୁହାଁମୁହିଁ ଧକ୍କା ଫଳରେ ଜଳିଗଲା ଟିପର ଓ ପିକ୍ ଅପ ଗାଡ଼ି । ରାୟଗଡ଼ା ସହରର ମା ମଝିଘରିଆଣୀ ମନ୍ଦିର ନିକଟ ଆନ୍ଧ୍ର ପ୍ରଦେଶ ଯିବା ରାସ୍ତାର ଓଭର ବ୍ରିଜ ନିକଟରେ ଘଟିଛି ଏହି ଦୁର୍ଘଟଣା । ଦୁର୍ଘଟଣା ପରେ ଧୂଆଁ ମୟ ହୋଇଗଲା ସାରା ଅଞ୍ଚଳ ।ରାସ୍ତାରେ ଯାଉଥିବା ଯାତ୍ରୀ ହୋଇଗଲେ ଭୟଭୀତ । ଦୁର୍ଘଟଣାରେ ଜଳିଗଲା ପିକ ଅପ ଗାଡ଼ି ଓ କୋଇଲା ବୋଝେଇ ଟିପର । ଓଭର ବ୍ରିଜ ତଳେ ନବେ ଡିଗ୍ରୀ ବଙ୍କା ରାସ୍ତା ହେତୁ ଅତି ସତର୍କତା ଅବଲମ୍ବନ କରି ଗାଡ଼ି ଚଳାଚଳ କରୁଛି। କୌଣସି ଅସାବଧାନତା ଯୋଗୁଁ ଘଟିଗଲା ଦୁର୍ଘଟଣା। ଡ୍ରାଇଭର ସାମାନ୍ୟ ଆହତ ହୋଇଥିବା ଜଣା ପଡ଼ିଛି । ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଛନ୍ତି । ପୋଲିସ ପହଞ୍ଚି ଟ୍ରାଫିକ ବ୍ୟବସ୍ଥାକୁ ନିୟନ୍ତ୍ରଣ କରାଯାଇଥିଲା । ତଥାପି ରାସ୍ତା ଉପରେ ଗାଡ଼ି ଯାତାୟାତ ବନ୍ଦ ରହିଛି ।ଅନ୍ୟ ଏକ ବ୍ରିଜ ଦେଇ ଯାତାୟତ କରୁଛି।

## ଦୂର ହେବ ପାନୀୟ ଜଳ ସମସ୍ୟା

# ୬୦୦କୋଟି ଟଙ୍କାରେ ନିର୍ମାଣ ହେବ ପାନୀୟ ଜଳ ପ୍ରକଳ୍ପ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ସହର ମହାନଦୀ କୂଳ ଓ ହୀରାକୁଦ ଡ୍ୟାମର ପାଦଦେଶରେ ଅବସ୍ଥିତ । ଏହାସତ୍ତ୍ୱେ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ରହିଛି । ବିଶେଷ କରି ଗ୍ରୀଷ୍ମଋତୁରେ ସଠିକ୍ ଭାବେ ପାନୀୟ ଜଳ ଯୋଗାଣ ହୋଇପାରୁନଥିବାରୁ ଲୋକେ ପାଣି ଟୋପେ ପାଇଁ ତହଲବିକଳ ହୋଇଥାନ୍ତି ।

ମୁଖ୍ୟତଃ ଲୋକେ ନଳରୁ ପାଣି ସଂଗ୍ରହ କରିବା ସମୟରେ ଅଧିକ ଅପଚୟ କରିବା, ପମ୍ପ ବ୍ୟବାହର କରି ପାଇପ୍‌ରୁ ଅଧିକ ପାଣି ଟାଣୁଥିବାରୁ ତଳ ମୁଣ୍ଡକୁ ପାଣି ନପହଞ୍ଚିବା ଭଳି ସମସ୍ୟା ରହିଛି । ଫଳରେ ଏସବୁ ଅଞ୍ଚଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହୋଇଥାଏ । ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଯୋଗୁଁ ସମ୍ବଲପୁର ସହରରେ ବିଭିନ୍ନ ସମୟରେ ଜଣ୍ଡିସ ରୋଗ ଦେଖା ଯାଇଥାଏ । ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳ ଲୋକଙ୍କୁ ନିରନ୍ତର ପାନୀୟ ଜଳ ଯୋଗାଣ ପାଇଁ ନୂତନ ପ୍ରକଳ୍ପ ହାତକୁ ନିଆଯାଇଛି । ପାନୀୟ ଜଳ ପ୍ରକଳ୍ପ ପାଇଁ ୬୦୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି । ଏହାର ନିର୍ମାଣ କାର୍ଯ୍ୟ ପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି ।

ସମ୍ବଲପୁର ମହାନଗର ନିଗମ ସମ୍ବଲପୁର, ବୁର୍ଲା ଓ ହୀରାକୁଦ ସମେତ ପାଶର୍‌ବବର୍ତ୍ତୀ ୫୨ଟି ଗ୍ରାମକୁ ନେଇ ଗଠିତ । ମହାନଗର ଅଞ୍ଚଳରେ ପ୍ରାୟ ୫ଲକ୍ଷ ଲୋକ ବସବାସ କରୁଛନ୍ତି । ସହରରେ ୮ଟି ଜଳ ବିଶୋଧନ ୟୁନିଟ୍ ରହିଛି ।



ବରେଇପାଲିରେ ୪୦, ମୁଦିପଡାରେ ୧୧, ହୀରାକୁଦରେ ୯, ବୁର୍ଲାରେ ୪.୫, ୬ ଓ ୨.୨୫ଏମ୍ଏଲ୍‌ଡି ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟ ରହିଛି ।

ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରତ୍ୟହ ପ୍ରାୟ ୭୦ହଜାର ଗ୍ରାହକଙ୍କୁ ପାନୀୟ ଜଳ ଯୋଗାଣ ହୋଇଥାଏ । ଦୈନିକ ଜଣେ ବ୍ୟକ୍ତିଙ୍କୁ ୧୬୫ଲିଟର ଜଳ ଆବଶ୍ୟକ ହୋଇଥାଏ । ପୁରୁଣା ପାନୀୟ ଜଳ ଯୋଗାଣ ପାଇପ ଓ ଆବଶ୍ୟକ ଜଳ ବିଶୋଧନ କେନ୍ଦ୍ରର ଅଭାବ ଯୋଗୁଁ ଏହି ବୃହତ୍ତାକାର ମହାନଗରର ଅନେକ ୱାର୍ଡରେ ପାନୀୟ ଜଳ ସମସ୍ୟା ରହିଛି । ନୂତନ ପ୍ରକଳ୍ପ ଦ୍ୱାରା କାଇଁସିର ରୋଡରେ ୬୫ ଓ ବୁର୍ଲା ସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଞ୍ଚଳରେ ୩୫ଏମ୍ଏଲ୍‌ଡି କ୍ଷମତା ସମ୍ପନ୍ନ ଜଳ ବିଶୋଧନ ଗାର ନିର୍ମାଣ ହେବ । ଏହି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ସହରର ପ୍ରତ୍ୟେକ ଅଞ୍ଚଳକୁ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ହୋଇପାରିବ । ଏଥିସହ ପାନୀୟ ଜଳ ସମସ୍ୟା ଦୂର ଓ ଗୁଣାତ୍ମକ ମାନର ଜଳଯୋଗାଣ ହୋଇପାରିବ ବୋଲି ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି ।

# ଟ୍ରକ୍ ସହ ୫୯ଟି କେନ୍ଦୁ ଗଣ୍ଡି ଜବତ, ୨ କାଠ ମାଫିଆ ଗିରଫ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବନାଞ୍ଚଳରେ କେନ୍ଦୁ କାଠ ମାଫିଆ ସକ୍ରିୟ ଥିବା ଦେଖିବାକୁ ମିଳିଛି । ମାଫିଆମାନେ ଟ୍ରକ ନମ୍ବର (ଓଆର ୦୩ ଏଫ ୫୯୬୭)ଯୋଗେ କେନ୍ଦୁ କାଠ ଗଣ୍ଡି ଚୋରା ଚାଲାଣ କରୁଥିବା ବେଳେ କନ୍ଧମଳ ବନ ବିଭାଗ ହାତରେ ଧରାପଡ଼ିଥିଲା। ଗାଡି ସହ କାଠଗଣ୍ଡି ଜବତ କରିଥିବାବେଳେ ଦୁଇ ମାଫିଆଙ୍କୁ ଗିରଫ କରିଛି ବନବିଭାଗ ।

ସୂଚନା ଅନୁସାରେ କେନ୍ଦୁ କାଠଗଣ୍ଡି ଚୋରା ଚାଲାଣ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ କନ୍ଧମାଳ ରେଞ୍ଜ ଅଧିକାରୀ ଜୟକୃଷ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବନ ବିଭାଗର ଏକ ଟିମ ପେଟ୍ରୋଲିଂ କରୁଥିବା ସମୟରେ ମନମୁଣ୍ଡା–ସିନ୍ଧିଗୋରା ରାଜ୍ୟ ରାଜପଥ ନଂ ୪୧ ର ଘଣ୍ଟାପଡା ଛକ ନିକଟରେ ଏକ ଟାଟା ୧୧୦୯ ଟ୍ରକ ଗାଡିକୁ ତଲାସୀ କରିବାରୁ ବିପୁଳ କେନ୍ଦୁ ଗଣ୍ଡି ଥିବା ଦେଖିବାକୁ ପାଇଥିଲେ । କେନ୍ଦୁ ଗଣ୍ଡି ଚାଲାଣ ନେଇ ଆବଶ୍ୟକୀୟ କାଗଜପତ୍ର ଦେଖାଇ ନ ପାରିବାରୁ ଟ୍ରକ, କେନ୍ଦୁ ଗଣ୍ଡି ସହ ଦୁଇ ମାଫିଆଙ୍କୁ ଗିରଫ କରିଛି । ତଦନ୍ତ ପରେ ଗାଡ଼ିରେ ଥିବା ୫୯ ଖଣ୍ଡ କେନ୍ଦୁ ଗଣ୍ଡି ସହ ଟ୍ରକକୁ ଜବତ କରିଥିବା ସ୍ଥଳେ ୨ କାଠ ମାଫିଆଙ୍କୁ ଅଟକ ରଖି ଅଧିକ ତଦନ୍ତ କରୁଛି ବନବିଭାଗ । ଗିରଫ ଦୁଇ କାଠ ମାଫିଆ ହେଲେ ବଲାଙ୍ଗିର ଜିଲ୍ଲା ଲରମ୍ଭା ଥାନା ଠେଙ୍ଗାରାପଦର ଗ୍ରାମର ଘନଶ୍ୟାମ ଦିଶିରୀ (୩୪) ଓ ଜଗମୋହନ ବରିହା (୩୦) । କିଛି ଅସାଧୁ ବନ କର୍ମଚାରୀଙ୍କୁ ହାତ କରି କାଠ ମାଫିଆ ଏଭଳି ବେଆଇନ କାର୍ଯ୍ୟ କରୁଥିବା ସାଧାରଣରେ ଅଭିଯୋଗ ହୋଇଛି । ଏ ସଂକ୍ରାନ୍ତରେ କନ୍ଧମାଳ ବନ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ଥିବା ବେଳେ ଉଭୟ କାଠ ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ରେଞ୍ଜ ଅଧିକାରୀ ଜୟକୃଷ୍ଣ ପଟ୍ଟନାୟକ ସୂଚନା ଦେଇଛନ୍ତି ।


# ସମାଜସେବୀ ବିରଞ୍ଚି ନାରାୟଣ ପଣ୍ଡାଙ୍କ ପରଲୋକ

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡକେନ୍ଦୁଗୁଡା ଗ୍ରାମର ଗୌନ୍ତିଆ, ସମାଜସେବୀ ବିରଞ୍ଚି ନାରାୟଣ ପଣ୍ଡା ୬୫ ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି। ସେ ଦୀର୍ଘ ଦିନ ହେଲା ରୋଗଶଯ୍ୟାରେ ପଡିଥିବା ବେଳେ ଶନିବାର ରାତି ୧୨.୩୫ରେ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ୍ୟୁ ବେଳକୁ ତାଙ୍କ ପରିବାର ସମସ୍ତ ସଦସ୍ୟ ଜ୍ଞାତି କୁଟୁମ୍ବ ଉପସ୍ଥିତ ଥିଲେ। ରବିବାର ଅପରାହ୍ନରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ପୁଅ ଅମରଜ୍ୟୋତି ପଣ୍ଡା ଓ ସାନ ଭାଇ ଲକ୍ଷ୍ମୀ ନାରାୟଣ ପଣ୍ଡା ମୁଖାଗ୍ନି ଦେଇଥିଲେ। ତାଙ୍କ ଶବାଧାରରେ ଗାଁ ତଥା ବିଭିନ୍ନ ଅଞ୍ଚଳର ଶତାଧିକ ଲୋକ, ବନ୍ଧୁ ପରିଜନ, ଜ୍ଞାତି କୁଟୁମ୍ବ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ସେ କାଉଡୋଳା ପଞ୍ଚାୟତର ସରପଞ୍ଚ ଭାବେ ରହି ନବେ ଦଶକରେ କାଉଡୋଳା ଗାଁ ଲୋକଙ୍କ ପିଇବା ପାଣି ସମସ୍ୟାର ସମାଧାନ ପାଇଁ ପାଇପ ଯୋଗେ ଜଳ ଯୋଗାଣ କରି ସାଧାରଣ ଲୋକଙ୍କ ପାଖରେ ପ୍ରିୟ ଭାଜନ ହୋଇ ପାରିଥିଲେ ।୨୦୧୨ ରୁ ୨୦୧୭ କୋକସରା ଜୋନ– ୧ ର ଜିଲ୍ଲା ପରିଷଦ ସଦସ୍ୟଭାବେ ରହିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗର ପାଣି ପଞ୍ଚାୟତର କଳାହାଣ୍ଡି ଜିଲ୍ଲା ସଭାପତି, ଧର୍ମଗଡ କାର୍ଡ ବ୍ୟାଙ୍କ ଓ ଏଲ୍ ଡି ବି ବ୍ୟାଙ୍କର ସଭାପତି, କେନ୍ଦୁପତ୍ର ବିଭାଗର ଲଡୁଗାଁ ରେଞ୍ଜ ଅଞ୍ଚଳରେ ୨ଥର ସଭାପତି ଭାବେ ରହିଥିଲେ। ଜୁନାଗଡ ବାଣିଜ୍ୟ ସମବାୟ ସମିତିର ବର୍ତ୍ତମାନ ସଦସ୍ୟ ଥିଲେ। ଆମପାଣି ପେକ୍ସରେ ଲଗାତାର ୭ ଥର ସଭାପତି ଥିବା ବେଳେ ବର୍ତ୍ତମାନ ମଧ୍ୟ ସଭାପତି ଭାବେ ରହିଥିଲେ। କାଉଡୋଳା ପଞ୍ଚାୟତ ହାଇସ୍କୁଲ, ବଡ ପୋଡାଗୁଡା ପଞ୍ଚାୟତ ହାଇସ୍କୁଲ ରଏନଗୁଡା ଓ ମହିମା ଗ୍ରାମ ପଞ୍ଚାୟତ ହାଇସ୍କୁଲ ଡୁଡୁକାଠେଙ୍ଗା, ରଏନଗୁଡା ମା କାଳୀ ମଧ୍ୟ ଇଂରାଜୀ ବିଦ୍ୟାଳୟ ପ୍ରତିଷ୍ଠା କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା।

# ଅଧାରେ ଅଟକିଲା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍

କୋରାପୁଟ,(ସବ୍ୟୁ): ଛତିଶଗଡ଼ର ଜଗଦଲପୁରରୁ ଭୁବନେଶ୍ୱର ଅଭିମୁଖେ ବାହାରିଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍ ଅଘଟଣର ଶିକାର ହୋଇଛି। ସନ୍ଧ୍ୟାରେ ଏହି ଟ୍ରେନର ବଗିରୁ ବଗି ଅଲଗା ହେବା ଯୋଗୁଁ ଅଧାରେ ଅଟକିଛି। ଫଳରେ ଟ୍ରେନରେ ଥିବା ଯାତ୍ରୀମାନେ ଭୟଭୀତ ହୋଇଥିଲେ । ସୌଭାଗ୍ୟ ବଶତଃ ଏହି ଅଘଟଣରେ କୌଣସି ଯାତ୍ରୀଙ୍କ କିଛି କ୍ଷତି ହୋଇ ନାହିଁ। ଟ୍ରେନ୍ ନମ୍ବର ୧୮୪୪୮ (ହୀରାଖଣ୍ଡ ଏକ୍ସପ୍ରେସ୍ ଟ୍ରେନ୍)ରବିବାର ଜଗଦଲପୁର ଠାରୁ ଅପରାହ୍ଣ ସାଢ଼େ ୪ଟାରେ ପହଞ୍ଚିବାର ଥିଲା। ଏହି ଟ୍ରେନଟି ଭୁବନେଶ୍ୱରରେ ମଙ୍ଗଳବାର ପୂର୍ବାହ୍ଣ ୮ଟା ୨୦ରେ ପହଞ୍ଚିବାର ଥିଲା। ମାତ୍ର ଏଥିରେ ତ୍ରୁଟି ଯୋଗୁ ଆମଗୁଡ଼ା ନିକଟରେ ଟ୍ରେନର ବଗିରୁ ଅନ୍ୟ ବଗିଗୁଡ଼ିକ ଅଲଗା ହୋଇଯାଇଥିଲା। ଇଂଜିନ ପାର୍ଶ୍ୱରେ ଥିବା କିଛି ବଗି ଘଟଣାସ୍ଥଳରୁ ବହୁ ଆଗକୁ ପଳାଇଥିଲା। ବାକି ବଗି ସବୁ ପଛପଟରେ ରହି ଯାଇଥିଲା। ଟ୍ରେନର କିଛି ବଗି ସହିତ ଇଂଜିନ ଆଗକୁ ପଳାଇ ଯିବା ପରେ ଯାତ୍ରୀ ଭୟଭୀତ ହୋଇଯାଇଥିଲେ। ମାତ୍ର ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି।

# ସିଆରପିଏଫ୍ ପରିବାର କଲ୍ୟାଣ ସଂଘର ପ୍ରତିଷ୍ଠା ଦିବସ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ଗୋଶାଳା ସ୍ଥିତ ସିଆରପିଏଫ୍ ଗ୍ରୁପ୍ ସେଣ୍ଟର ଠାରେ ପରିବାର କଲ୍ୟାଣ ସଂଘ(କାୱା)ର ୩୦ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଆଞ୍ଚଳିକ କାୱା ସଭାପତି ପୁନମ୍ ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଙ୍ଗଠନର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ପୂର୍ବରୁ ସପ୍ତାହେ ବ୍ୟାପୀ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଭିମସାର ବୁର୍ଲାର ବିଶେଷଜ୍ଞ ଦ୍ୱାରା ଚର୍ମ ସ୍ୱାସ୍ଥ୍ୟ ଶିବିର, ମହିଳା ଓ ଶିଶୁ ମାନଙ୍କ ପାଇଁ କ୍ରୀଡା, ଚିତ୍ରକଳା, ପ୍ରବନ୍ଧ ଲିଖନ ଏବଂ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସୂଚନାଯୋଗ୍ୟ, ୨୨ଜୁନ୍, ୧୯୯୫ରେ କାୱା ପ୍ରତିଷ୍ଠା ହୋଇଥିଲା ।

# ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦ୍‌ଯାପିତ

ଭବାନୀପାଟଣା,(ସବ୍ୟୁ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ ଭବାନୀପାଟଣାରେ ଦୀର୍ଘ ନଅ ଦିନ ଧରି ଚାଲିଥିବା ଜିଲ୍ଲାସ୍ତରୀୟ ବିକାଶ ମେଳା ଉଦଯାପିତ ହୋଇଯାଇଛି । ପ୍ରତିଦିନ ସନ୍ଧ୍ୟାରେ ସାଧାରଣ ସଭା, ବିଭିନ୍ନ ବିଭାଗୀୟ ଯୋଗ୍ୟ ହିତାଧିକାରୀମାନଙ୍କୁ ସହାୟତା ପ୍ରଦାନ ଓ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିଲା । ଜିଲାପାଳ ପାୱାର ସଚିନ ପ୍ରକାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନି ଉତ୍ସବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢୀ, ଉପଜିଲ୍ଲାପାଳ ଭବାନୀପାଟଣା ପ୍ରଭାତ କୁମାର ପରିଡା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକ, ଡି.ଡି. ପ୍ଲାନିଂ ଶ୍ରୀକାନ୍ତ ଦଳେଇ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମୁଜୀବୁନ ନିଶା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲାଞ୍ଜିଗଡ ଶଙ୍କର ପାତ୍ର, ଜିଲ୍ଲା କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ପାଢୀ, ଶିଶୁ ସୁରକ୍ଷା ୟୁନିଟ୍ ପ୍ରୋଗ୍ରାମ ଅଧିକାରୀ ଅଂଶୁମାନ ବାବୁ ପ୍ରମୁଖ ଯୋଗ ଦେଇଥିଲେ ।ଜିଲ୍ଲାସ୍ତରୀୟ ବିକାଶ ମେଳା କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ୨୧୪୨ ଜଣ ହିତାଧିକାରୀଙ୍କୁ ଅନ୍ତୋଦୟ ଗୃହ ଯୋଜନାର ୱାର୍କ ଅର୍ଡର ଦିଆଯାଇଥିବା ବେଳେ ୧୩୪୦ ଜଣଙ୍କ ଠାରୁ ଆବେଦନ ପତ୍ର ଗ୍ରହଣ କରାଯାଇଥିଲା । ସେହିପରି ୪୭୩୦ ଜଣ ହିତାଧିକାରୀଙ୍କୁ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଜବ କାର୍ଡ, ୧୦୪୭ ଜଣଙ୍କୁ ନୂତନ ରାସନ୍ କାର୍ଡ ପ୍ରଦାନ କରାଯାଇଥିଲା ବେଳେ ୧୯୪୨ ଜଣ ହିତାଧିକାରୀଙ୍କୁ ସିଏମ କିଶାନ ଓ ୧୩୦୭ ଜଣଙ୍କୁ ପିଏମ କିଶାନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଶେଷରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।




# ସମ୍ପତ୍ତି ପାଇଁ ବାପାଙ୍କ ଜୀବନ ନେଲା ପୁଅ

ନୂଆପଡ଼ା,(ସବ୍ୟୁ): ଏକ ପୁଅ ଜମିବାଡ଼ି ପାଇଁ ବାପାର ଜୀବନ ନେଲା । ପୁଅର ଠେଙ୍ଗା ମାଡ଼ରେ ଚାଲିଯାଇଛି ବାପାଙ୍କ ଜୀବନ । ଏଭଳି ଏକ ଅଘଟଣ ଘଟିଛି ନୂଆପଡ଼ା ଜିଲ୍ଲା ବେଲଟୁକୁରି ଥାନା କୁରୁମୁଣ୍ଡା ଗାଁରେ । ମୃତକ ଜଣକ ୬୦ ବର୍ଷୀୟ ପବନ ସିଂ ବରିହା । ଶନିବାର ମଧ୍ୟାହ୍ନରେ କୁରୁମୁଣ୍ଡା ଗାଁରେ ବାପା ପବନ ଓ ପୁଅ ତୁଲାରାମଙ୍କ ମଧ୍ୟରେ ଜମିବାଡ଼ିକୁ ନେଇ ବଚସା ହୋଇଥିଲା ।ଏଥିରେ ନିଶାଶକ୍ତ ପୁଅ ତୁଲାରାମ ବାପା ପବନଙ୍କୁ କାଠ ଠେଙ୍ଗାରେ ଆକ୍ରମଣ କରି ହତ୍ୟା କରିଥିଲା । ଚାଷ ଜମିରେ ବାପାଙ୍କ ମୃତଦେହକୁ ଛାଡ଼ି ଘରକୁ ଚାଲି ଆସିଥିଲା। ରବିବାର ପୂର୍ବାହ୍ନରେ ବେଲଟୁକୁରି ପୁଲିସ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ୩୬ ବର୍ଷୀୟ ପୁଅ ତୁଲାରାମ ବାରିହାଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚାଲୁ ରହିଛି। ମଧ୍ୟାହ୍ନରେ ନୂଆପଡ଼ା ଏସପି ଜିଆର୍ ରାଘବେନ୍ଦ୍ର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି । ତେବେ ପ୍ରାଥମିକ ତଦନ୍ତରୁ ଜମିବାଡ଼ିକୁ ନେଇ ନିଜ ବାପାଙ୍କୁ ପୁଅ ହତ୍ୟା କରିଥିବା ଭଳି ସାଙ୍ଘାତିକ ଅଭିଯୋଗ ହୋଇଛି ।

# ୩୦୦ବୋତଲ କଫ୍ ସିରପ୍ ଜବତ, ଦୁଇ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ଭାବେ ନିଶା କଫସିରପ ଚୋରା ଚାଲାଣ ବେଳେ ଅବକାରୀ ପୋଲିସ ୨ଜଣଙ୍କୁ ଗିରଫ କରିଛି । ସେମାନଙ୍କ ଠାରୁ ୩୦୦ବୋତଲ କଫସିରପ ଜବତ ହୋଇଛି । ଏନେଇ ୨ଟି ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସମ୍ବଲପୁର ଅବକାରୀ ପୋଲିସ ଲକ୍ଷ୍ମୀ ଟକିଜ ଛକ ନିକଟରେ ହୀରାକୁଦ ଥାନା ଗଡମୁଣ୍ଡା ଗ୍ରାମର ଜନ୍ମେଜୟ ଓରାମ(୩୧)ଙ୍କ ଠାରୁ ୧୮୦ବୋତଲ କଫସିରପ ଜବତ କରାଯାଇଛି । ଏନେଇ ୭୭/୨୫ରେ ଏକ ମାମଲା ରୁଜୁ କରାଯାଇଛି । ସେହିପରି ସଦର ରେଞ୍ଜ ଅନ୍ତର୍ଗତ ଅଇଁଠାପାଲି ଛକ ନିକଟରେ ହୀରାକୁଦ ଥାନା ଗଡମୁଣ୍ଡା ଗ୍ରାମର ନକୁଳ ଖଡିଆ(୩୦)ଙ୍କ ଠାରୁ ୧୨୦ବୋତଲ କଫସିରପ ଜବତ କରାଯାଇଛି । ଅଭିଯୋଗ ପରେ ୨୫/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ।

# ଚାଷୀଙ୍କ କୃଷି ବୀମା ଟଙ୍କା ବାଟ ମାରଣା, ୩ ଗିରଫ

ଖପ୍ରାଖୋଲ,(ସବ୍ୟୁ): ଖପ୍ରାଖୋଲ ଥାନା ମାଟିଆଭଟା ପଞ୍ଚାୟତ ଅନକାମରା ଗାଁରେ ଜଣେ ଚାଷୀଙ୍କ ପ୍ରଧାନମନ୍ତ୍ରୀ ଫସଲ ବୀମା ଟଙ୍କା ବାଟ ମାରଣା ଅଭିଯୋଗରେ ତିନି ଜଣକୁ ଖପ୍ରାଖୋଲ ପୋଲିସ ରବିବାର କୋର୍ଟ ଚାଲାଣ କରିଥିବା ଜଣାଯାଇଛି । ସୂଚନା ଅନୁସାରେ ଅନକାମରା ଗାଁର ନନ୍ଦଲାଲ ବରିହାଙ୍କ ଚାଷ ଜମିରେ ୨୦୨୩/୨୪ ମସିହାରେ ପ୍ରଧାନମନ୍ତ୍ରୀ ଫସଲ ବୀମା ମାଟିଆଭଟା ଗ୍ରାମର ଦେବାନନ୍ଦ ସାହୁଙ୍କ ଗ୍ରାହକ ସେବା କେନ୍ଦ୍ରରେ ମଧୁସୂଦନ ସାହୁ ଓ ରୋହିତ ସାହୁ ମିଶି ଚାଷ କରିଥିଲେ । ଉକ୍ତ ବର୍ଷ ମାଟିଆଭଟା ପଂଚାୟତ ମରୁଡ଼ି ଘୋଷଣା ହୋଇଥିଲା । ତେଣୁ ଫସଲ ବୀମା ଟଙ୍କା ବିଭିନ୍ନ ଚାଷୀ ପାଇଥିଲେ । ହେଲେ ନନ୍ଦଲାଲ ବରିହାଙ୍କ ଜମା ଖାତାରେ ବୀମାରାଶି ଟଙ୍କା ପଡ଼ିନଥିଲା । ତେଣୁ ସେ କୃଷି କାର୍ଯ୍ୟାଳୟରେ ଯୋଗାଯୋଗ କରିଥିବା ବେଳେ ତାଙ୍କ ଜମିରେ ଦେବାନନ୍ଦ ସାହୁ , ମାଟିଆଭଟା ଗ୍ରାମର ମଧୁସୂଦନ ସାହୁ ଓ ରୋହିତ ସାହୁ ତାଙ୍କ ଚାଷ ଜମିକୁ ଅନ୍ୟ ଚାଷୀ ନାମରେ ଭାଗ ଚାଷୀ ଭାବରେ ବୀମା କରେଇ ତାଙ୍କ ବୀମା ରାଶି ଟଙ୍କାକୁ ବାଟ ମରଣା କରିଥିବା ଜାଣି ଥିଲେ। ଶନିବାର ଚାଷୀ ନନ୍ଦଲାଲ ବରିହା ଖପ୍ରାଖୋଲ ଥାନାର ଦ୍ୱାରସ୍ଥ ହୋଇ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି କେଶ ନମ୍ବର – ୧୪୧/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ପରେ ଗ୍ରାହକ ସେବା କେନ୍ଦ୍ରର ଏକ ଲାପଟପ୍, ଦୁଇଟି ପ୍ରିଣ୍ଟର, ଏଟିଏମ କାର୍ଡ , ପ୍ରାୟ ୧୨ ହଜାର ଟଙ୍କା ପୋଲିସ ଜବତ୍ କରି ତଦନ୍ତ ପରେ ଅଭିଯୁକ୍ତ ତିନି ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ଶିକ୍ଷକଙ୍କ ପରଲୋକରେ ଶୋକସଭା

ଜୟପାଟଣା,(ସବ୍ୟୁ):ଜୟପାଟଣା ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅଧିନସ୍ଥ –ପୋଡ଼ାଖୋଲ କ୍ଲଷ୍ଟର ଚାଚିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଥିବା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସିଫନ ସ୍ୱାଇଁଙ୍କ ପରଲୋକରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଚଳିତ ଗ୍ରୀଷ୍ମ ଛୁଟିରେ ନିଜ ଘର ଶିଆର ଗ୍ରାମ –ବ୍ରହ୍ମଗିରି –ଜିଲ୍ଲା ପୁରୀ କୁ ଯାଇ ଥିବାବେଳେ ୧୧.୬.୨୦୨୫ରିଖ ଦିନ ହଠାତ ତାଙ୍କର ଆକସ୍ମିକ ବିୟୋଗ ଖବର ସମସ୍ତଙ୍କୁ ଚକିତ କରିଦେଇଥିଲା। ଶିକ୍ଷକଙ୍କ ଆକସ୍ମିକ ବିୟୋଗ ସମସ୍ତଙ୍କ ମଧ୍ୟରେ ଗଭୀର ଦୁଃଖ ଦେଇ ଚାଲିଗଲା। ଦିଗବନ୍ତ ଶିକ୍ଷକ ସିଫନ ସ୍ୱାଇଁଙ୍କ ଦଶାହ ଅବସରରେ, ଚାଚିଗୁଡା ବିଦ୍ୟାଳୟରେ, ପୋଡ଼ାଖୋଲ କ୍ଲଷ୍ଟରସ୍ତରୀୟ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ସନ୍ତୋଷ କୁମାର ରଥଙ୍କ ଆବାହକତ୍ୱରେ ସମସ୍ତ ଶିକ୍ଷକ, ଶିକ୍ଷୟତ୍ରୀ,ଜୟପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ଠାକୁର, ଉପସଭାପତି ସଞ୍ଜୟ କୁମାର ପଣ୍ଡା, ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ସନାତନ ପଣ୍ଡା, ପ୍ରଧାନଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଦାସ, ସାମ୍ବାଦିକ ଅସରଫ ଅଲ୍ଲୀ, ଈଶ୍ୱର ଛତ୍ରିଆ, ପରିଚାଳନା କମିଟିର ସଦସ୍ୟ ଉପସ୍ଥିତ ଥିଲେ।

# ନବୀନଙ୍କ ଆଶୁ ଆରୋଗ୍ୟ କାମନା କରି ଦୀପ ପ୍ରଜ୍ୱଳନ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ବିଜୁ ଜନତା ଦଳ ପକ୍ଷରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା କରି ସାମୁହିକ ଦୀପ ପ୍ରଜ୍ୱଳନ କରାଯାଇଛି । ସେ ଯଥାଶୀଘ୍ର ସୁସ୍ଥ ହୋଇ ଫେରି ଆସନ୍ତୁ ବୋଲି କର୍ମୀ ଓ ନେତା ମାନେ ମାଁଙ୍କ ନିକଟରେ ପ୍ରାର୍ଥନା କରିଥିଲେ । ଏଥିରେ ସମଲେଶ୍ୱରୀ ଟ୍ରଷ୍ଟ ବୋର୍ଡ ସଭାପତି ସଞ୍ଜୟ କୁମାର ବାବୁ, ବେଣୁଧର ଦାଶ, ପ୍ରହଲ୍ଲାଦ ଗୁରୁ, ଦୁଲାଲଚନ୍ଦ୍ର ରାୟ, ଭବେଶ ଚାନ୍ଦ, ଅନମୋଲ ଦାଶ, ପ୍ରଫୁଲ୍ଲ କୁମାର ଦାଶ, ସୌରୀ ପାଣିଗ୍ରାହୀ, ଉଷା ପ୍ରଧାନ, ସଂଯୁକ୍ତା ମେହେର, ସଙ୍ଗୀତା ସ୍ୱାଇଁ, ପଦ୍ମା ମହାନନ୍ଦ, ମାମି ଆଇନ୍ଦ, ତ୍ରିବେଣୀ ପଣ୍ଡା ଓ ପିଙ୍କି ମେହେର ପ୍ରମୁଖ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ବିରୋଧି ଦଳ ନେତା ତଥା ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ମୁମ୍ବାଇର କୋକିଲାବେନ ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ରବିବାର ସର୍ଭାଇକାଲ ଆର୍ଥ୍ରାଇଟିସ୍‌ର ସଫଳ ଅସ୍ତ୍ରୋପଚାର ହୋଇଛି ।

# ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳରେ ନିଶା ନିବାରଣ କାର୍ଯ୍ୟକ୍ରମ


ଭାଲୁମୁଣ୍ଡା,(ସବ୍ୟୁ): ବଙ୍ଗୋମୁଣ୍ଡା ବ୍ଲକର ବିଭିନ୍ନ ଗ୍ରାମ ପଞ୍ଚାୟତରେ ନିଶା ନିବାରଣ ଉପରେ ଗାଁ ଗାଁ ବୁଲି ରାଜ୍ୟ ସରକାରଙ୍କ ଓ ଅବକାରୀ ବିଭାଗ ପକ୍ଷରୁ ସଚେତନ ବାର୍ତ୍ତା ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ମାଦକ ଦ୍ରବ୍ୟ ବ୍ୟବହାରର କୁପରିମାନ ବିଷୟରେ ଲୋକଙ୍କୁ ବୁଝାଉଥିଲେ। ବିଷାକ୍ତ ମଦ, ଚୋର ମଦ, ଭାଙ୍ଗ , ବିଡି,ଗୁଠଖା, ଘୁଡାଖୁ ନିଶା ନଖାଇବାକୁ ଗୀତ ମାଧ୍ୟମରେ କାର୍ଯ୍ୟକ୍ରମ କରିଥିଲେ।

# ଜୁନାଗଡ଼ ଆତ୍ମାର ଅଧକ୍ଷଙ୍କ ପରଲୋକ

ଜୁନାଗଡ଼,(ସବ୍ୟୁ): ମୃତ୍ୟୁ କାହାକୁ କେତେବେଳେ କେମିତି ନେବ କେହି କହିପାରିବେ ନାହିଁ। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ଆତ୍ମାର ଅଧକ୍ଷ ଅଶୋକ ପଟ୍ଟନାୟକ (୫୫) ରବିବାର ଘର ଛାତକୁ ଯାଇଥିବାବେଳେ ବିଦ୍ୟୁତ ସଂସ୍ପର୍ଶରେ ଆସିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ପରଲୋକ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବାବେଳେ ଅନେକ ବ୍ୟକ୍ତି ବିଶେଷ ସୋସିଆଲ ମିଡିଆରେ ପୋଷ୍ଟ କରି ଶୋକ ପ୍ରକାଶ କରିଛନ୍ତି। ଅଶୋକ ଆତ୍ମାର ଅଧକ୍ଷ ସହ ଗଛ ଲଗାଇ ପରିବେଶ ରକ୍ଷା କରୁଥିବାରୁ ତାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାରରେ ମଧ୍ୟ ସମ୍ମାନିତ କରାଯାଇଥିଲା। ଏହାସହ ଜଣେ ଆଇନଜୀବୀ ଓ ଅଧାପକ ଭାବେ ମଧ୍ୟ ବେଶ ପରିଚିତ ଥିଲେ।

# ଖବର ପ୍ରସାରଣ ବେଳେ ସାମ୍ବାଦିକ ସତ୍ୟନିଷ୍ଠ ହେବା ଜରୁରୀ : ବିଧାୟକ

## ଜର୍ଣ୍ଣାଲିଷ୍ଟ ଏସୋସିଏସନ୍ ଅଫ ବରଗଡ଼ର ସାଧାରଣ ସଭା




ବରଗଡ଼,(ସବ୍ୟୁ): ସାମ୍ବାଦିକ ମାନେ ସମାଜର ଏକ ବଳିଷ୍ଠ ଅଙ୍ଗ। ଖବର ପ୍ରସାରଣ ବେଳେ ସାମ୍ବାଦିକ ମାନେ ସତ୍ୟନିଷ୍ଠ ହେବା ଜରୁରୀ ବୋଲି ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଜର୍ନାଲିଷ୍ଟ ଏସୋସିଏସନ ଅଫ ବରଗଡ଼ (ଜାବ)ର ସାଧାରଣ ସଭାରେ ଯୋଗଦେଇ ଏହା କହିଥଇଲେ । ସଭାପତି ରବି ପଣ୍ଡାଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ବଦ୍ରୀପ୍ରସାଦ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିଲେ ବିଧାୟକ ଶ୍ରୀ ଷଡ଼ଙ୍ଗୀ । ସାମ୍ବାଦିକର ଧର୍ମ ସମାଜର ଶେଷ ପାହାଚରେ ଥିବା ବ୍ୟକ୍ତିର ଅଭାବ ଅସୁବିଧାକୁ ସରକାର ଓ ସରକାରୀ କଳର ଦୃଷ୍ଟିକୁ ଆଣି ତାକୁ ନ୍ୟାୟ ପ୍ରଦାନ କରାଇବା । ସେ ଏହି ଅବସରରେ ସାମ୍ବାଦିକ ମାନେ ଗଠନ ମୂଳକ ସମାଲୋଚନା କରିବା ଜରୁରୀ , ଯଦ୍ୱାରା ବ୍ୟବସ୍ଥାପକ ତାର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣି ଜନ ସାଧାରଣଙ୍କ ପାଇଁ ସଠିକ୍ ଭାବରେ କାର୍ଯ୍ୟ ସମ୍ପାଦନ କରିପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଓଡ଼ିଶା ସାମ୍ବାଦିକ ୟୁନିୟନର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି କହିଥିଲେ ଯେ ଓଡ଼ିଶାରେ ସାମ୍ବାଦିକ ମାନେ ବିଭିନ୍ନ ସମୟରେ ରାଜ୍ୟ ସରକାର ଓ ଶାସନ କଳ ଦ୍ୱାରା ପ୍ରତାରିତ ହେଉଛନ୍ତି। ବିଗତ ସରକାରଙ୍କୁ ଧନ୍ୟବାଦ୍ ଯେ ସାମ୍ବାଦିକ ମାନଙ୍କ ପାଇଁ ସ୍ୱାସ୍ଥ୍ୟ ବୀମା ଲାଗୁ କରିଥିଲେ । କିନ୍ତୁ ବାରମ୍ବାର ଆଲୋଚନା ଓ ପ୍ରତିଶ୍ରୁତି ସତ୍ତ୍ୱେ ରାଜ୍ୟରେ ଗତ ସରକାର ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କଲେ ନାହିଁ । ସାମ୍ବାଦିକ ମାନଙ୍କ ପେନସନ ବ୍ୟବସ୍ଥା କଲେ ନାହିଁ । ଦୀର୍ଘ ୧୬ ବର୍ଷ ଧରି ଅଚଳ ହୋଇ ପଡ଼ି ରହିଥିବା ସାମ୍ବାଦିକ ଅଧିସ୍ୱୀକୃତି କମିଟିକୁ ପୁନଃବିନ୍ୟାସ କଲେ ନାହିଁ। ତେଣୁ ଏହି ରାଜ୍ୟ ରେ ସାମ୍ବାଦିକ ସବୁବେଳେ ପ୍ରପୀଡ଼ିତ , ତେଣୁ ଯଥାଶୀଘ୍ର ବର୍ତ୍ତମାନର ସରକାର ଉପରୋକ୍ତ ଦାବୀ ଗୁଡ଼ିକ ପୂରଣ କରିବାକୁ ଶ୍ରୀ ମହାନ୍ତି ବିଧାୟକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ରଖିଥିଲେ । ଅନ୍ୟତମ ଅତିଥି ବରିଷ୍ଠ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ କହିଥିଲେ ଯେ ସାମ୍ବାଦିକ ବନ୍ଧୁମାନେ ଖବର ପ୍ରସାରଣ ବେଳେ ନିଜର ଆବେଗ ଓ ବ୍ୟକ୍ତିଗତ ମତକୁ ଅଗ୍ରାଧିକାର ନଦେଇ ପ୍ରକୃତ ତଥ୍ୟକୁ ଲୋକ ଲୋଚନକୁ ଆଣିବା ଦରକାର । ସେ ଏହି ଅବସରରେ କହିଥିଲେ ଯେ ସମାଜରେ ଘଟୁଥିବା ଘଟଣାବଳୀର ପ୍ରକୃତ ତଥ୍ୟକୁ ପ୍ରକାଶ କଲେ ସାମ୍ବାଦିକ ଜନ ସାଧାରଣରେ ଆଦୃତି ବଢ଼ିବା ସହ ତାଙ୍କ ଖବରର ଗ୍ରହଣୀୟତା ବଢ଼ିଥାଏ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ଓୟୁଜେ ର ପୂର୍ବତନ ସାଧାରଣ ସମ୍ପାଦକ ତଥା ଟ୍ରିବୁନାଲ କମିଟି ମୁଖ୍ୟ ଅଶୋକ ନନ୍ଦ ଓ କୋଷାଧ୍ୟକ୍ଷ ଅମୂଲ୍ୟ ସ୍ୱାଇଁ ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଏହି ଅବସରରେ ରାଜ୍ୟର ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟାର ପ୍ରତିକାର ଦାବୀ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ବିଧାୟକ ଶ୍ରୀ ଷଡ଼ଙ୍ଗୀ ଙ୍କୁ ସଂଘ ପକ୍ଷରୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଜାବ ପକ୍ଷରୁ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅବଦାନ ପାଇଁ ଡି.ମୁରଲୀ କ୍ରୀଷ୍ଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

(ଶ୍ରୀମଦ୍ଭଗବଦ୍ ଗୀତା ୧୬/୨୨)
–ଦୈବାସୁରସମ୍ପଦ୍‌ବିଭାଗ–
(ଶ୍ରୀଭଗବାନୁବାଚ )

**ଏତୈର୍ବିମୁକ୍ତଃ କୌନ୍ତେୟ ! ତମୋଦ୍ୱାରୈସ୍ତ୍ରିଭିର୍ନରଃ ।**
**ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ।।୨୨।।**

ହେ କୌନ୍ତେୟ ! ଯେଉଁ ଲୋଭ ନରକର ଦ୍ୱାରସ୍ୱରୂପ ଏହି ତିନୋଟିରୁ (କାମାଦିରୁ) ମୁକ୍ତିଲାଭ କରିଛନ୍ତି, ସେ ନିଜର ମଙ୍ଗଳସାଧକ ଯାଗଯଜ୍ଞାଦି କର୍ମର ଅନୁଷ୍ଠାନ କରନ୍ତି ଏବଂ ସେହି ଅନୁଷ୍ଠାନ ଫଳରେ ପରମଗତି (ମୋକ୍ଷ) ଲାଭ କରନ୍ତି । ।।୨୨।।

# ଶ୍ରୀଜଗନ୍ନାଥ ହିଁ ଆକର୍ଷଣ

ସମ୍ପାଦକୀୟ

ଗତ ୨୦ (ଜୁନ୍, ୨୦୨୫) ତାରିଖରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ମାତ୍ର ଅଢ଼େଇ ଘଣ୍ଟା ପାଇଁ ଓଡ଼ିଶା ଆସିଥିଲେ, ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବରେ ଯୋଗ ଦେଇ ଫେରିଗଲେ । ଜୟ ଜଗନ୍ନାଥ ଓ ଜୟ ଲିଙ୍ଗରାଜ ବୋଲି ସଭା ଆରମ୍ଭରୁ କହି ସେ ଓଡ଼ିଶାବାସୀଙ୍କୁ ଉଦ୍‌ବୋଧନ କେବଳ ଦେଇ ନ ଥିଲେ, ୧୮,୬୦୦ କୋଟିରୁ ଅଧିକ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ ମଧ୍ୟ ଆଭାସୀ ମାଧ୍ୟମରେ କରିଗଲେ । ‘ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଆକର୍ଷଣ ଯୋଗୁ ଆପଣମାନଙ୍କ ନିକଟକୁ ଆସି ପାରିଲି’ ବୋଲି ସେ ପ୍ରକାଶ କରିଥିଲେ । ଏପରିକି ସେ କାନାଡାରେ ଜି–୭ ସମ୍ମିଳନୀରେ ଥିବା ସମୟରେ ଆମେରିକାର ରାଷ୍ଟ୍ରପତି ଶୀ ଟ୍ରମ୍ପ୍ ତାଙ୍କୁ ଭୋଜି ପାଇଁ ନିମନ୍ତ୍ରଣ କରି ଆଲୋଚନା କରିବାକୁ ଟେଲିଫୋନ୍ କରିଥିଲେ । ମାତ୍ର ଶ୍ରୀ ଜଗନ୍ନାଥ ଓ ଓଡ଼ିଶାର ଆକର୍ଷଣ ଓ କର୍ତ୍ତବ୍ୟ ଯୋଗୁ ସେ ଶ୍ରୀ ଟ୍ରମ୍ପ୍‌ଙ୍କ ଅନୁରୋଧ ରକ୍ଷା କରିପାରିଲେ ନାହିଁ ବୋଲି ତାଙ୍କ ବକ୍ତବ୍ୟରେ ମୋଦିଜୀ ପ୍ରକାଶ କରିଥିଲେ ।

ଏହି ବକ୍ତବ୍ୟରୁ ଆହୁରି ସ୍ପଷ୍ଟ ହେଉଛି ଯେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆମେରିକା ରାଷ୍ଟ୍ରପତି ଶ୍ରୀ ଡୋନାଲ୍ଡ ଟ୍ରମ୍ପ୍‌ଙ୍କ କଥାରେ ଚାଲୁ ନାହାନ୍ତି । ଭାରତ–ପାକିସ୍ତାନ ଯୁଦ୍ଧବିରତି ମଧ୍ୟ ଟ୍ରମ୍ପ୍‌ଙ୍କ ମଧ୍ୟସ୍ଥତାରେ ହୋଇ ନ ଥିଲା । ଉଭୟ ଭାରତ ଓ ପାକିସ୍ତାନ ସହମତିରେ ଏହା ହୋଇଥିଲା ବୋଲି ଭାରତର ବୈଦେଶିକ ମନ୍ତ୍ରୀ ଡକ୍ଟର ସୁବ୍ରମନିୟମ ଜୟଶଙ୍କର ମଧ୍ୟ ପୂର୍ବରୁ ଏ ସମ୍ପର୍କରେ ସୂଚନା ଦେଇଥିଲେ ।

ପ୍ରକୃତରେ ଶ୍ରୀ ଜଗନ୍ନାଥଙ୍କ ଆକର୍ଷଣ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କୁ ବାରମ୍ବାର ଓଡ଼ିଶା ଆସିବା ପାଇଁ କେବଳ ବାଧ୍ୟ କରି ନାହିଁ, ଓଡ଼ିଶାକୁ ବିକାଶ ପଥରେ ଆଗକୁ ନେଇଯିବା ପାଇଁ ମଧ୍ୟ ମୋଦିଜୀ ତାଙ୍କର ଉଦ୍ୟମ ଜାରି ରଖିଛନ୍ତି । ଏ କଥା ଆମକୁ ସ୍ୱୀକାର କରିବାକୁ ହେବ ଯେ ମହାତ୍ମା ଗାନ୍ଧୀ ଯେପରି ଓଡ଼ିଶାର ଦାରିଦ୍ର୍ୟ ଦେଖି ବିବ୍ରତ ହୋଇପଡ଼ିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ମଧ୍ୟ ଖଣିଜ ସମ୍ପଦ ଓ ପ୍ରାକୃତିକ ଶୋଭା–ସମ୍ପଦଭରା ଓଡ଼ିଶାର ଦୁର୍ଦ୍ଦଶା ଦେଖି ବିଚଳିତ ହୋଇପଡ଼ିଥିଲେ । ଅତୀତର କଂଗ୍ରେସ ଓ ଆଞ୍ଚଳିକ ଦଳ ବିଜୁ ଜନତା ଦଳର ଶାସନ କାଳରେ ଓଡ଼ିଶାର ବିକାଶ ସମ୍ଭବ ହୋଇ ନ ଥିଲା ବୋଲି ସେ ଅନୁଭବ କରି ଓଡ଼ିଶାରେ ସରକାରର ପରିବର୍ତ୍ତନ ସେ କରାଇଥିଲେ ।

ଆଜି ଜାତିର ଜନକ ଗାନ୍ଧିଜୀଙ୍କ କଥା ମନେପଡୁଛି । ସେ କହିଥିଲେ, ‘ଭାରତ ବର୍ଷରେ ‘ଓଡ଼ିଶା’ ମୋର ପ୍ରିୟ ଭୂମି । ଯେତେବେଳେ ମୁଁ ଭାରତବର୍ଷରେ ପଦାର୍ପଣ କଲି, ସେତେବେଳେ ଓଡ଼ିଶାର ଦାରିଦ୍ର୍ୟ ଓ ଦୁର୍ଭିକ୍ଷ ସମ୍ପର୍କରେ ଶୁଣିବାକୁ ପାଇଛି । ଠକ୍‌କର ବାପା ଓଡ଼ିଶା ସମ୍ପର୍କରେ ଆସିଥିଲେ ଓ ଦୁର୍ଭିକ୍ଷ ସାହାଯ୍ୟ ସଙ୍ଗଠନ କରିଥିଲେ । ମୁଁ ମଧ୍ୟ ବୁଝିପାରିଲି ଯେ, ଯଦି ମୁଁ କୌଣସି ପ୍ରକାରେ ଓଡ଼ିଶାର ସେବା କରିପାରେ, ତା’ହେଲେ ସେହି ବାଟରେ ମୁଁ ଭାରତବର୍ଷର କିଛି ହେଲେ ବି ସେବା କରିପାରିବି । ପରବର୍ତ୍ତୀ କାଳରେ ଓଡ଼ିଶା ମୋ ପକ୍ଷରେ ଏକ ତୀର୍ଥସ୍ଥଳୀ ହୋଇପଡ଼ିଲା । ଏଠାରେ ଜଗତର ନାଥଙ୍କ ମନ୍ଦିର ଥିବା ଯୋଗୁ ଯେ ଏପରି ହୋଇଥିଲା, କେବଳ ସେତିକି ନୁହେଁ, (ଯେହେତୁ ଏହା ହରିଜନ ପାଇଁ ଉନ୍ମୁକ୍ତ ନ ଥିଲା, ତେଣୁ ମୋ’ ପାଇଁ ମଧ୍ୟ ଏହା ଉନ୍ମୁକ୍ତ ନ ଥିଲା ।)... (ଓଡ଼ିଶା ମୋ’ ପ୍ରିୟ ଭୂମି, ‘ଓଡ଼ିଶାରେ ଗାନ୍ଧିଜୀ’ ପୁସ୍ତକ ଯାହା ରାଜ୍ୟ ଲୋକସମ୍ପର୍କ ନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରକାଶ ପାଇଥିଲା ୧୯୭୦ ମସିହାରେ)

ଗାନ୍ଧିଜୀ ଓଡ଼ିଶାକୁ ପ୍ରାୟ ଆଠ ଥର ଗସ୍ତ କରିଥିଲେ । ଅବଶ୍ୟ ଗାନ୍ଧିଜୀ ନିଜେ ଭାରତର ପ୍ରଧାନମନ୍ତ୍ରୀ ବା ରାଷ୍ଟ୍ରପତି ହେବାକୁ ଚାହିଁ ନ ଥିଲେ । ମାତ୍ର ଜଣେ ଦଳିତ ବା ଆଦିବାସୀ ଭାରତର ସର୍ବୋଚ୍ଚ ପଦବୀରେ ରୁହନ୍ତୁ ବୋଲି ଗାନ୍ଧିଜୀ ଚାହିଁଥିଲେ । ପ୍ରଧାନମନ୍ତ୍ରୀ ମୋଦିଜୀ ଗତ ଥର ପଛୁଆ ବର୍ଗର ଶ୍ରୀ ରାମନାଥ କୋବିନ୍ଦଙ୍କୁ ଭାରତର ରାଷ୍ଟ୍ରପତି ହେବାର ସୁଯୋଗ ଦେଇ ଏଥର ଜଣେ ଓଡ଼ିଶାର ଆଦିବାସୀ ମହିଳାଙ୍କୁ ଭାରତର ରାଷ୍ଟ୍ରପତି ହେବାର ସୁଯୋଗ ଦେଇଛନ୍ତି । ମୋଦିଜୀ ମଧ୍ୟ ଏହି ବର୍ଷକ ମଧ୍ୟରେ ଷଷ୍ଠଥର ପାଇଁ ଓଡ଼ିଶା ଗସ୍ତରେ ଆସି ଓଡ଼ିଶାକୁ ଉପରକୁ ଉଠାଇବାକୁ ଉଦ୍ୟମ କରୁଛନ୍ତି । ଉଭୟ ଗାନ୍ଧିଜୀ ଓ ମୋଦିଜୀ ଜଗନ୍ନାଥଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିଛନ୍ତି । ଅବଶ୍ୟ ହରିଜନମାନଙ୍କୁ ଜଗନ୍ନାଥ ମନ୍ଦିର ମନା ବୋଲି ଗାନ୍ଧିଜୀ ଜଗନ୍ନାଥଙ୍କୁ ଦର୍ଶନ କରୁ ନ ଥିଲେ । ମାତ୍ର ପରିବର୍ତ୍ତିତ ପରିସ୍ଥିତିରେ ମୋଦିଜୀ ଜଗନ୍ନାଥଙ୍କୁ ଦର୍ଶନ କରି ଓଡ଼ିଶା ଓ ଭାରତ ପାଇଁ ଆଶୀର୍ବାଦ କାମନା କରିଛନ୍ତି । ଓଡ଼ିଶାକୁ ଲକ୍ଷ୍ୟକରି ଗାନ୍ଧିଜୀଙ୍କ ପରି ମୋଦିଜୀ ମଧ୍ୟ ତାଙ୍କ ଗତ ଥର ଓଡ଼ିଶା ଗସ୍ତରେ ଆସି ‘ଭାରତର ବିକାଶ ପ୍ରକ୍ରିୟା ପୂର୍ବ ଭାରତରୁ ଆରମ୍ଭ ହେବ ବୋଲି’ ପ୍ରକାଶ କରିଛନ୍ତି ।

ଓଡ଼ିଶାରେ ମୋହନ ଚରଣ ମାଝୀଙ୍କ ସରକାର ଓଡ଼ିଶାକୁ ଆଗେଇ ନେବ ଏବଂ ୨୦୩୬ରେ ଓଡ଼ିଶା ତାହାର ଜନ୍ମ ଶତବାର୍ଷିକ ପାଳନ କରିବ ଏବଂ ଭାରତ ୨୦୪୭ରେ ତାହାର ଜନ୍ମ ଶତବାର୍ଷିକ ପାଳନ କରିବ ବୋଲି ମୋଦିଜୀ ଆଶା ପ୍ରକାଶ କରିଛନ୍ତି ।

## ଜୀବନର ସମାପ୍ତି

**ତୁମକୁ ସମସ୍ତେ ଛାଡ଼ି ଚାଲିଗଲା ପରେ ଶେଷକୁ ଯିଏ ହିଁ କେବଳ ତୁମର ହୋଇ ରହିବ, ସେ ହେଲା ମୁଁ (ଈଶ୍ୱର)।**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ–ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ ‘ସମୟ’ କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଶିଶୁ ଶ୍ରମିକ ଜାଲରେ ହଜିଯାଇଛି ଶୈଶବ



**ଡକ୍ଟର ଲକ୍ଷ୍ମଣ ସାହୁ**

ଏବେ ଶିଶୁ ଶ୍ରମିକ ଏକ ବଡ଼ ସମସ୍ୟା ପାଲଟିଛି । ଏହା ପିଲାମାନଙ୍କ ଠାରୁ ସେମାନଙ୍କ ଶୈଶବ, ଶିକ୍ଷା ଓ ଉଜ୍ଜ୍ୱଳ ଭବିଷ୍ୟତ ଛଡ଼ାଇ ନେଉଛି । କେବଳ ଏତିକି ନୁହେଁ ଏହା ପିଲାମାନଙ୍କର ଶାରୀରିକ, ମାନସିକ ଓ ଯୌନ ବିକାଶକୁ ମଧ୍ୟ ବାଧା ଦିଏ, ଯାହା ଏକ ଘୋର ପରିତାପର ବିଷୟ ବା ଦୁଃଖଦାୟକ ଘଟଣା । ଏଥିରୁ ସହଜରେ ମୁକୁଳିବା ମଧ୍ୟ ସହଜ ନୁହେଁ । ତଥାପି ଆମକୁ ଏପରି ଏକ ବିଶ୍ୱ ସୃଷ୍ଟି କରିବାକୁ ପଡିବ ଯେଉଁଠାରେ କାମ ନୁହେଁ, ପୁସ୍ତକ ପିଲାମାନଙ୍କର ଅଧିକାର ପାଲଟିବ । ଯେଉଁ ସମୟରେ ଶିଶୁଙ୍କ ହସ୍ତରେ ପୁସ୍ତକ ଶୋଭା ପାଆନ୍ତା , ଦରୋଟି ଓଠରେ ଅକ୍ଷରର ଅସ୍ପଷ୍ଟ ସ୍ୱର ସଂଚାରିତ ହୋଇପାରନ୍ତା, ହସ ଖୁସି ଖେଳ କୁଦ ଛାଡ଼ି ଶ୍ରମିକ ଭାବେ କେଉଁଠି କାର୍ଯ୍ୟ କରୁଛି । ଏବେ ମଧ୍ୟ ସାରା ବିଶ୍ୱରେ ଶିଶୁ ଶ୍ରମିକ ବିରୁଦ୍ଧରେ ସ୍ୱର ଉଠାଯାଉଛି ।

ବିଶ୍ୱରେ ଏହି ଦିଗରେ ଚାଲିଥିବା ନିରନ୍ତର ସଂଘର୍ଷର ଠୋସ୍ ଫଳାଫଳ ବହୁତ କମ୍ ଦେଖାଯାଉଛି । ଅନ୍ତର୍ଜାତୀୟ ଶ୍ରମ ସଂଗଠନ ସମସ୍ତ ପ୍ରକାରର ଶିଶୁ ଶ୍ରମିକ ସମାପ୍ତ କରିବା ପାଇଁ ବିଶ୍ୱସ୍ତରୀୟ ପ୍ରୟାସକୁ ମଜବୁତ କରିବାକୁ ଆହ୍ୱାନ କରୁଛି । ଶିଶୁ ଶ୍ରମିକ ବିରୁଦ୍ଧରେ ଉଠିଥିବା ସ୍ୱର ଆମକୁ ଚିନ୍ତା କରିବାକୁ ବାଧ୍ୟ କରୁଛି ଯେ ପ୍ରଯୁକ୍ତିବିଦ୍ୟା ବିକାଶ ଓଁ ବିଶ୍ୱୀକରଣର ଏହି ଯୁଗରେ କୋଟି କୋଟି ପିଲା କାହିଁକି କାମ କରିବାକୁ ବାଧ୍ୟ ହେଉଛନ୍ତି ?

ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଅନୁଯାୟୀ ଆଜି ମଧ୍ୟ ସାରା ବିଶ୍ୱରେ ୧୬ କୋଟିରୁ ଅଧିକ ଶିଶୁ, ଶିଶୁ ଶ୍ରମିକ ଭାବରେ କାମ କରୁଛନ୍ତି । ସେମାନଙ୍କ ମଧ୍ୟରୁ ଏକ ବଡ଼ ଅଂଶ ବିପଜ୍ଜନକ ଅବସ୍ଥାରେ କାମ କରୁଛନ୍ତି । ଏହି ପରିସ୍ଥିତି ବିକାଶର ଉଜ୍ଜ୍ୱଳ ଚିତ୍ର ପଛରେ ଥିବା ଅନ୍ଧକାରକୁ ଉଜାଗର କରେ, ଯାହାକୁ ଆମେ ଅଣଦେଖା କରି ଆସିଛେ ।

ଶିଶୁ ଶ୍ରମିକ ଏପରି ଏକ କାମ ଯାହା ପିଲାମାନଙ୍କ ଶୈଶବକୁ ଅତ୍ୟନ୍ତ ନିଷ୍ଠୁର ଭାବରେ ହରଣ କରେ । କାମ କରିବା ସମୟରେ ସେମାନଙ୍କୁ ଅନେକ ନିର୍ଯାତନା ଦିଆଯାଏ । ପରିଣାମ ସ୍ୱରୂପ ଏହି ପରିସ୍ଥିତିରେ ସେମାନଙ୍କର ଶାରୀରିକ, ମାନସିକ ଓ ଯୌନ ବିକାଶ ଖରାପ ହୋଇଯାଏ । ସେମାନଙ୍କ ଭବିଷ୍ୟତର ସମସ୍ତ ସମ୍ଭାବନା ହ୍ରାସ ପାଇବାକୁ ଲାଗେ । ପ୍ରକୃତରେ ଶିଶୁ ଶ୍ରମିକ ପିଲାମାନଙ୍କ ଶିକ୍ଷାରେ ବାଧା ସୃଷ୍ଟି କରେ । ଅନେକ କ୍ଷେତ୍ରରେ ଦେଖାଯାଇଛି ଯେଉଁ ପିଲାମାନେ ପାଠପଢ଼ନ୍ତି ସେମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳ କରିପାରନ୍ତି, କିନ୍ତୁ ଯେଉଁମାନେ ଶିଶୁ ଶ୍ରମିକର ଫାଶରେ ପଡିଯାନ୍ତି ସେମାନେ ସେମାନଙ୍କ ଅନ୍ଧକାର ଭବିଷ୍ୟତକୁ ଆଦରି ନେଇଥାନ୍ତି ।

ଏହି ସମସ୍ୟାର ମୂଳ କାରଣ ହେଉଛି ଦାରିଦ୍ର୍ୟ, ଶିକ୍ଷାର ଅଭାବ, ସାମାଜିକ ଅସମାନତା, ପରିବାରରେ ବେକାରୀ ଓ ଶିଶୁ ଶ୍ରମିକ ଆଇନର ଶିଥିଳ କାର୍ଯ୍ୟାନ୍ୱୟନ ହୋଇଥାଏ । ଯେତେବେଳେ ପରିବାରର ଜୀବିକା ନିର୍ବାହର ମୌଳିକ ଆବଶ୍ୟକତା ପୂରଣ ହୁଏ ନାହିଁ, ସେତେବେଳେ ସେମାନଙ୍କ ସମ୍ମୁଖରେ ସବୁଠାରୁ ସହଜ ବିକଳ୍ପ ହେଉଛି ପିଲାମାନଙ୍କୁ କାମ କରିବାକୁ ପଠାଇବା । ଏହି କାରଣରୁ ଅନେକ ନିର୍ଦ୍ଦୋଷ ପିଲାଙ୍କୁ କ୍ଷେତ, କାରଖାନା, ଇଟା ଭାଟି, ଘରୋଇ କାମ ଓ ନିର୍ମାଣ ସ୍ଥାନରେ କାମ କରୁଥିବା ଦେଖାଯାଏ । ଆଶ୍ଚର୍ଯ୍ୟଜନକ ଯେ ସବୁକିଛି ଦେଖିବା ସତ୍ତ୍ୱେ ସ୍ଥାନୀୟ ପ୍ରଶାସନ ପ୍ରାୟତଃ ନଦେଖିଲା ପରି ଆଖି ବୁଜିଦିଏ । ନିରୀହ ଶିଶୁମାନଙ୍କୁ ଖଟାଉଥିବା ଦଲାଲମାନଙ୍କୁ କୌଣସି ପ୍ରକାର ଦଣ୍ଡିତ କରାଯାଏ ନାହିଁ ।

କରୋନା ମହାମାରୀ ପରଠାରୁ ଏହି ସଙ୍କଟ ଆହୁରି ଗଭୀର ହୋଇଛି । ସ୍କୁଲ ବନ୍ଦ ହେବା ଯୋଗୁଁ ଲକ୍ଷ ଲକ୍ଷ ପିଲା ଶିକ୍ଷାରୁ ବଞ୍ଚିତ ହୋଇଥିଲେ । ଅନ୍ୟପକ୍ଷରେ ବେକାର ପରିବାରମାନେ ସେମାନଙ୍କ ପିଲାମାନଙ୍କୁ ଶିକ୍ଷା ଦେବା ଅପେକ୍ଷା କାମ କରିବାକୁ ଓ କିଛି ଟଙ୍କା ରୋଜଗାର କରିବାକୁ ପଠାଇବା ଅଧିକ ଉପଯୁକ୍ତ ମନେ କରିଥିଲେ । ୨୦୦୦ ରୁ ୨୦୨୦ ମଧ୍ୟରେ ବିଶ୍ୱ ସ୍ତରରେ ଶିଶୁ ଶ୍ରମିକରେ ୮୫.୫ ନିୟୁତ ପିଲାଙ୍କ ହ୍ରାସ ରେକର୍ଡ କରାଯାଇଥିଲା, ଯାହା ଏକ ସକାରାତ୍ମକ ସଙ୍କେତ ଥିଲା । କିନ୍ତୁ କରୋନା ମହାମାରୀ ଓ ଆର୍ଥିକ ଅସମାନତା ଏହି ଧାରାକୁ ଓଲଟାଇ ଦେଇଥିଲା । ଏହା ପରେ ପରେ ଶିଶୁ ଶ୍ରମିକଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧି ପାଇଥିଲା ।

ଦେଖିବାକୁ ଗଲେ ଗ୍ରାମାଞ୍ଚଳ , ଏହି ସମସ୍ୟା ସହରାଞ୍ଚଳର ବସ୍ତି ଓ ପ୍ରବାସୀ ଶ୍ରମିକ ପରିବାରରେ ଅଧିକ ଗୁରୁତର ହୋଇଛି । ଏହି ପରିସ୍ଥିତି ସାମାଜିକ ଚ୍ୟାଲେଞ୍ଜର ମୁକାବିଲା ପାଇଁ ନୂତନ ନୀତି, ସାମଗ୍ରିକ ଭାବେ ସାମୂହିକ ଠୋସ୍ ପ୍ରତିବଦ୍ଧତାର ଗୁରୁତ୍ୱକୁ ଗୁରୁତ୍ୱ ଦେଇଥାଏ । କାରଣ ଜନସଚେତନତାର ଆବଶ୍ୟକତା ଯଥେଷ୍ଟ ଅଛି । ଭାରତରେ କେବଳ ନୁହେଁ ସମସ୍ତ ରାଜ୍ୟରେ ଶିଶୁ ଶ୍ରମିକ ବେଆଇନ କାର୍ଯ୍ୟକଳାପ ପ୍ରତିବାଦରେ ସ୍ୱର ଉଠାଇବା ଆବଶ୍ୟକ ରହିଛି ।

ଏବେ ସମୟ ଆସିଛି ଆମେ ଏହି ବିଷୟ ବିଷୟରେ କଥା ହେବା କେବଳ ଉଚିତ ନୁହେଁ , ବରଂ ଏହା ଉପରେ ଆଲୋଚନା କରିବା ଉଚିତ । କାରଣ ଏହି ସମସ୍ୟାର ଦୂରୀଭୂତ ପାଇ ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ ମଧ୍ୟ ରହିଛି । ଶିଶୁ ଶ୍ରମିକ ଦୂର କରିବା ଆମ ପାଇଁ ଏକ ଚ୍ୟାଲେଞ୍ଜ ଅଟେ । ଏହାକୁ ପୂରଣ କରିବା ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଉଚିତ ।

ଏଥିପାଇଁ କେବଳ ସରକାର ନୁହେଁ, ସ୍ଥାନୀୟ ପ୍ରଶାସନ ଓ ପରିବାରଗୁଡ଼ିକୁ ମଧ୍ୟ ଆଗକୁ ଆସିବାକୁ ପଡିବ । ଯଦି ସମନ୍ୱିତ ପ୍ରୟାସ କରାଯାଏ ତେବେ ଶିଶୁମାନଙ୍କୁ ଶିଶୁ ଶ୍ରମିକରୁ ରକ୍ଷା କରାଯାଇପାରିବ ।

୧୯୯୨ ମସିହାରେ ଅନ୍ତର୍ଜାତୀୟ ଶ୍ରମ ସଂଗଠନ ଦ୍ୱାରା ଆରମ୍ଭ ହୋଇଥିବା ଏହି ପଦକ୍ଷେପ ଜାତୀୟ କ୍ଷମତାକୁ ସୁଦୃଢ଼ କରିବାରେ ଓ ଶିଶୁ ଶ୍ରମିକର ଧୀରେ ଧୀରେ ନିରାକରଣ ପ୍ରତି ବିଶ୍ୱ ସଚେତନତା ବୃଦ୍ଧି କରିବାରେ ସାହାଯ୍ୟ କରିଥିଲା । ତଥାପି ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟର ପ୍ରଭାବ ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ । ସମସ୍ତ ପ୍ରକାରର ଶିଶୁ ଶ୍ରମିକ ଦୂର କରିବା ପାଇଁ ପ୍ରତିବଦ୍ଧତା କେତେ ସଫଳ ହେବ, ବିଶେଷକରି ଚଳିତ ବର୍ଷ ଶେଷ ସୁଦ୍ଧା ତାହା ଦେଖିବା ବାକି ଅଛି । ତଥାପି, ଏପର୍ଯ୍ୟନ୍ତ ଅଧିକାଂଶ ଅଭିଯାନରେ ଆଶାନୁରୂପ ସଫଳତା ମିଳିନାହିଁ ।

ଭାରତରେ ଶିଶୁ ଶ୍ରମିକ ସମସ୍ୟା ବହୁମୁଖୀ । ଶିକ୍ଷା ଏହି ସମସ୍ୟାର ମୁକାବିଲା ପାଇଁ ଏକ ମାଧ୍ୟମ ହୋଇପାରେ, ଯାହା ଯେକୌଣସି ଶିଶୁକୁ ଶ୍ରମର ଦୁଷ୍ଟ ଚକ୍ରରୁ ବାହାର କରିପାରିବ । ସର୍ବଶିକ୍ଷା ଅଭିଯାନ ଓ ଜାତୀୟ ଶିଶୁ ଶ୍ରମିକ ପ୍ରକଳ୍ପ ଭଳି ସରକାରଙ୍କ ପ୍ରୟାସ ପ୍ରଶଂସନୀୟ । କିନ୍ତୁ ସେଗୁଡ଼ିକୁ ଅଧିକ ବ୍ୟାପକ କରିବା ଓ ସମାଜର ଶେଷ କୋଣ ପର୍ଯ୍ୟନ୍ତ ପହଞ୍ଚିବା ଶିଶୁ ଶ୍ରମିକ ଦୂର କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ । ନୋବେଲ ପୁରସ୍କାର ବିଜେତା କୈଳାସ ସତ୍ୟାର୍ଥୀଙ୍କ ସଂଗଠନ ‘ବଚପନ ବଚାଓ ଆନ୍ଦୋଳନ’ ଏପର୍ଯ୍ୟନ୍ତ ହଜାର ହଜାର ପିଲାଙ୍କୁ ଶିଶୁ ଶ୍ରମିକ ମୁକ୍ତ କରିଛି ।

ଉତ୍ତର ପ୍ରଦେଶ ସରକାର ଶିଶୁ ଶ୍ରମିକ ମୁକ୍ତ କରିବା ପାଇଁ ଜୁନ୍ ୧୨ ତାରିଖରୁ ଏକ ବ୍ୟାପକ ଅଭିଯାନ ଆରମ୍ଭ କରିବାକୁ ଯୋଜନା କରିଥିଲେ । ଏହାର ଲକ୍ଷ୍ୟ ହେଉଛି ୨୦୨୭ ସୁଦ୍ଧା ରାଜ୍ୟକୁ ଶିଶୁ ଶ୍ରମିକ ମୁକ୍ତ କରିବା ।

ଏହାକୁ ରାଜ୍ୟର ରାଜ୍ୟ ସରକାରଙ୍କ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଇପାରେ । ତେଣୁ ଉତ୍ତର ପ୍ରଦେଶ ରାଜ୍ୟ ସରକାରଙ୍କର ଏଭଳି ଅଭିଯାନକୁ ଅନୁକରଣ କରି ପ୍ରତ୍ୟେକ ରାଜ୍ୟର ରାଜ୍ୟସରକାର କାର୍ଯ୍ୟ କରିବା ଆବଶ୍ୟକ ରହିଛି । ଯାହା ଫଳରେ ୨୦୨୭ ସୁଦ୍ଧା ଦେଶ ଶିଶୁ ଶ୍ରମିକ ମୁକ୍ତ ହୋଇ ପାରିବ ।

ତଥାପି ୨୦୧୧ ଜନଗଣନା ପରଠାରୁ, ଶିଶୁ ଶ୍ରମିକଙ୍କ ବିଷୟରେ କୌଣସି ନୂତନ ତଥ୍ୟ ଉପଲବ୍ଧ ହୋଇନାହିଁ, ଯାହା ଯୋଜନାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନରେ ବାଧା ସୃଷ୍ଟି କରୁଛି । ଏହି ପରିସ୍ଥିତିର ମୁକାବିଲା କରିବା ପାଇଁ, ପଞ୍ଚାୟତିରାଜ ବିଭାଗକୁ ଗ୍ରାମ ସ୍ତରରେ ଶିଶୁ ଶ୍ରମିକଙ୍କୁ ଚିହ୍ନଟ କରି ତଥ୍ୟ ସଂଗ୍ରହ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହା ବ୍ୟତୀତ, ସରକାର ୟୁନିସେଫ୍ ସହିତ ମିଶି ଏକ ‘ଯୋଜନା ପୁସ୍ତକ’ ପ୍ରସ୍ତୁତ କରୁଛନ୍ତି, ଯେଉଁଥିରେ ଶିଶୁ ଶ୍ରମିକ ଓ ସେମାନଙ୍କ ପରିବାରକୁ ସାହାଯ୍ୟ କରିବା ପାଇଁ ଉପଲବ୍ଧ ଯୋଜନାର ବିବରଣୀ ରହିବ । ରାଜ୍ୟ ସରକାର ବିଭାଗୀୟ ସ୍ତରରେ ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ପାଇଁ ଅଟଳ ଆବାସିକ ବିଦ୍ୟାଳୟ ମଧ୍ୟ ଚଲାଉଛି, ଯାହା ଦ୍ୱାରା ଶ୍ରମିକଙ୍କ ପିଲାମାନଙ୍କୁ ଶିଶୁ ଶ୍ରମିକରୁ ରୋକାଯାଇପାରିବ ।

ସମାଜ ଓ ସରକାର ଏହି ଶିଶୁ ଶ୍ରମିକ ସମସ୍ୟା ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଉଚିତ କାରଣ ଏହା କେବଳ ଶିଶୁମାନଙ୍କ ମଙ୍ଗଳର ପ୍ରଶ୍ନ ନୁହେଁ ବରଂ ସମଗ୍ର ମାନବଜାତିର ପ୍ରଶ୍ନ । ପ୍ରତ୍ୟେକ ଶିଶୁ ଏକ ସୁରକ୍ଷିତ, ସୁସ୍ଥ ଓ ମର୍ଯ୍ୟାଦାପୂର୍ଣ୍ଣ ଶୈଶବ ପାଇବା ଉଚିତ । ଆଜି ଏପରି ଏକ ନିରପେକ୍ଷ, ସମ୍ବେଦନଶୀଳ ଓ ସ୍ଥାୟୀ ରଣନୀତି ଗ୍ରହଣ କରିବାର ଆବଶ୍ୟକତା ଅଛି, ଯାହା ଏପରି ଏକ ବିଶ୍ୱ ସୃଷ୍ଟି କରିବ ଯେଉଁଠାରେ ‘କାମ ନୁହେଁ, ପୁସ୍ତକ’ ପିଲାମାନଙ୍କର ଅଧିକାର । ତେବେ ଯାଇ ଆମେ କେବଳ ଶିଶୁ ଶ୍ରମିକରୁ ପିଲାମାନଙ୍କୁ ମୁକ୍ତ କରିପାରିବା ନାହିଁ , ବରଂ ଦେଶର ଭବିଷ୍ୟତର ମୂଳଦୁଆକୁ ମଧ୍ୟ ମଜବୁତ କରିପାରିବା...!!!

**ମୁକୁନ୍ଦ ପ୍ରସାଦ, ଖୋର୍ଦ୍ଧା୦୫୫,**
**ମୋ– ୯୦୪୦ ୧୫୧୪୭୫**

# ଶରୀରକୁ ଫିଟ୍ ରଖେ ଦୋଳି

**ଡାକ୍ତର କାନ୍ତୀ ନାୟକ**

ରଜ ପବରେ ଝିଅ ଆଉ ମହିଳାମାନଙ୍କ ସବୁଠାରୁ ଆକର୍ଷଣୀୟ ଦୁର୍ବଳତା ହେଉଛି ରଜ ଦୋଳି । ରଜ ଦୋଳି ଏଯାବତ୍ ଦୋଳିର ବିଭିନ୍ନ କେବଳ ଗାଁ ଗଣ୍ଡାରେ ନୁହେଁ ସହରରେ ମଧ୍ୟ ଏହି ଆକର୍ଷଣ ବଢୁଛି । ତେବେ ଆମେ ଏହି ରଜ ଦୋଳି ଆଲୋଚନା ସମୟରେ ଆସନ୍ତୁ ଟିକିଏ ଜାଣିବା ପ୍ରକୃତରେ ଶରୀର ପାଇଁ ଦୋଳିର ଆବଶ୍ୟକତା କେତେ?

ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର । ବୟସ୍କଙ୍କ ଏହାର ଆବଶ୍ୟକତା ନାହିଁ । ହେଲେ ଏହି ଧାରଣା ଏକଦମ ଭୁଲ । ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର । ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ମଧ୍ୟ ହୋଇଥାଏ । ଏହାଦ୍ୱାରା ଶରୀର ମଧ୍ୟ ସୁସ୍ଥ ରହେ ।

ଦୋଳି ଖେଳିବା ଦ୍ୱାରା ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗର ଏକ୍ସରସାଇଜ୍ ହୋଇଥାଏ । ଗୋଡ଼, ହାତ, ଛାତି, ପେଟ ଓ ମସ୍ତିଷ୍କ ଆଦିର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ବିଭିନ୍ନ ରୋଗ ଦୂର ହୋଇଥାଏ । କେଉଁ କେଉଁ ରୋଗ ଦୂର ହୁଏ ଦୋଳି ଖେଳିବା ଦ୍ୱାରା ଆସନ୍ତୁ ଜାଣିବା ।

ଆଣ୍ଠୁଗଣ୍ଠି ଯନ୍ତ୍ରଣା ଦୂର କରିଥାଏ ଦୋଳି । ଦୋଳି ଖେଳିବା ସମୟରେ ପାଦକୁ ଭୂମିରେ ଲଗାଇ ବଳ ପ୍ରୟୋଗ କରି ଦୋଳିରେ ଆଗକୁ ଆସିବାକୁ ପଡ଼େ । ପୁନଃ ସେହି କ୍ରମରେ ପଛକୁ ଯିବାକୁ ପଡ଼େ । ଦୋଳି ଖେଳିବା ସମୟରେ ଗୋଡ଼ ସିଧା ଲମ୍ବାଇ ତଳକୁ ରଖି ପଛକୁ ଫେରିବାକୁ ହୋଇଥାଏ । ଏହାଦ୍ୱାରା ଆଣ୍ଠୁର ବ୍ୟାୟାମ ହୋଇଥାଏ ଓ ଆଣ୍ଠୁଗଣ୍ଠି ଯନ୍ତ୍ରଣା ଆଶଙ୍କା ଦୂର ହୋଇଯାଏ । ଗୋଡ଼ର ବ୍ୟାୟାମ ହେବା ଦ୍ୱାରା ଗୋଡ଼ର ମାଂସପେଶୀ ସୁଦୃଢ଼ ହୁଏ । ସେହିପରି ଏହା ବାହୁକୁ ଶକ୍ତ କରିଥାଏ । ଦୋଳି ଖେଳିବା ସମୟରେ ହାତର ମଧ୍ୟ ଏକ୍ସରସାଇଜ ହୋଇଥାଏ । ଦୋଳି ଧରି ଖେଳିବା ସମୟରେ ନିଜ ଶରୀରକୁ ଦୋଳି ଅନୁଯାୟୀ ଆଗକୁ ଓ ପଛକୁ ନେବା ପାଇଁ ହାତରେ ଦଉଡା ହେଉ କିମ୍ବା ବାଉଁଶ ଉପରେ ଚାପ ପ୍ରୟୋଗ କରିବାକୁ ପଡ଼ିଥାଏ । ଫଳରେ ହାତର ବ୍ୟାୟାମ ହୁଏ ଓ ବାହୁ ଶକ୍ତିଶାଳୀ ହୁଏ । ହାତର ଗଣ୍ଠିରେ ମଧ୍ୟ ଯନ୍ତ୍ରଣା ହୁଏନାହିଁ ।

ହୃତପିଣ୍ଡ ସୁସ୍ଥ ରହିଥାଏ । ଦୋଳି ଖେଳିବା ଦ୍ୱାରା ହୃଦରୋଗର ଆଶଙ୍କା ହ୍ରାସ ପାଇଥାଏ । ଦୋଳି ଖେଳିବା ସମୟରେ ଛାତିର ମଧ୍ୟ ବ୍ୟାୟାମ ହୋଇଥାଏ । ଦୋଳିରେ ଆଗକୁ ଯିବା ସମୟରେ ଛାତିକୁ ଆଗକୁ ନେବାକୁ ପଡ଼ିଥାଏ ଏବଂ ପଛକୁ ଆସିବା ସମୟରେ ଛାତିକୁ ମଧ୍ୟ ପଛକୁ ଆଣିବାକୁ ପଡ଼ିଥାଏ । ଏହାଦ୍ୱାରା ଛାତିର ବ୍ୟାୟାମ ହୁଏ ଓ ହୃଦ୍‌ସ୍ପନ୍ଦନ ବୃଦ୍ଧି ହୁଏ । ଯାହାକି ହୃତ୍‌ପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ପେଟ ରୋଗ ଦୂର ହୋଇଥାଏ । ଦୋଳି ଖେଳିବା ସମୟରେ ଛାତି ଆଗକୁ ପଛକୁ କରିବା ଦ୍ୱାରା ପେଟରେ ଚାପ ପଡ଼େ, ଯାହା ପେଟରୁ ଚର୍ବିକୁ ହ୍ରାସ କରେ । ପେଟରେ ଏକ୍ସରସାଇଜ ହେବା ଦ୍ୱାରା ପେଟରୁ ଅମ୍ଳ ଦୂର ହୋଇଯାଏ, କ୍ଷୋଟନ ହୁଏ ନାହିଁ, ପାଚନ କ୍ରିୟା ସୁଦୃଢ଼ ହୁଏ ଓ ଭୋକ ଠିକ୍ ସମୟରେ ହୋଇଥାଏ ।

ଚର୍ବି ହ୍ରାସ ପାଇଥାଏ । ଦୋଳି ଖେଳିବା ସମୟରେ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ କାର୍ଯ୍ୟକାରୀ ହୋଇଥାଏ । ଫଳରେ ସମ୍ପୂର୍ଣ୍ଣ ଶରୀରର ବ୍ୟାୟାମ ହୋଇଥାଏ । ଏହାଦ୍ୱାରା ଶରୀରରୁ ଅତ୍ୟଧିକ ଚର୍ବି ହ୍ରାସ ହୁଏ । ଶରୀର ସ୍ଲିମ୍ ହୋଇଯାଏ । ରକ୍ତ ସଞ୍ଚାଳନ ବୃଦ୍ଧି ପାଇଥାଏ । ଦୋଳି ଖେଳିବା ଦ୍ୱାରା ଶରୀରର ବ୍ୟାୟାମ ହୁଏ ।

**ସାଧାରଣତଃ ସମସ୍ତେ ଭାବନ୍ତି ଛୋଟ ପିଲାମାନେ ଦୋଳି ଖେଳିବା ଦରକାର । ବୟସ୍କଙ୍କ ଏହାର ଆବଶ୍ୟକତା ନାହିଁ । ହେଲେ ଏହି ଧାରଣା ଏକଦମ ଭୁଲ । ଛୋଟଠାରୁ ବୟସ୍କ ସମସ୍ତେ ଦୋଳି ଖେଳିବା ଦରକାର । ଏହାଦ୍ୱାରା ମନୋରଞ୍ଜନ ହେବା ସହ ବ୍ୟାୟାମ ମଧ୍ୟ ହୋଇଥାଏ । ଏହାଦ୍ୱାରା ଶରୀର ମଧ୍ୟ ସୁସ୍ଥ ରହେ ।**

ଏହାଦ୍ୱାରା ହୃଦ୍‌ସ୍ପନ୍ଦନ ବୃଦ୍ଧି ପାଏ । ଯାହାକି ରକ୍ତସଞ୍ଚାଳନ ବୃଦ୍ଧିରେ ସହାୟକ ହୁଏ । ରକ୍ତ ସଞ୍ଚାଳନ ବୃଦ୍ଧି ହେବା ଦ୍ୱାରା ଶରୀର ବିଭିନ୍ନ ରୋଗ ଦୂର ହୁଏ ଓ ବ୍ୟକ୍ତି ସୁସ୍ଥ ରହେ ।

ମନ ଶାନ୍ତ ରହିଥାଏ । ଦୋଳି ଖେଳିବା ଦ୍ୱାରା ମନୋରଞ୍ଜନ ହୋଇଥାଏ । ଏହା ଶରୀରରେ ଏପରି ଏକ ଶିହରଣ ସୃଷ୍ଟି କରେ, ଯାହା ମନରୁ କ୍ରୋଧ ଦୂର କରି ମନକୁ ଶାନ୍ତ କରେ । ଏହାଦ୍ୱାରା ବ୍ୟକ୍ତି ହାଲ୍‌କା ଅନୁଭବ କରେ । ପିଲା ହୁଅନ୍ତୁ ଅବା ବୟସ୍କ ଏହାଦ୍ୱାରା ବେଶ ଆରାମ ଓ ହାଲ୍‌କା ଅନୁଭବ କରନ୍ତି । ମସ୍ତିଷ୍କ ତୀକ୍ଷ୍ଣ ହୋଇଥାଏ । ଦୋଳି ଖେଳିବା ଦ୍ୱାରା ବିଭିନ୍ନ ପ୍ରକାର ଦୁଃଶ୍ଚିନ୍ତା ଦୂର ହୋଇଯାଏ । ଏହାଦ୍ୱାରା ମସ୍ତିଷ୍କ ଶାନ୍ତ ହୁଏ । ମସ୍ତିଷ୍କରୁ ଏପରି ଏକ ହର୍ମୋନ ନିର୍ଗତ ହୁଏ ଯାହା ଶରୀର ଓ ମନକୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହାଦ୍ୱାରା ମସ୍ତିଷ୍କ ଭାରାକ୍ରାନ୍ତରୁ ବାହାରି ହାଲ୍‌କା ହୁଏ ଓ ଅଧିକ ସକ୍ରିୟ ହୁଏ । ଏହାଦ୍ୱାରା ସ୍ମରଣ ଶକ୍ତି ବୃଦ୍ଧି ପାଏ ।

ତେବେ ରଜ ବ୍ୟତୀତ ଅନ୍ୟ ସମୟରେ ମଧ୍ୟ ଦୋଳି ଖେଳ ହୋଇଥାଏ । ଆଜିକାଲି ବିଭିନ୍ନ ଅନୁଷ୍ଠାନମାନଙ୍କର ଆୟୋଜିତ କାର୍ଯ୍ୟକ୍ରମରେ ଦୋଳି ଖେଳିବାର ବ୍ୟବସ୍ଥା ମଧ୍ୟ ହେଉଛି । ଏସବୁ ଭିତରେ ଦୋଳି ଖେଳିବା ସମୟରେ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରୀ । ଦୋଳିଟି ଠିକ୍ ଭାବେ ପ୍ରସ୍ତୁତ ହୋଇଛି କି ନାହିଁ ଭଲ ଭାବେ ଦେଖନ୍ତୁ । କାରଣ ଅନେକ ସମୟରେ ଅଚାନକ ଦୋଳି ଭାଙ୍ଗିଯିବା ପରି ଅଘଟଣ ଓ ଗୁରୁତର ହେବାର ଘଟଣା ମଧ୍ୟ ଦେଖିବାକୁ ମିଳିଥାଏ । ସେହିପରି ମହିଳାମାନେ ଦୋଳି ଖେଳୁଥିବା ସମୟରେ ନିଜ ପୋଷାକ ପରିପାଟୀକୁ ନେଇ ଟିକିଏ ସତର୍କ ରହିବା ମଧ୍ୟ ଜରୁରୀ । କାରଣ ଶାଢ଼ି କିମ୍ବା ସାଲୱାର ବେଳେ ବେଳେ ଅସହଜ ବା ଅସୁବିଧାଜନକ ହୋଇଥାଏ ।

ସେହିପରି ଗର୍ଭବତୀ ମହିଳାଙ୍କ ପାଇଁ ଦୋଳି ଖେଳିବା ମନା । ହୃଦରୋଗ, ଶ୍ୱାସରୋଗ, ମୁଣ୍ଡ ବୁଲାଇଦେବା ସମସ୍ୟା ଏପରିକି ଉଚ୍ଚ ରକ୍ତଚାପ ଥିବା ମହିଳାମାନଙ୍କ ପାଇଁ ଦୋଳି ଖେଳିବା ସମୟରେ ସତର୍କତା ଅତ୍ୟନ୍ତ ବାଞ୍ଛନୀୟ । ଖାଦ୍ୟ ବା କୌଣସି ପାନୀୟ ଅତ୍ୟଧିକ ଗ୍ରହଣ କରିଥିଲେ ତତ୍‌କ୍ଷଣାତ୍ ପରବର୍ତ୍ତୀ ସମୟରେ ଦୋଳି ଖେଳିବାରୁ ନିବୃତ୍ତ ରୁହନ୍ତୁ । ଦୋଳି ଏକ ଚମତ୍କାର ବ୍ୟାୟାମ ତେବେ ଏ ସବୁ ଭିତରେ ଆପଣଙ୍କର ସାମାନ୍ୟତମ ସତର୍କତା ଅବଲମ୍ବନ କଲେ ଏହା ଆପଣଙ୍କ ପାଇଁ ଆନନ୍ଦଦାୟକର ଏକ ଅନୁଭବ ହେବ ।

**ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ,**
**ଅଧୀକ୍ଷକ, ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର**
**ହସ୍ପିଟାଲ, ସିଡିଏ, କଟକ**

# କର୍ମଫଳ

**ପ୍ରଦୀପ୍ତ କୁମାର କର**

ଶ୍ରୀମଦ୍ ଭଗବତ୍ ଗୀତାର ଷଷ୍ଠ ଅଧ୍ୟାୟରେ ସ୍ୱୟଂ ମହାପ୍ରଭୁ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି ଯେ ହେ ଅର୍ଜୁନ ଯେଉଁ ବ୍ୟକ୍ତି କର୍ମ ଫଳକୁ ଆଶ୍ରୟ ନ କରି କେବଳ ନିଜର କର୍ତ୍ତବ୍ୟ କରନ୍ତି, ସେ ସନ୍ୟାସୀ ତଥା ଯୋଗୀ ଅଟନ୍ତି । କେବଳ ଅଗ୍ନି ତ୍ୟାଗ କରିଥିବା ବ୍ୟକ୍ତି ସନ୍ୟାସୀ ନୁହେଁ କି କେବଳ କ୍ରିୟା ତ୍ୟାଗ କରିଥିବା ମନୁଷ୍ୟ ଯୋଗୀ ନୁହନ୍ତି । ଯାହାକୁ ସନ୍ୟାସୀ ବୋଲି କୁହାଯାଏ ଓ ତୁମେ ଯାହାକୁ ଯୋଗୀ ବୋଲି ଭାବୁଛ ଯଦି ସେ ସଂକଳ୍ପ ତ୍ୟାଗ ନ କରିଥାଏ ତେବେ ସେ ମନୁଷ୍ୟ ଯୋଗୀ ହୋଇ ପାରେ ନାହିଁ । ଯୋଗାରୁଢ଼ ହେବାକୁ ଇଚ୍ଛୁକ ମନନଶୀଳ ମନୁଷ୍ୟଙ୍କ ନିମନ୍ତେ ନିଷ୍କାପର ଭାବରେ କର୍ମ କରିବା ହିଁ ଯୋଗ ପ୍ରାପ୍ତିର ହେତୁ ବୋଲି କୁହାଯାଏ ଏବଂ ଯୋଗାରୁଢ ହୋଇଯିବା ପରେ ସେହି ଯୋଗାରୁଢ଼ ମନୁଷ୍ୟଙ୍କର ସର୍ବ ସଂକଳ୍ପ ଶୂନ୍ୟତା ହିଁ ତାଙ୍କ କଲ୍ୟାଣର କାରଣ ବୋଲି କୁହାଯାଏ । ଯେତେବେଳେ ମନୁଷ୍ୟ ଇନ୍ଦ୍ରୟମାନଙ୍କର ଭୋଗରେ ଓ କର୍ମମାନଙ୍କ ଦ୍ୱାରା ଆସକ୍ତ ହୁଏ ନାହିଁ ସେତେବେଳେ ସେହି ସର୍ବ ସଂକଳ୍ପ ତ୍ୟାଗୀ ବୋଲି ବିବେଚିତ ହୁଅନ୍ତି । ନିଜ ଦ୍ୱାରା ନିଜକୁ ସଂସାରର ଭୋଗ ସାଗରରୁ ଉଦ୍ଧାର କରିବା ଉଚିତ । କାରଣ ମନୁଷ୍ୟର ଅଧୋଗତିର କାରଣ ନିଜେ ମନୁଷ୍ୟ । ସେ ହିଁ ନିଜର ମିତ୍ର ଓ ଶତ୍ରୁ । ଅର୍ଥାତ୍ ଯେଉଁ ଜୀବାତ୍ମା ଦ୍ୱାରା ମନ ଓ ଇନ୍ଦ୍ରୟମାନଙ୍କ ସହିତ ଶରୀରକୁ ଜୟ କରାଯାଏ ସେହି ମନୁଷ୍ୟ ନିଜର ମିତ୍ର ଓ ଯାହାଦ୍ୱାରା ମନ, ଇନ୍ଦ୍ରିୟ ଓ ଶରୀରକୁ ଜୟ କରାଯାଇ ପାରେନାହିଁ ତେବେ ସେ ହିଁ ନିଜର ଶତ୍ରୁ ସଦୃଶ ହୋଇଥାଏ । ଯାହାଙ୍କ ଅନ୍ତଃକରଣ ଜ୍ଞାନ ବିଜ୍ଞାନରେ ତୃପ୍ତ, ଯାହାଙ୍କର ସ୍ଥିତି ବିକାରଶୂନ୍ୟ, ଯାହାର ଇନ୍ଦ୍ରୟମାନ ବଶୀଭୂତ ହୋଇଛନ୍ତି ଏବଂ ଯାହାଙ୍କ ପାଇଁ ମାଟି ,ପଥର ,ଓ ମୂଲ୍ୟବାନ ପଦାର୍ଥ ସବୁ ସମାନ ସେ ହିଁ ଯୋଗୀଯୁକ୍ତ ଅର୍ଥାତ୍ ଭଗବତ୍ ପ୍ରାପ୍ତି ଯୋଗ୍ୟ ହୁଏ ।

ସଂସାରରେ ଯେଉଁ ବ୍ୟକ୍ତି ଉଭୟ ଗୁଣଗ୍ରାହୀ ଓ ପାପୀମାନଙ୍କ ଠାରେ ସମାନ ଭାବ ରଖେ ସେହିଁ ସଂସାରରେ ଅତ୍ୟନ୍ତ ଶ୍ରେଷ୍ଠ ମନୁଷ୍ୟ ଭାବରେ ଗଣା ଯାଏ । ମନକୁ ବଶ କରିଥିବା ଏହି ମନୁଷ୍ୟ ବା ଯୋଗୀ ଏପରି ଭାବରେ ମୋ ଠାରେ ନିଜର ଆତ୍ମାକୁ ସମର୍ପିତ କରି ପରମେଶ୍ୱରଙ୍କ ସ୍ୱରୂପରେ ଲଗାଇ ପରମାନନ୍ଦ ପ୍ରାପ୍ତି ହୁଅନ୍ତି ।

**ପ୍ଲଟ ନଂ ୨୫,ସୂର୍ଯ୍ୟ ନଗର ,ଭୁବନେଶ୍ୱର**

# ୧୦ ରାଜ୍ୟରୁ ସାଇବର ଠକେଇ : ମାଲାୟଲମ୍ ଫିଲ୍ମ ହିରୋ ଗିରଫ

ଭୁବନେଶ୍ୱର,୨୨।୬ (ସବ୍ୟୁ): ୧୦ ରାଜ୍ୟରୁ କୋଟି କୋଟି ଟଙ୍କାର ସାଇବର ଠକେଇ କରିଥିବା ମାଲାୟଲମ୍ ଟେଲି ଫିଲ୍ମ ହିରୋ ପ୍ରଶାନ୍ତ ବାଲାନ ଓରଫ୍ ମାକିଜୁ କୁ କେରଳର ଏକ ଜଙ୍ଗଲରୁ ସ୍ଥାନୀୟ ପୋଲିସ୍ ସହାୟତାରେ ଗିରଫ କରିଛି ଭୁବନେଶ୍ୱର ସାଇବର ଥାନା ପୋଲିସ । ଓଡ଼ିଶାରୁ ଠାକେଇର ଶିକାର ହୋଇଥିବା ଭୁବନେଶ୍ୱରର ଜୈନେକ ବ୍ୟକ୍ତି ଭୁବନେଶ୍ୱର ସାଇବର ଥାନାରେ ଅଭିଯୋଗ କରିବା ପରେ ପୋଲିସ୍ ତଦନ୍ତ ଆରମ୍ଭ ହୋଇଥିଲା । ସେ ଭୁବନେଶ୍ୱର ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାର ଲୋକଙ୍କ ଠାରୁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଠକି ଥିବା ବେଳେ ୧୦ ରାଜ୍ୟରୁ କେତେ ଟଙ୍କା ଠକିଛି ତଦନ୍ତ ଅଗ୍ରଗତି ହେଲ ଜଣାପଡିବ ବୋଲି ସାଇବର ଥାନାର ଜଣେ ଅଫିସର କହିଥିଲେ । ପ୍ରଶାନ୍ତ ନିଜକୁ କେତବେଳେ ମାଲାୟଲମ ଟେଲିଫିଲ୍ମର ପ୍ରଯୋଜକ ବୋଲି କହୁଥିଲା ତ ଆଉ କେତେ ବେଳେ ଟେଲିଫିଲ୍ମ ହିରୋ ବୋଲି କହି ଲୋକଙ୍କୁ ଠକି ଚାଲିଥିଲା । ସାଇବର ଥାନା ପୋଲିସ୍ ଏତଲା ଆଧାରରେ ତଦନ୍ତ ଆଗକୁ ବଢ଼ାଇ ଟେଲିଫୋନ୍ ଟ୍ରାକିଂ ମାଧମରେ ପ୍ରଶାନ୍ତ କେରଳରେ ଥିବା ଜାଣିବାକୁ ପାଇଥିଲେ । ଏକ ସ୍ୱତନ୍ତ୍ର ଟିମ୍ କେରଳ ଯାଇ ଜଙ୍ଗଲ ମଧ୍ୟକୁ ତାକୁ ଗିରଫ କରିଥିବା ସେଠାକାର ପୋଲିସ୍ ସହାୟତାରେ । ଟ୍ରାଞ୍ଜିଟ୍ ରିମାଣ୍ଡରେ ଭୁବନେଶ୍ୱର ଆଣି ତଦନ୍ତ କରୁଥିବାରୁ ସବିସେସ ତଥ୍ୟ ଦେବାକୁ ପୋଲିସ୍ ଅନିଚ୍ଛା ପ୍ରକାଶ କରିଛି । ସୂଚନାଯୋଗ୍ୟ ଯେ, ପ୍ରଶାନ୍ତ କୋଟି କୋଟି ଟଙ୍କା ସାଇବର ଠକେଇ କରି ନିଜେ ଟେଲିଫିଲ୍ମର ପ୍ରଯୋଜକ ହେବା ସହ ହିରୋ ମଧ ହେଉଥିଲା ବୋଲି ସୂଚନା ମିଳିଛି ।

# ସାରୁଅବିଲ ଖଣି , ଏଫ୍ଏପି ଆଠଗଡ଼କୁ କଳିଙ୍ଗ ପରିବେଶ ଉତ୍କର୍ଷ ସମ୍ମାନ




ଭୁବନେଶ୍ୱର,(ସବ୍ୟୁ): ଦୀର୍ଘସ୍ଥାୟୀ ଖଣି ଏବଂ ପରିବେଶ ପ୍ରତି ଦାୟିତ୍ୱବୋଧ ଶିଳ୍ପ ଅଭ୍ୟାସ ପାଇଁ ଟାଟା ଷ୍ଟିଲ ପୁଣିଥରେ ସମ୍ମାନିତ ହୋଇଛି । କମ୍ପାନୀର ଫେରୋ ଆଲୟଜ୍ ଆଣ୍ଡ୍ ମିନେରାଲ ଡିଭିଜନ (ଏଫ୍ଏଏମ୍ଡି) ଅଧୀନରେ ପରିଚାଳିତ ସାରୁଅବିଲ କ୍ରୋମାଇଟ୍ ଖଣି ଏବଂ ଫେରୋ ଆଲୟଜ୍ ପ୍ଲାଣ୍ଟ (ଏଫ୍ଏପି), ଆଠଗଡ଼କୁ ସମାନଜନକ କଳିଙ୍ଗ ପରିବେଶଉତ୍କର୍ଷ ପୁରସ୍କାର-୨୦୨୪ରେ ସମ୍ମାନିତ କରାଯାଇଛି। ଯାଜପୁର ଜିଲ୍ଲାର ସୁକିନ୍ଦା ଅଂଚଳରେ ଅବସ୍ଥିତ ସାରୁଅବିଲ କ୍ରୋମାଇଟ୍ ଖଣିକୁ ପ* ତାରକା ବର୍ଗରେ ଏବଂ ଏଫ୍ଏପି ଆଠଗଡକୁ ଚାରି ତାରକା ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଛି ।୨୦୨୪ରେ ପରିବେଶ ସଂରକ୍ଷଣ କ୍ଷେତ୍ରରେ କମ୍ପାନୀର ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ଏହି ସମାନ ମିଳିଛି । ଖଣି ମୁଖ୍ୟ (ସାରୁଅବିଲ୍ ଓ କମର୍ଦ୍ଧା) ନବୀନ ଶ୍ରୀବାସ୍ତବ, ଏଫ୍ଏପି ଆଠଗଡ଼ର ମୁଖ୍ୟସର୍ବେଶ୍ୱର ନାୟକଙ୍କ ସହିତ ପରିବେଶ ପ୍ରବନ୍ଧକ (ସାରୁଆବିଲ ଏବଂ କମର୍ଦ୍ଧା) ଅବିନାଶ ମିଶ୍ର, ପରିବେଶ ପ୍ରବନ୍ଧକ (ଏଫଏପି ଆଠଗଡ୍, ଗୋପାଳପୁର ଏବଂ ବାଲେଶ୍ୱର) ଦୀପଙ୍କର ପତିକମ୍ପାନୀ ତରଫରୁ ପୁରସ୍କାର ଗ୍ରହଣ କରିଥିଲେ।ଇନ୍ଷ୍ଟିଚ୍ୟୁଟ୍ ଅଫ୍ କ୍ୱାଲିଟି ଆଣ୍ଡ ଏନଭାରନମେ ମ୍ୟାନେଜମେ ସର୍ଭିସେସ୍ (ଆଇକ୍ୟୁଇଏମ୍ଏସ୍) ଦ୍ୱାରା ବିଭିନ୍ନ ଶିଳ୍ପ ସଂଗଠନ ଏବଂ ପରିବେଶ ବିଶେଷଜ୍ଞଙ୍କ ସହଯୋଗରେ ଆୟୋଜିତ୧୦ମ ପରିବେଶ, ଶକ୍ତି ଏବଂ ଜଳବାୟୁ ପରିର୍ବନ- ୨୦୨୫ ଜାତୀୟ ସମ୍ମିଳନୀରେ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା।

# ଟିପିସିଓଡିଏଲ ପକ୍ଷରୁ ଯୋଗ ଦିବସ ପାଳନ

ଭୁବନେଶ୍ୱର,(ସବ୍ୟୁ): ଟିପିସିଓଡିଏଲ ପକ୍ଷରୁ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ଟିପିସିଓଡିଏଲର କର୍ପୋରେଟ କାର୍ଯ୍ୟାଳୟ ସମେତ ସମସ୍ତସର୍କଲ, ଡିଭିଜନ ଓ ଟେକନୋଲୋଜି ସେରରେ ଏହି ଯୋଗ ଦିବସ ପାଳିତ ହୋଇଛି। ଟିପିସିଓଡିଏଲ ସିଇଓ ଶ୍ରୀ ଅରଭିନ୍ଦ୍ ସିଂହଙ୍କନେତୃତ୍ୱରେ ଟିପିସିଓଡିଏଲ କର୍ମଚାରୀ ଓ ଅଧିକାରୀମାନେ ସାମିଲ ହୋଇ ଯୋଗ କରିଥିଲେ। ଚଳିତ ବର୍ଷ ଯୋଗ ଦିବସ ଉପଲକ୍ଷେ ଥିମ୍‌ରହିଛି ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ ପାଇଁ ଯୋଗ। ଏହି ଅବସରରେ ଶ୍ରୀ ସିଂହ କହିଥିଲେ ଯେ ଯୋଗ ଏକ ସୁସ୍ଥ, ଶାରୀରିକ ଓମାନସିକସ୍ତରରେ ରହିବା ପାଇଁ ସର୍ବୋମ ଉପାୟ। ଉନ୍ନତ ସ୍ୱାସ୍ଥ୍ୟ, ଶକ୍ତି ଓ ଶାନ୍ତି ପାଇଁ ଯୋଗକୁ ନିୟମିତ ଅଭ୍ୟାସ କରିବା ଆବଶ୍ୟକ।ନିଜର ଓ ପରିବାର ସ୍ତରରେ ଉମ ସ୍ୱାସ୍ଥ୍ୟର ମହ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୁସ୍ଥ ଶରୀର, ମନ, ସମାଜ ଓ ଆଧ୍ୟାତ୍ମିକ ଜୀବନ ପାଇଁ ଯୋଗହେଉଛି ଏକ ସର୍ବୋତ୍କୃଷ୍ଟ ମାଧ୍ୟମ । ଯୋଗ ହିଁ ଏକମାତ୍ର ମାଧ୍ୟମ ଯାହା ମନକୁ ଶାନ୍ତ କରିଥାଏ । ଦୁନିଆକୁ ଆମର ଏହି ପ୍ରାଚୀନ କଳା ଓଏହାର ସୁଫଳ ସମ୍ପର୍କରେ ଅବଗତ କରାଇବା ପାଇଁ ଆମ ଦେଶର ନେତୃତ୍ୱରେ ପୁରା ବିଶ୍ୱ ପାଳନ କରୁଛି ଯୋଗ ଦିବସ । ୨୦୧୫ରୁଅନ୍ତରାଷ୍ଟ୍ରୀୟ ସ୍ତରରେ ଜୁନ୍ ୨୧ ତାରିଖକୁ ଅନ୍ତରାଷ୍ଟ୍ରୀୟ ଯୋଗ ଦିବସ ଭାବେ ପାଳନ କରାଯାଉଛି ।

# ଅହମ୍ମଦାବାଦ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆକୁ ବ୍ୟବସାୟ ଲିଡରଙ୍କ ସମର୍ଥନ

ଭୁବନେଶ୍ୱର,(ସବ୍ୟୁ): ଅହମଦାବାଦ ବିମାନବନ୍ଦର ନିକଟରେ ଜୁନ ୧୨ ତାରିଖରେ ଘଟିଥିବା ବୋଇଂ ୭୮୭-୮ ଡ୍ରିମଲାଇନରଦୁର୍ଘଟଣାରେ ୨୭୫ ଜଣଙ୍କ ପ୍ରାଣ ହରାଇବା ପରଠାରୁ ଏୟାର ଇଣ୍ଡିଆ ବିରୋଧରେ ଉଠୁଥିବା ଆଲୋଚନାକୁ ଦୃଢ଼ ଭାବରେଖଣ୍ଡନ କରିଛନ୍ତି ବିଭିନ୍ନ ବ୍ୟବସାୟ ଏବଂ ବିମାନ କ୍ଷେତ୍ରର ପ୍ରମୁଖ । ଲଣ୍ଡନ ଗ୍ୟାଟଉଇକ୍ ଯାତ୍ରା କରୁଥିବା ଏହି ବିମାନଟିଉଡ଼ାଣ ଆରମ୍ଭ କରିବାର ଅଳ୍ପ ସମୟ ପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଟାଟା ଗ୍ରୁପ୍ ଅଧୀନରେ ଥିବା ଏୟାର ଇଣ୍ଡିଆ ପାଇଁଏହି ଘଟଣା ପରେ ବିମାନ ବ୍ୟବସାୟ ଜଗତରେ ଏକତା ଦେଖାଦେଇଛି । ଭାରତୀୟ ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋର ପୂର୍ବତନ ଅଧିକାରୀ କ୍ୟାପଟେନ କିଶୋର ଚିନ୍ତା ଏହି ଘଟଣାର ବିରଳତାବିଷୟରେ ମହତ୍ୱପୂର୍ଣ୍ଣ ତଥ୍ୟ ଦେଇଛନ୍ତି । ବିବିସିକୁ ଦିଆଯାଇଥିବା ସାକ୍ଷାତକାରରେ ଚିନ୍ତା କହିଛନ୍ତି ଯେ ଏହା ବିମାନଜଗତରେ ଏକ ଅତି ବିରଳ ଘଟଣା। ମୋ ଜ୍ଞାନ ଅନୁଯାୟୀ ଏଭଳି ଘଟଣା ପୂର୍ବରୁ କେବେ ଘଟିନାହିଁ । ଆରପିଜି ଗ୍ରୁପର ମୁଖ୍ୟ ହର୍ଷ ଗୋୟଙ୍କା ଏୟାର ଇଣ୍ଡିଆର ସଙ୍କଟ ପରିଚାଳନା ପଦ୍ଧତିକୁ ଜୋରଦାର ସମର୍ଥନ କରିଛନ୍ତି।ଇକନୋମିକ୍ ଟାଇମ୍ସଙ୍କ ପାଇଁ ଲେଖିଥିବା ନିବନ୍ଧରେ ଗୋୟଙ୍କା ଟାଟା ଗ୍ରୁପର ପୂର୍ବ ସଙ୍କଟ ସମୟରେ ଦେଖାଇଥିବାପ୍ରତିକ୍ରିୟାକୁ ଏହା ସହିତ ତୁଳନା କରିଛନ୍ତି। ବିଶେଷକରି ୨୬/୧୧ ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ସମୟରେ ଦେଖାଇଥିବାପ୍ରତିକ୍ରିୟାକୁ ସେ ଉଲ୍ଲେଖ କରିଛନ୍ତି । ଗୋୟଙ୍କା ଲେଖିଛନ୍ତି, 'ଟାଟା ଗ୍ରୁପ୍ ଏଠାରେ ଅନନ୍ୟ। ସେମାନେ କୌଣସି ଦାୟିତ୍ୱ ଗ୍ରହଣ କରିବାକୁ ପଛୁଆ ନାହାଁନ୍ତି।'ସେମାନଙ୍କର ସ୍ପଷ୍ଟ ନେତୃତ୍ୱ ଏବଂ ଅସଲି ପ୍ରତିକ୍ରିୟାକୁ ସେ ପ୍ରଶଂସା କରିଛନ୍ତି ଯାହା ସାଧାରଣ କମ୍ପାନିଗୁଡ଼ିକର ସଙ୍କଟସମୟର ଭୁଲ୍ ପଦକ୍ଷେପ ଠାରୁ ଅଲଗା ଥିଲା।ପୂର୍ବତନ ଜେଟ୍ ଏୟାରୱେଜର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କପୁର ମଧ ଏୟାର ଇଣ୍ଡିଆ ବିରୋଧରେ ଉଠୁଥିବାଆଲୋଚନାକୁ ଖାରଜ କରିଛନ୍ତି । ସେ ସାମାଜିକ ଗଣମାଧ୍ୟମରେ ଲେଖିଛନ୍ତି ଯେ, 'ଏୟାର ଇଣ୍ଡିଆର ଦଶକ ଦଶକ ଧରି ଏକ ଉତ୍କୃଷ୍ଟ ସୁରକ୍ଷା ରେକର୍ଡ ରହିଛି। ଗୋଟିଏ ଦୁର୍ଘଟଣା ଓ ଲୋକମାନେ ସମସ୍ତ ଯୁକ୍ତିଯୁକ୍ତ ବୁଦ୍ଧି ହରାଇଥିବା ସେଲେଖିଛନ୍ତି।ବିମାନ ବିଶେଷଜ୍ଞ କପୁର ଜଣାଇଛନ୍ତି ଯେ, ଇଏଆଇ୧୭୧ ଘଟଣା ପୂର୍ବରୁ ବୋଇଂ ୭୮୭ ବିମାନ ବିଶ୍ୱବ୍ୟାପୀ ୫ ନିୟୁତରୁଅଧିକ ଥର ଉଡ଼ାଣ କରିଥିଲା ଏବଂ ଏହା ପୂର୍ବରୁ କୌଣସି ଦୁର୍ଘଟଣା ବା ମୃତ୍ୟୁ ଘଟିନଥିଲା। ସେ ଦୃଢ଼ ଭାବରେ କହିଛନ୍ତି, 'ବିମାନ ଯାତାୟାତ ଏବେ ମଧ ସବୁଠାରୁ ସୁରକ୍ଷିତ ମାଧ୍ୟମ । ଏୟାର ଇଣ୍ଡିଆର ଦ୍ରୁତ ସଙ୍କଟ ପ୍ରତିକ୍ରିୟାକୁ ମଧ୍ୟ ଏହି ସମର୍ଥନ ସହିତ ମାନ୍ୟତା ମିଳିଛି । ଏୟାର ଇଣ୍ଡିଆର ସିଇଓ କ୍ୟାମ୍ପବେଲ୍ୱିଲସନ୍ ଏବଂ ଅଧକ୍ଷ ଏନ୍ ଚନ୍ଦ୍ରଶେଖରନ୍ ଘଟଣାସ୍ଥଳକୁ ତୁରନ୍ତ ଯାଇଥିଲେ।ଚନ୍ଦ୍ରଶେଖରନ୍ ଦାୟିତ୍ୱ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇ କହିଛନ୍ତି ଯେ ଟାଟା ଗ୍ରୁପ୍ 'ନିଜ ଦାୟିତ୍ୱରୁ ପଛଘୁଞ୍ଚା ଦେବ ନାହିଁ।'ଟାଟା ଗ୍ରୁପ୍ ପ୍ରତ୍ୟେକ ପୀଡ଼ିତ ପରିବାରକୁ ୧ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ମଧ ଘୋଷଣା କରିଛି ।

# ଆଦିତ୍ୟ ଯୋଗ କେନ୍ଦ୍ରର ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ

ବାଲେଶ୍ୱର,(ସବ୍ୟୁ):ବାଲେଶ୍ୱର ଗୋପାଳ ଗାଁ ସ୍ଥିତ ଆଦିତ୍ୟ ଯୋଗ କେନ୍ଦ୍ର ଆନୁକୂଲ୍ୟରେରେ ହୋଟେଲ ଟପ୍ ଏଣ୍ଡ ଟେଷ୍ଟି ହଲରେ ଆନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ସକାଳୁ ଯୋଗାଭ୍ୟାସ ଅନୁଷ୍ଠିତ ହୋଇଥିଲା । ଯୋଗ ସେଣ୍ଟରରେ ସମସ୍ତ ସଦସ୍ୟ ସଦସ୍ୟ ଯୋଗ କରିଥିଲେ । ପରେ ଯୋଗ ସେଣ୍ଟରର ମୁଖ୍ୟ ପରିଚାଳକ ତଥା ଯୋଗ ଗୁରୁ ଗୌରାଙ୍ଗ ବିନ୍ଧାଣିଙ୍କ ପୌରୋହିତ୍ୟ କରିବା ସହ ଯୋଗ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରେମୁଣା ଇସ୍କନ ମନ୍ଦିରର ମୁଖ୍ୟ ପରିଚାଳକ ମୁକୁନ୍ଦ ଚୈତନ୍ୟ ଦାସ ଯୋଗଦେଇ ଯୋଗର ମହତ୍ତ୍ୱ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ । ପତାଞ୍ଜଳି ଯୋଗ ସମିତିର ଜିଲ୍ଲା ପ୍ରଭାରୀ ତଥା ଯୋଗଗୁରୁ କରୁଣା କର ଶିଆଳ,ନୂତନବାର୍ତ୍ତାର ସମ୍ପାଦକ ତଥା ଯୁବ ସମାଜସେବୀ ଇଂ ବିଭୂପଦ ଦାସ ,ହରି ଉଦ୍ୟୋଗର ପରିଚାଳନା ନିର୍ଦ୍ଦେଶକ ସଂଗ୍ରାମ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଯୋଗର ପ୍ରଚାର ପ୍ରସାର କିଭଳି ହୋଇପାରିବ ସେଥି ପ୍ରତି ସମସ୍ତେ ଉଦ୍ୟମ କରିବାକୁ ସେ ନିବେଦନ କରିଥିଲେ ।ଆଧୁନିକ ସମାଜ ରେ ଯୁବ ଗୋଷ୍ଠୀ ଜିମ ରେ ସ୍ୱାସ୍ଥ୍ୟର ବିକାଶ ପାଇଁ ନିୟମିତ ଯାଉଥିବା ବେଳେ ମାନସିକ ସ୍ୱାସ୍ଥ୍ୟ ର ବିକାଶ ଲାଗି ପ୍ରତିଦିନ ଯୋଗ କରିବାକୁ ପରାମର୍ଶ ଦେଇଥିଲେ।ଆଦିତ୍ୟ ଯୋଗ ସେଣ୍ଟରର ପ୍ରତିଷ୍ଠାତା ଗୌରାଙ୍ଗ ବିନ୍ଧାଣିଙ୍କ ପ୍ରଚେଷ୍ଟାକୁ ଇଂ ବିଭୂପଦ ଦାସ ଭୂୟସୀ ପ୍ରଶଂସା କରିବା ସହ ଅନେକ ଅସୁସ୍ଥ ଲୋକ କିଭଳି ଯୋଗ ମାଧ୍ୟମ ରେ ସୁସ୍ଥ ହୋଇପାରିଛନ୍ତି ସେ ଅନୁଭୁତି ସମ୍ପର୍କରେ କହିଥିଲେ । ଏହି ଅବସରରେ ପୂର୍ବରୁ ଯୋଗ ସେଣ୍ଟରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ରଞ୍ଜିତା ଲଢ଼ା ମଞ୍ଚ ସଞ୍ଚାଳନ କରିଥିବା ବେଳେ ସୌମେନ୍ଦ୍ର ଦାସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ । ପରେ ଅନୁଷ୍ଠାନରେ ସଦସ୍ୟାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର: ୫୧ ୟୁନିଟ ସଂଗ୍ରହ

ଦୋବଲ,(ସବ୍ୟୁ):ଧାମନଗର ବ୍ଲକ ଅନ୍ତର୍ଗତ ଦୋବଲ ଷ୍ଟେଟ ବ୍ୟାଙ୍କ ଶାଖା ଆନୁକୁଲ୍ୟରେ ଶନିବାର ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏସବିଆଇ ଶାଖା ପରିଚାଳକ ନିଗମାନନ୍ଦ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହି ରକ୍ତଦାନ ଶିବିରକୁ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଏସବିଆଇ ଦୋବଲର ଫିଲ୍ଡ ଅଫିସର ତ୍ରିବିକ୍ରମ ସାହୁ ସ୍ଥାନୀୟ ଅଂଚଳର ଲୋକଙ୍କୁ ଏହି ମହତ ରକ୍ତଦାନ କରିବାକୁ ଆଗେଇ ଆସନ୍ତୁ ବୋଲି ଅନୁରୋଧ କରିଥିଲେ।ଏହି ଅବସରରେ ମୋଟ ୫୨ୟୁନିଟ ରକ୍ତ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ଭଦ୍ରକ ରକ୍ତଭଣ୍ଡାର କେନ୍ଦ୍ରର ଡାକ୍ତରମାନେ ଏହି ଶିବିରରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ପ୍ରମୁଖ ଅଫିସର ଶାନ୍ତିପଦ ଜେନା,ବିଜୟ ହାଁସଦା,ନବଘନ ଓଝା,ସୁବ୍ରତ ସେଠୀ,ଏମଡି ହନିଫ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଜ୍ଞାନେନ୍ଦ୍ର ସାହୁ,ଶରତ ଶଙ୍ଖୁଆ,ହରମୋହନ ପତି,ଅକ୍ଷୟ ସେଠୀ,ସନ୍ତୋଷ ବେହେରା,ବିଜୟ ବେହେରା,ନରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ଆଗରପଡ଼ାକୁ ବରପୁତ୍ର ଐତିହ୍ୟ ଗ୍ରାମ ମାନ୍ୟତା

ଆଗରପଡ଼ା,(ସବ୍ୟୁ):ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରାକ୍ତନ ମୁଖ୍ୟମଂତ୍ରୀ ଉତ୍କଳକେଶରୀ ଡ.ହରେକୃଷ୍ଣ ମହତାବଙ୍କ ଜନ୍ମସ୍ଥାନ ଆଗରପଡ଼ାକୁ ବରପୁତ୍ର ଐତିହ୍ୟ ଗ୍ରାମ ଭାବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭିସି ମାଧ୍ୟମରେ ଘୋଷଣା କରିଛନ୍ତି। ଏହି ଉପଲକ୍ଷେ ସ୍ଥାନୀୟ ଡାଏଟ ନିକଟରେ ଏକ ଉତ୍ସବର ଆୟୋଜନ ହୋଇଥିଲା। ଜିଲ୍ଲାପାଳ ,ଅତିରିକ୍ତ ଜିଲ୍ଲାପାଳ,ବିଡିଓ,ତହସିଲଦାର ପ୍ରମୁଖ ପ୍ରଶାସନିକ ଅଧିକାରୀମାନଙ୍କ ସହ ବ୍ଲକ ଅଧ୍ୟକ୍ଷ ମନୋରଂଜନ ଘଡ଼େଇ, ଆଡ଼ଭୋକେଟ ମନୋଜ ରାୟ,ବିଜେପି ନେତା ସୁଧାଂଶୁ ଶେଖର ନାୟକ,ତପନ ସିଂହ,ଅନିରୁଦ୍ଧ ସିଂହ,ମଣ୍ଡଳ ସଭାପତି ଅମୂଲ୍ୟରନ୍ ନନ୍ଦ,ସରପଂଚ ପ୍ରକାଶ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

## ପୁଣି ୧୮ ନୂଆ ଡାଇରିଆ ରୋଗୀ ଚିହ୍ନଟ :ବଡଚଣାରେ ଆଉଜଣେ ଯୁବକଙ୍କ ମୃତ୍ୟୁ

ଚଣ୍ଡିଖୋଲ,(ସବ୍ୟୁ) : ଯାଜପୁର ଜିଲ୍ଲାର ବଡଚଣା ଓ ଧର୍ମଶାଳାରେ ଡାଇରିଆ ପ୍ରକୋପ ଧିରେଧିରେ ନିୟନ୍ତ୍ରଣକୁ ଆସୁଛି।ଅନ୍ୟ ଦିନ ତୁଳନାରେ ରବିବାର ଦିନ ଏହିଦୁଇ ବ୍ଲକ ଅଞ୍ଚଳରେ ରୋଗୀଙ୍କ ସଂଖ୍ୟା କମ ହୋଇଛି। ତେବେ ବଡଚଣା ବ୍ଲକ ଚମ୍ପାପୁର ପଞ୍ଚାୟତ ଗୋପିନାଥପୁର ଗ୍ରାମରେ ଜଣେ ଯୁବକଙ୍କର ଡାଇରିଆରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।ମୃତ ଯୁବକଙ୍କର ନାମ ଚିନ୍ମୟକୁମାର ଦାସ(୩୫ବର୍ଷ) ଓ ତାଙ୍କ ବାପାଙ୍କ ନାମ ଶିବପ୍ରସାଦ ଦାସ ବୋଲି ଜଣାପଡିଛି। ଜାଡାବାନ୍ତି ରୋଗରେ ଆକ୍ରାନ୍ତ ହେବାପରେ ଚିନ୍ମୟଙ୍କୁ ପ୍ରଥମେ ଛତିଆ ଡାକ୍ତର ଖାନାରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରର ହାଇଟେକ ମେଡିକାଲକୁ ନିଆଯାଇଥିଲା। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।ଖବରପାଇ ବଡଚଣା ଡିଓ ରବିନ୍ଦ୍ର କୁମାର ପ୍ରଧାନ ମୃତକଙ୍କ ଘରେ ପହଞ୍ଚି ତଥ୍ୟ ସଂଗ୍ରହ କରିଥିବା ଜଣାପଡ଼ିଛି। ରବିବାର ଦିନ ବଡଚଣା ଓ ଧର୍ମଶାଳା ବ୍ଲକରେ ଆଉ ୧୮ଜଣ ନୂଆ ରୋଗୀ ଚିହ୍ନଟ ହୋଇଛନ୍ତି ଓ ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଥି ମଧ୍ୟରୁ ବଡଚଣାରେ ୧୨ଜଣ ଓ ଧର୍ମଶାଳାରେ ୬ଜଣ ରୋଗୀ ରହିଥିବା ସୂଚନା ମିଳିଛି। ଏବେସୁଧା ଏହିଦୁଇ ବ୍ଲକରେ ୧୨ଶହରୁ ଉର୍ଦ୍ଧ୍ୱ ରୋଗୀ ଡାଇରିଆରେ ଆକ୍ରାନ୍ତ ହୋଇଥିଲାବେଳେ ସେଥିରୁ ୧୧ଶହରୁ ଉର୍ଦ୍ଧ୍ୱ ରୋଗୀ ସୁସ୍ଥହୋଇ ଘରକୁ ଫେରିଥିବା ଜଣାପଡିଛି। ତେବେ ଦର୍ପଣ ତହସିଲର ମାନସକୁମାର ତ୍ରିପାଠୀ ରବିବାର ଦିନ ଶାଳପଡା,ଛତିଆ ଓ ସୀହା ଅଞ୍ଚଳର ଆଉ ୩୦ଟି ହୋଟେଲ ଓ ଜଳଖିଆ ଦୋକାନ ଉପରେ ଚଢାଉ କରାଯାଇଛି। ଏଥିସହ ୯ଟି ସ୍ଥାନରୁ ରବିବାର ଦିନ ଜଳ ନମୁନା ସଂଗ୍ରହ କରାଯାଇ ପରିକ୍ଷା ପାଇଁ ପଠାଯାଇଥିବା ତହସିଲର ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଇରାନର...

ପରସ୍ପର ଉପରେ ପୁଣି ଆକ୍ରମଣ କରିଛନ୍ତି । ତେହରାନ ପରମାଣୁ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିବ ନାହିଁ ବୋଲି ସ୍ପଷ୍ଟ କରିଦେବା ପରେ ଏ ବାବଦରେ ମଧ୍ୟସ୍ଥତା ପାଇଁ ଉଦ୍ୟମ କରୁଥିବା ୟୁରୋପୀୟ ସଂଘକୁ ଝଟକା ଲାଗିଛି । ଇସ୍ରାଏଲ ସେନା ଏକ୍ସରେ ଏକ ପୋଷ୍ଟରେ କହିଛି ଯେ ଇରାନ ପକ୍ଷରୁ କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ତେଲ୍ ଅଭିଭ୍ ସମେତ କେନ୍ଦ୍ରୀୟ ଇସ୍ରାଏଲରେ କେତେକ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି । ଇରାନ ଆକ୍ରମଣ ପରେ କିଛି କୋଠାରେ ମଧ୍ୟ ନିଆଁ ଲାଗିଥିବା ସୂଚନା ମିଳିଛି । ଇସ୍ରାଏଲ ଅଧିକାରୀମାନେ କହିଛନ୍ତି ଯେ ଇରାନ ୫ଟି ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ନିକ୍ଷେପ କରିବା ପରେ ଦକ୍ଷିଣ ଇସ୍ରାଏଲରେ ମଧ୍ୟ ସାଇରନ୍ ବାଜିଛି । କ୍ଷେପଣାସ୍ତ୍ର ମାଡ଼ଜନିତ କ୍ଷୟକ୍ଷତି ନେଇ ବିସ୍ତୃତ ସୂଚନା ଦିଆଯାଇନାହିଁ । ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ସ୍ଥାନୀୟ ସମୟ ରାତି ପ୍ରାୟ ୩ଟା ବେଳେ ଏକ ପୋଷ୍ଟରେ କହିଛି ଯେ ସେମାନେ କେନ୍ଦ୍ରୀୟ ଇରାନରେ କ୍ଷେପଣାସ୍ତ୍ର ଭଣ୍ଡାର ଓ ଉତ୍କ୍ଷେପଣ ଭିତ୍ତିଭୂମି ଉପରେ ଆକ୍ରମଣ କରିଥିଲେ ।

ସପ୍ତାହେ ଧରି ଚାଲିଥିବା ଇସ୍ରାଏଲ-ଇରାନ ଯୁଦ୍ଧର ଅନ୍ତ ଘଟାଇବା ପାଇଁ ଇରାନର ବୈଦେଶିକ ମନ୍ତ୍ରୀ ଅଙ୍ଘାସ ଆରାଘଚି ବ୍ରିଟେନ, ଫ୍ରାନ୍ସ ଓ ଜର୍ମାନୀର ପ୍ରତିପକ୍ଷ ତଥା ୟୁରୋପୀୟ ସଂଘର ବୈଦେଶିକ ନୀତି ମୁଖ୍ୟଙ୍କୁ ଜେନେଭାରେ ଭେଟିବାର କିଛି ଘଣ୍ଟା ପରେ ଏହି ନୂଆ ଆକ୍ରମଣ ହୋଇଛି ।

ୱାଶିଂଟନ ସ୍ଥିତ ଇରାନର ମାନବାଧିକାର ସଙ୍ଗଠନ ଅନୁଯାୟୀ ଇରାନରେ ୨୬୩ ସାଧାରଣ ନାଗରିକଙ୍କ ସମେତ ଅତିକମ୍‌ରେ ୬୫୭ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଇସ୍ରାଏଲ କହିଛି ଯେ ଇରାନ ଇସ୍ରାଏଲ ଉପରେ ୪୫୦ଟି କ୍ଷେପଣାସ୍ତ୍ର ଓ ୧୦୦୦ ଡ୍ରୋନ୍ ନିକ୍ଷେପ କରିଛି ।

## ଶୃଙ୍ଖଳିତ...

ସ୍ଥାନରେ ଯେପରି ଅସ୍ୱାସ୍ଥ୍ୟକର ଖାଦ୍ୟ କିମ୍ବା ପାଣି ବିକ୍ରି ନହୁଏ ତାହା ସୁନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ । ଏହା ସହିତ ସବୁ ସ୍ଥାନରେ ବିଶୁଦ୍ଧ ପାନୀୟ ଜଳ ଓ ସ୍ୱାସ୍ଥ୍ୟକର ଖାଦ୍ୟ ମଧ ଉପଲବ୍ଧ ହେବା ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ନୀତିକାନ୍ତି ଯେପରି ସୁରୁଖୁରୁରେ ଏବଂ ଠିକ୍ ସମୟରେ ହେବ ସେଥିପାଇଁ ମୁଖ୍ୟମନ୍ତ୍ରୀ ସେବାୟତ ମାନଙ୍କ ସହଯୋଗ କାମନା କରିଥିଲେ ।

ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଆମ ସାଂସ୍କୃତିର ସବୁଠାରୁ ଗୌରବମୟ ପରିଚୟ । କୋଟି କୋଟି ଲୋକଙ୍କ ଭାବାବେଗ ଏଥିରେ ଜଡିତ ଅଛି । ତେଣୁ, ଏହାର ସୁପରିଚାଳନା କେବଳ ଏକ ସରକାରୀ ଦାୟିତ୍ୱ ନୁହେଁ, ବରଂ ଏକ ପବିତ୍ର କର୍ତ୍ତବ୍ୟ । ତେଣୁ ସମସ୍ତ ବିଭାଗର ଅଧିକାରୀ, କର୍ମଚାରୀ ଏବଂ ବିଭିନ୍ନ ବେସରକାରୀ ସଂସ୍ଥା ସମସ୍ତେ ସମନ୍ୱୟ ରଖି ଏହାର ସଫଳ ପରିଚାଳନା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ ।

ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ରଥଯାତ୍ରା ସୁରୁଖୁରୁରେ ସମ୍ପାଦିତ ହେବା ପାଇଁ ନିଆ ଯାଇଥିବା ପଦକ୍ଷେପ,ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହୋଇଥିବା ପ୍ରସ୍ତୁତି ଏବଂ ପୋଲିସ୍ ମହାନିର୍ଦ୍ଦେଶକ ଆଇନ ଶୃଙ୍ଖଳା ବ୍ୟବସ୍ଥା ବିଷୟରେ ସୂଚନା ପ୍ରଦାନ କରିଥିଲେ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଓ ଅତିଥି ମାନେ ପୁରୀ ଜିଲ୍ଲା ପ୍ରଶାସନର ସୂଚନା ପୁସ୍ତିକା ରୂପରେଖ ଉନ୍ମୋଚନ କରିଥିଲେ । ଏହି ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଉଚ୍ଚଶିକ୍ଷା କ୍ରୀଡା ଓ ଯୁବସେବା ତଥା ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ ପାତ୍ର, ରାଜ୍ୟସଭା ସାଂସଦ ସୁଭାଶିଷ ଖୁଣ୍ଟିଆ, ବିଧାୟକ ଗଣ, ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା, ଉନ୍ନୟନ କମିଶନର, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀଗଣ, ଜିଲ୍ଲା ପ୍ରଶାସନର ଅଧିକାରୀଗଣ , ସେବାୟତ ଓ ମଠାଧୀଶ ଗଣ ଯୋଗଦେଇଥିଲେ । ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ ଗୁଣ୍ଡିଚା ମନ୍ଦିର ଯାଇ ସେଠାରେ ହୋଇଥିବା ଉନ୍ନତି ଓ ସୌନ୍ଦର୍ଯ୍ୟ କରଣକାର୍ଯ୍ୟ ବୁଲି ଦେଖିଥିଲେ ।

## ନବୀନଙ୍କ...

ରାଜନୈତିକ ସଚିବ ଡ. ସନ୍ତୁପ୍ତ ମିଶ୍ର କହିଛନ୍ତି ଯେ ନବୀନଙ୍କ ଭେଟିବାକୁ ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଫୋନ୍ ଆସୁଛି । ସଂକ୍ରମଣ ଭୟ ଯୋଗୁଁ ସମସ୍ତଙ୍କୁ ଅପେକ୍ଷା କରିବାକୁ କୁହାଯାଉଛି । ୪୮ ଘଣ୍ଟା ପରେ ଭେଟିବାକୁ ଅନୁମତି ମିଳିବ । କୌଣସି ଅସୁବିଧା ନାହିଁ ନବୀନ ବାବୁ ସୁସ୍ଥ ଅଛନ୍ତି ବୋଲି ସେ କହିଛନ୍ତି । ଏପଟେ ନବୀନ ପଟ୍ଟନାୟକଙ୍କ ଆଶୁଆରୋଗ୍ୟ କରି ରାଜ୍ୟ ବ୍ୟାପୀ ବିଜେଡିକର୍ମୀ ଓ ଶୁଭେଚ୍ଛୁମାନେ ବିଭିନ୍ନ ମନ୍ଦିରରେ ଦୀପ ଜାଳୁଛନ୍ତି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରେ ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର ଓ ଅଶୋକ ପଣ୍ଡାଙ୍କ ନେତୃତ୍ୱରେ ଦୀପ ଜାଳି ପୂଜାର୍ଚ୍ଚନା କରାଯାଇଥିଲା ।

## ଅଦିନିଆ ବର୍ଷା...

ସୀମାରେ ଏହା ପ୍ରବେଶ କରୁଥିବାର ଅଭିଯୋଗ ହେଉଛି । ବରଗଡ଼ ଜିଲ୍ଲା ବାଟଦେଇ ଏହା ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାକୁ ଯାଉଛି। କାଁଭାଁ ଧରପଗଡ଼ ହେଉଛି। ବିଶେଷ କରି ବରଗଡ଼ ଓ ସମ୍ବଲପୁର ଜିଲ୍ଲାର କିଛି ମିଲର୍ସ ସୁବର୍ଣ୍ଣପୁର ଜିଲ୍ଲାରେ ରାଇସ୍ ମିଲ୍ କରିଛନ୍ତି। ସେମାନେ ଚତୁରତାର ସହ ବରଗଡ଼ ଜିଲ୍ଲା ପାରି କରି ଧାନକୁ ସୁବର୍ଣ୍ଣପୁର ଜିଲ୍ଲାକୁ ନେଉଛନ୍ତି। ସୁବର୍ଣ୍ଣପୁରରେ ରବି ଧାନକିଣା ଟାର୍ଗେଟ୍ କମ୍ ରହିଥାଏ। ଏଣୁ ରାଇସ୍ ମିଲ ଗୁଡିକରେ ଏବେ ଛତିଶଗଡ଼ ଧାନ ଭର୍ତ୍ତି ହୋଇ ରହିଛି। ପ୍ରତିଦିନ ଶହଶହ ଧାନ ବୋଝେଇ ଟ୍ରକ୍ ଛତିଶଗଡ଼ରୁ ଆସି ବରଗଡ଼ ଜିଲ୍ଲାର ବିଭିନ୍ନ ରାସ୍ତା ଦେଇ ସୁବର୍ଣ୍ଣପୁରକୁ ଯାଉଛି। ଛତିଶଗଡ଼ ଧାନ ମୁଖ୍ୟତଃ ଛତିଶଗଡ଼ରୁ ସୋହେଲା ଓ ଅମ୍ବାଭୋନା ଦେଇ ବରଗଡ଼ ଜିଲ୍ଲାରେ ପ୍ରବେଶ କରୁଛି ଓ ବରପାଲି ଦେଇ ସୁବର୍ଣ୍ଣପୁର ଜିଲ୍ଲାର ରାମପୁର, ବିନିକା, ଡୁଙ୍ଗୁରିପାଲି ଅଭିମୁଖେ ଯାଉଥିବା ଅଭିଯୋଗ ହେଉଛି।

ଛତିଶଗଡ଼ରୁ ଆସୁଥିବା ଧାନଗାଡ଼ିକୁ ଧରପଗଡ଼ ପାଇଁ ରାଜ୍ୟ ସରକାରଙ୍କ କଡ଼ା ନିର୍ଦ୍ଦେଶ ରହିଛି। କିଛି ଦିନ ପୂର୍ବେ ପଦ୍ମପୁର ଉପଖଣ୍ଡ ସୋହେଲା ଥାନା ଅଞ୍ଚଳରେ ଦୁଇଟି ଟ୍ରକ୍ ଜବତ ହୋଇଥିଲା। ସେ ନେଇ ଥାନାରେ ମଧ ମାମଲା ହୋଇଥିଲା। ସେହିପରି ବରଗଡ଼ ଯୋଗାଣ ବିଭାଗ ଦୁଇଟି ଟ୍ରକ୍ ଜବତ କରିଥିଲା। ଉକ୍ତ ଟ୍ରକରୁ ଧାନକୁ ରାଇସ୍ ମିଲକୁ ଜିମା ଦେବାପରେ ଜିଲ୍ଲାପାଳଙ୍କ କୋର୍ଟରେ ମାମଲା ରୁଜୁ କରାଯାଇଥିବା ଯୋଗାଣ ବିଭାଗ ସୂତ୍ରରୁ ସୂଚନା ମିଳିଛି। ହେଲେ ଜବତ ହୋଇଥିବା ୪ଟି ଟ୍ରକର ଧାନ କାହାର? କେଉଁଠିକୁ ଯାଉଥିଲା? କେଉଁ ରାଇସ ମିଲ୍ ମୁ ଯିବାର ଥିଲା? ଏ ନେଇ କୌଣସି ସୂଚନା ତଦନ୍ତ ରିପୋର୍ଟରେ ଅଧିକାରୀମାନେ ଉଲ୍ଲେଖ କରିନାହାନ୍ତି ବୋଲି ଜାଣିବାକୁ ମିଳିଛି ।

ସୂଚନା ଅନୁସାରେ, କେବଳ ଡ୍ରାଇଭରମାନଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ ହୋଇଛି। ଛତିଶଗଡ଼ ଧାନ ଆରାମରେ ବିଭିନ୍ନ ଜିଲ୍ଲାର ରାଇସ୍ ମିଲ୍ରୁ ପଶୁଥିଲେ ବି କଡ଼ାକଡ଼ି ଯାଞ୍ଚ ହେଉନଥିବାରୁ ଏହି କାରବାର ଜୋରଦାର ଚାଲିଛି। ରବି ଧାନକିଣା ଆରମ୍ଭରୁ ଏ ପର୍ଯ୍ୟନ୍ତ ଛତିଶଗଡ଼ରୁ ପ୍ରତ୍ୟହ ଧାନ ବୋଝେଇ ଟ୍ରକ୍ ସବୁ ବରଗଡ଼ ଦେଇ ବିଭିନ୍ନ ଜିଲ୍ଲାକୁ ଯାଉଛି।

## ଟ୍ରମ୍ପକୁ ...



କରିବା ପାଇଁ ଆପଣ ଯେଉଁ ସାହାସିକ ନିଷ୍ପତ୍ତି ନେଲେ ତାହା ଇତିହାସ ବଦଳାଇ ଦେବ । ରାଷ୍ଟ୍ରପତି ଟ୍ରମ୍ପ ଓ ମୁଁ ପ୍ରାୟତଃ କହୁ ଯେ ଶକ୍ତି ମାଧ୍ୟମରେ ଶାନ୍ତି ଆସେ । ପ୍ରଥମେ ଶକ୍ତି ଆସେ । ତା'ପରେ ଶାନ୍ତି ଆସେ । ଆଜି ଡୋନାଲ୍ଡ ଟ୍ରମ୍ପ ଓ ଆମେରିକା ବହୁତ ଶକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଆମେରିକା ସେହି କାର୍ଯ୍ୟ କରିଛି ଯାହା ପୃଥିବୀର ଅନ୍ୟ କୌଣସି ଦେଶ କରିପାରିବେ ନାହିଁ । ପୃଥିବୀର ସବୁଠୁ ବିପଜ୍ଜନକ ଶାସକ ଓ ବିପଜ୍ଜନକ ଅସ୍ତ୍ରକୁ ମାତ ଦେବାକୁ ଟ୍ରମ୍ପ ଯେଉଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି, ତାହାକୁ ଇତିହାସ ମନେ ରଖିବ । ଏହା ସହିତ ଯେତେ ଦିନ ପର୍ଯ୍ୟନ୍ତ ଇରାନର ପରମାଣୁ କାର୍ଯ୍ୟକ୍ରମ ନେଇ ବିପଦ ସଂପୂର୍ଣ୍ଣ ଭାବେ ଟଳି ନାହିଁ ସେପର୍ଯ୍ୟନ୍ତ ଇରାନ ବିରୋଧରେ ଇସ୍ରାଏଲର ଅପରେସନ ଜାରି ରହିବ ବୋଲି ନେତାନ୍ୟାହୁ ସ୍ପଷ୍ଟ କରି ଦେଇଛନ୍ତି ।

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, C.F.No- 15 da ted 17.06.2025. I, Budhia Naik address Patharabandha, Beherasahi, Bani vihar, Ps- Sahidnagar, Bhubaneswar-751007. Declare that I have changed my name from Chitaranjan Nayak to Budhia Naik. Henceforth, I shall be known as **Budhia Naik** for all future purposes.

Sd/- Budhia Naik

**AFFIDAVIT**

BY VIRTURE OF AN AFFIDAVIT BEFORE THE EXEUTIVE MAGISTRATE KHORDHA. MY ACTUAL NAME & SUR NEME IS **PRIYANKA JENA**, IN MY ADHAAR NO- 553004921903, BUT WRONGLY RECORDED AS **PRIYANKA PATRA**, W/O- ASISH KUMAR PARTA, AT- PADHIRIPALLI, P/O- ATURICONA, DIST- KEUNJHAR. WHICH NEEDS CORRECTION AS **PRIYANKA JENA**, D/O- BRAJA KISHORE JENA, AT- NARADIA, P/O- PANCHAPALLI, PS- ERASAMA, DIST- JAGATSINGHPUR, ODISHA SO THAT **PRIYANKA JENA** & **PRIYANKA PATRA** ONE PERSON. I SHALL BE KHOWN AS FOR ALL PURPOSE

**AFFIDAVIT**

By virtue of an affidavit sworn before the Executive Magistrate, Jatni. I, Amirun Bibi, Aged (27), W/o- Mohammed Anis, of At- Rathipur, Po- Kantia, Ps- Jatni, Dist- Khordha, Odisha Pin-752050. Declared by this affidavit no. 08, dated. 02.06.2025, that in aadhar no- 605498281067 & Pan card no- GRIPB0672J, my name is mentioned as Amirun Bibi but in my Aadhar card no- 605498281067, my name is metioned as Armrun Begum. I declared that Amirun Bibi & Armrun Begumis related to one & same person. Henceforth, I shal be known as Amirun Bibi for all purposes.

**OFFICE OF THE HEADMISTRESS**
**KASTURABA GANDHI BALIKA VIDYALAYA, NAYAKGUDA**
**AT/PO- NAYAKGUDA, BLOCK- MATHILI,**
**DIST- MALKANGIRI, PIN- 764044**

No. 30/2025 DATE-21/06/2025

**TENDER CALL NOTICE NO - 01/2025-2026**

Sealed tenders are invited from reputed firms and manufacturers having GSTIN No. for supply of (1) Grocery and Snacks items, (2) Sports Dress/ Night dress and foot wear items, (3) Students Sup.TLM and office Stationary, (4) Cosmetics and Toilet items, (5) Vegetables, (6) Nonveg, (7) Electrical items, (8) Bakery items to Kasturaba Gandhi Balika Vidyalaya, Nayakguda, Block- Mathili, Dist- Malkangiri, (Odisha) for the financial year 2025-2026. The tender form with other particular items and list of items can be obtained from the office of the Headmistress, K.G.B.V, Nayakguda from 10 A.M. to 04 P.M. in all working days from dt- 24/06/2025 to 20/06/2025 on payment of Rs 1000/- (Rupees one thousand) only. The tenderer completed in all respect along with requisite document and earnest money in shape of bank draft in favour of **School Management Committee, KGBV, Nayakguda** Payable at **CBI** (Central Bank of India), Malkangiri would only be deposited in this Vidyalaya up to 4 P.M. on dated 30/06/2025. The purchase advisory committee (PAC) meeting will be held on dated-02/07/2025 at 11 A.M in this Vidyalaya for opening of tender. The PAC reserves the right to accept / reject the tender in whole or in part without assigning any reason thereof.

**Sd/- Headmistress, KGBV, Nayakguda**

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ବୋରା-୯୪୩୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ନିଶାବେପାରୀ ଗିରଫ : ବ୍ରାଉନ୍‌ସୁଗର ଜବତ

ଜଟଣୀ,(ସବ୍ୟୁ): ଜଟଣୀ ପୁଲିସ ଚଢ଼ଉ କରି ବ୍ରାଉନ୍‌ସୁଗାର ଜବତ କରିବାସହ ଦୁଇ ନିଶା ବେପାରୀଙ୍କୁ ଗିରଫ କରିଛନ୍ତି। ଧରାପଡ଼ିଥିବା ଦୁଇ ନିଶାବେପାରୀ ହେଲେ ଖୋର୍ଦ୍ଧା ଟାଉନ୍ ଥାନା ଶ୍ରୀରାମନଗରରେ ରହୁଥିବା ଟାଙ୍ଗୀ ଅଂଚଳର ରାଜେଶ କୁମାର ମହାପାତ୍ର ଓ ଖୋର୍ଦ୍ଧା ଭାଲିଆବାଡ଼ିରେ ରହୁଥିବା ରଣପୁର ଅଂଚଳର ଓମ୍‌ପ୍ରକାଶ ରଥ। ଏମାନଙ୍କ ଠାରୁ ପୁଲିସ ୧୨ ଗ୍ରାମ ବ୍ରାଉନ୍‌ସୁଗାର, ୧ ହଜାର ଟଙ୍କା ଓ ଗୋଟିଏ ବାଇକ୍ ଜବତ କରିଛି। ପଚରାଉଚୁରା ସମୟରେ ଦୀର୍ଘଦିନ



ହେବ ଦୁଇ ଅଭିଯୁକ୍ତ ବ୍ରାଉନ୍‌ସୁଗାର ବିକ୍ରି କରୁଥିବା ପୁଲିସ କହିଛି। ଖୁଦୁପୁର ଛକରେ ବ୍ରାଉନ୍‌ସୁଗାର ବିକ୍ରି ପାଇଁ ଛିଡା ହୋଇଥିବା ଖବର ପାଇ ପୁଲିସ ଚଢ଼ାଉ କରି ପୁଲିସ ସେମାନଙ୍କୁ କାବୁ କରିଥିଲା।

# ଚାରି ରେଳକର୍ମଚାରୀଙ୍କୁ ସୁରକ୍ଷା ପୁରସ୍କାର

ଜଟଣୀ, (ସବ୍ୟୁ): ଖୋର୍ଦ୍ଧରୋଡ଼ ମଣ୍ଡଳ ରେଳ ପ୍ରବନ୍ଧକ ଏଚ୍‌ଏସ୍ ବାଜୱା କର୍ତବ୍ୟ ପ୍ରତି ସଚ୍ଚୋଟତା ଏବଂ ନିଷ୍ଠାପରତା ପାଇଁ ଡିଭିଜନର ୪ ଜଣ ରେଳକର୍ମଚାରୀଙ୍କୁ ସମ୍ମାନୀତ କରିଛନ୍ତି। ଉଲ୍ଲେଖନୀୟ ସେବା ପାଇଁ ସମ୍ମାନିତ କର୍ମଚାରୀମାନେ ହେଲେ- ରୋନିଙ୍କି ଦୁର୍ଗାରାଓ,ଟେକ୍-୨ ମେମୁ କାର୍‌ସେଡ୍, ଖୋର୍ଦ୍ଧାରୋଡ଼, ସିର୍ଦ୍ଧାର୍ଥଶଙ୍କର ସାହୁ, ଷ୍ଟେସନମାଷ୍ଟର ରଘୁନାଥପୁର, ଜି ମୋହନ ବାବୁ ଷ୍ଟେସନ ଅଧିକ୍ଷକ, ଭୁବନେଶ୍ୱର ଏବଂ ଶ୍ରୀ ପରଦେଶୀ ଧନୁଞ୍ଜୟ, ଟେକ୍-୨/ ସିଆଣ୍ଡବ୍ଲ୍ୟୁ, ଖୋର୍ଦ୍ଧାରୋଡ଼। କର୍ମଚାରୀମାନଙ୍କର ସମୟୋଚିତ ସତର୍କତା ପାଇଁ, ଯାତ୍ରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଇପାରିଲା, ଟ୍ରେନ୍‌ଗୁଡ଼ିକର ସୁରକ୍ଷିତ ପରିଚାଳନା ହୋଇପାରିଥିଲା। ଏବଂ ଟ୍ରେନ୍‌ଗୁଡ଼ିକୁ ବିଳମ୍ବ ହେବାରୁ ବଂଚିତ କରାଯାଇଥିଲା। ଡିଆର୍‌ଏମ୍ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅତିରିକ୍ତ ମଣ୍ଡଳ ରେଳପ୍ରବନ୍ଧକ ଶୁଭ୍ରଜ୍ୟୋତି ମଣ୍ଡଳ, ବରିଷ୍ଠ ମଣ୍ଡଳ ନିରାପତା ଅଧିକାରୀ ଆଶିଷ କୁମାର ସେନାପତି ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ ପାଇଁ ସୌଭିକ୍‌ଙ୍କ ଦୀପଦାନ



ଚୌଦ୍ୱାର,(ସବ୍ୟୁ.): ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ହେତୁ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଠାକୁରଙ୍କୁ ଦୀପ ଦାନ କରିଛନ୍ତି । ସ୍ଥାନୀୟ ୭ନଂ. ୱାର୍ଡ଼ ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ବହୁ ଜନସାଧାରଣଙ୍କ ଉପସ୍ଥିତିରେ ବିଧାୟକ ଶ୍ରୀ ବିଶ୍ୱାଳ ଆଜି ସନ୍ଧ୍ୟାରେ ଦୀପଦାନ କରିବା ସହିତ ଠାକୁରଙ୍କ ସଂଧ୍ୟା ଆଳତୀରେ ଯୋଗ ଦେଇଥିଲେ । ଏହି ଦୀପଦାନ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ପୂର୍ବତନ ଚେୟାରମ୍ୟାନ୍ ପ୍ରେମଚାନ୍ଦ ନାୟକ, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ସୁବ୍ରତ ସାମଲ, ସମସ୍ତ ବିଜେଡ଼ି କାଉନ୍‌ସିଲର, ପୂର୍ବତନ କାଉନ୍‌ସିଲର, ମହିଳା ସଭାନେତ୍ରୀ କବିତାରାଣୀ ଲେଙ୍କା, ନଗର ବିଜେଡ଼ି କାର୍ଯ୍ୟକାରୀ ସଭାପତି ବିମଳ କୁମାର ବେଉରା, ଯୁବ ନେତା ଅର୍ଜୁନ ପଣ୍ଡା, ମହିଳା ନେତ୍ରୀ କଲ୍ୟାଣୀ ସାହାଣୀ, ମୀନା ଚୌଧୁରୀଙ୍କ ସମେତ ବହୁ ବିଜେଡ଼ି କର୍ମୀ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଲକ୍ଷ୍ମୀନାରାୟଣ ମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ କାଉନ୍‌ସିଲର ଦିଲ୍ଲୀପ ସାହୁ ପରିଚାଳନା କରିଥିଲେ ।

## ଓଡ଼ିଶା ପତ୍ରକାର ସଂଘର କର୍ମକର୍ତ୍ତା ନିର୍ବାଚନ

# ଅବିନାଶ ସଭାପତି, ରାମଦାସ ସାଧାରଣ ସମ୍ପାଦକ

ଭୁବନେଶ୍ୱର, (ସବ୍ୟୁ): ରାଜ୍ୟର ଅଗ୍ରଣୀ ସାମ୍ବାଦିକ ସଂଘ 'ଓଡ଼ିଶା ପତ୍ରକାର ସଂଘ'ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଓ ୨୦୨୫-୨୮ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି । ରବିବାର ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାର ସଭାପତି, ସମ୍ପାଦକ ଓ କାର୍ଯ୍ୟକାରିଣୀ ସଦସ୍ୟ ଉପସ୍ଥିତ ଥିଲେ ।

ପ୍ରଥମେ ସଂଗଠନ ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାପରେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକ ବିଶେଷକରି ଗ୍ରାମାଞ୍ଚଳ ସାମ୍ବାଦିକମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇ ସାମ୍ବାଦିକଙ୍କୁ ସୁରକ୍ଷା, ସାମ୍ବାଦିକଙ୍କ ସ୍ୱାସ୍ଥ୍ୟବୀମା ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି, ବୃଦ୍ଧ ପିତାମାତାଙ୍କୁ ସ୍ୱାସ୍ଥ୍ୟବୀମାରେ ସାମିଲ୍ କରିବା, ପେନ୍‌ସନ୍ ପ୍ରଦାନ ପ୍ରମୁଖ ଦାବି ଉପରେ ଆଲୋଚନା କରାଯାଇ




ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ ବୋଲି ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । ଏହାପରେ ସଂଘର ତ୍ରୈବାର୍ଷିକ କର୍ମକର୍ତ୍ତା ଚୟନ କରାଯାଇଥିଲା । ନିର୍ବାଚନ ଅଧିକାରୀ ଭାବେ ଉମେଶ ରାୟ ନିର୍ବାଚନ ପରିଚାଳନା କରିଥିଲେ । ରାଜ୍ୟ ସଭାପତି ଭାବେ ଅବିନାଶ ମିଶ୍ର, ସାଧାରଣ ସମ୍ପାଦକ ଭାବେ ରାମଦାସ ଲିମାଙ୍କୁ ମନୋନୀତ କରାଯାଇଥିବା ବେଳେ ଉପସଭାପତି ଭାବେ ସୁରେଶ ଦାଶ, ହରପ୍ରସାଦ ଦାସ, ଯୁଗଳ ଶବର ଓ ଅଶୋକ ପାଇକରାୟଙ୍କୁ ଚୟନ କରାଯାଇଥିଲା । ସେହିପରି ସଂଗଠନ ସମ୍ପାଦକ ଭାବେ ବିଶ୍ୱରଞ୍ଜନ ମିଶ୍ର, ସମ୍ପାଦକ ଭାବେ ମନୋଜ ଦାସ, ମିତ୍ରଭାନୁ ପଲେଇ, ନଳିନୀ ପାଣି ଓ ରସାନନ୍ଦ ବେହେରାଙ୍କୁ ମନୋନୀତ କରାଯାଇଛି । କୋଷାଧ୍ୟକ୍ଷ ଭାବେ କିଶୋର ରଥଙ୍କୁ ଚୟନ କରାଯାଇଛି । ଏଥିସହିତ ୨୦ଜଣଙ୍କୁ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଉମେଶ ରାୟ,ସତ୍ୟବାଦୀ ନାୟକ,ଶଙ୍କର ବେହେରା,ବିଜୟ ପଟ୍ଟନାୟକ, ଲକ୍ଷ୍ମୀନାରାୟଣ ସାହୁ,ସସ୍ମିତା ମଲ୍ଲିକ, ବିଷ୍ଣୁପ୍ରିୟା ମହାନ୍ତି, ନୃସିଂହ ମହାପାତ୍ର, ତୁଳସୀରାମ ଜଗତ,ଶ୍ରୀ ରଘୁନାଥ ଖାମ୍ବା, ନିଗମାନନ୍ଦ ଦାସ,ସୁସିଲ କୁମାର ଆଇଚ,ରାକେଶ ଦାସ, କିଶରାନନ୍ଦ ଜେନା, ଅଭିମନ୍ୟୁ ମହାରଣା,ଅଶ୍ୱିନୀ ପତି,ବାସୁଦେବ ରାଉଳ,ବଂଶୀଧର ଦାସମନୋନୀତ କରାଯାଇଛି ।

## ଦ୍ୱାଦଶୀ ତିଥିରେ ଶ୍ରୀଜିଉମାନଙ୍କର ରାଜପ୍ରାସାଦ ବିଜେ ନୀତି

ପୁରୀ (ସବ୍ୟୁ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗରା ସୁବାସିତ ଜଳରେ ମହାପ୍ରଭୁ ଦିବ୍ୟସ୍ନାନ କରି ଜ୍ୱରରେ ପିଡୀତ ହୋଇଥିବା ବେଳେ ଏକାଦଶୀ ତିଥିରେ ଖଳିଲାଗି ଓ ଦଶମୂଳ ମୋଦକ ସେବନ କରି ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଅଣସରର ଆଜି ଦ୍ୱାଦଶୀ ତିଥିରେ ଶ୍ରୀଜିଉ ମାନଙ୍କର ଅନୁଷ୍ଠିତ ହୋଇଛି ରାଜପ୍ରାସାଦ ବିଜେ ନୀତି। ଶ୍ରୀମନ୍ଦିରରୁ ଶ୍ରୀନହରକୁ ରାଜପ୍ରସାଦ ବିଜେ କରାଯାଇଛି। ମହାପ୍ରଭୁ ଏବେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିଥିବା ବେଳେ ଏହି ଖବର ଗଜପତି ମହାରାଜାଙ୍କୁ ସୂଚିତ କରାଇବା ନିମନ୍ତେ ଦଇତାପତି ଓ ବିଦ୍ୟାପତି ଶ୍ରୀଜୀଉଙ୍କ ପ୍ରସାଦ ରୂପେ କରାଳ, ଚନ୍ଦନ, ପାଟବସ୍ତ୍ରକୁ ନେଇ ଶ୍ରୀମନ୍ଦିରରୁ ଶ୍ରୀନହରକୁ ବିଜେ କରିଛନ୍ତି। ପରେ ଗଜପତିଙ୍କ ଶ୍ରୀହସ୍ତ ଛୁଆଁ ବସ୍ତ୍ର ବା ଶାଢୀକୁ ମୁଣ୍ଡରେ ବାନ୍ଧିଛନ୍ତି ଦଇତାପତି ସେବକ। ଯାହାକୁ ଶାଢୀବନ୍ଧା ନୀତି କୁହନ୍ତି। ଅନ୍ୟପଟେ ଗଜପତିଙ୍କ ସହ ଶୃଙ୍ଖଳିତ ରଥଯାତ୍ରା ପାଇଁ ସେବାୟତ ମାନେ ଆଲୋଚନା କରିଛନ୍ତି।

## ଚୋରା ଦେଶୀମଦ ବେପାରୀଙ୍କୁ ଜେନାପୁର ପୋଲିସର ଅନୁକମ୍ପା

# ଗିରଫ ଦାବିରେ ଥାନାରେ ହୋହାଲ୍ଲା କଲେ ମହିଳା

ଚଣ୍ଡିଖୋଲ/ଚଡେଇଧରା ,(ସବ୍ୟୁ) : ଯାଜପୁର ଜିଲ୍ଲାର ଜେନାପୁର ଥାନା ପୋଲିସର ଜଣେ ଚୋରାମଦ ବେପାରୀ ପ୍ରତି ଅନୁକମ୍ପା ପ୍ରଦର୍ଶନ ନେଇ ମଧୁପୁରଗଡ ପଞ୍ଚାୟତର ରଗଡିପଶୀ ଓ ବାଉଁଶମୂଳି ଗ୍ରାମର ମହିଳା ମାନେ ଗୁରୁତର ଅଭିଯୋଗ କରିଛନ୍ତି । ଏହି ଘଠଣାକୁ ପେଇ ରବିବାର ସନ୍ଧ୍ୟାରେ ବହୁ ମହିଳା ଥାନାରେ ପହଞ୍ଚି ହୋହାଲା କରିବାସହ କିଛି ସମୟ ଧାରଣାରେ ବସିଥିବା ଜଣାପଡିଛ । ବାଉଁଶମୂଳି ଗ୍ରାମରେ ଜଣେ ମହିଳା ଓ ତାଙ୍କ ପୁଅ ଦୀର୍ଘ ଦିନହେବ ଚୋରା ଦେଶୀମଦ ବେପାର କରୁଥିବା ଯୋଗୁଁ ଗ୍ରାମିଣ ପରିବେଶ ନଷ୍ଟ ହେବାସହ ଗ୍ରାମରେ ବିଶୃଙ୍ଖଳା ସୃଷ୍ଟି ହେଉଥିଲା । ଏହାକୁନେଇ ଲୋକେ ବାରମ୍ବାର ସ୍ଥାନୀୟ ପୋଲିସ ଓ ଅବକାରୀ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ ମଧ ଏହି ବେଆଇନ କାର୍ଯ୍ୟ ରୋକିବା ପାଇଁ କେହି ଦୃଷ୍ଟି ଦେଇନଥିଲେ । ଶେଷରେ ଗ୍ରାମର ଶତାଧିକ ମହିଳା ଏକାଠି ହୋଇ ଗତ ଶନିବାର ଦିନ ଅପରାହ୍ନରେ ଚୋରା ଦେଶୀମଦ ସହିତ ଏହି ବେପାରରେ ସଂପୃକ୍ତ ମା ପୁଅକୁ ଦୀର୍ଘ ସମୟ ଅଟକରଖି ଜେନାପୁର ପୋଲିସକୁ ଖର ଦେଇଥିଲେ । ହେଲେ ଦୀର୍ଘ ଅଢେଇ ଘଣ୍ଟାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଥିଲେ ମଧ ଚୋରାମଦକୁ ଜବତ କରିନଥିଲା। ଅଟକଥି ମଦ ବେପାରୀ ମାପୁଅଙ୍କୁ ଗିରଫ କରିନଥିଲା ।ପରନ୍ତୁ ଚୋରା ଦେଶୀମଦ ବେପାରକୁ ବିରୋଧ କରୁଥିବା ମହିଳା ମାନେ ଥାନାକୁ ଯାଇ ଏତଲା ଦେବାକୁ କହି ଘଟଣାସ୍ଥଳରୁ ସ୍ତଳରୁ ପଳାଇ ଯାଇଥିଲା । ପୋଲିସ ଯିବାପରେ ଚୋରାଦମ ବେପାରୁ ଓ ତାଙ୍କ ପରିବାର ମହିଳା ମାନଙ୍କୁ ଅଶୀଳ ଭାଷାରେ ଗାଳି କିଥିଲେ ।ପରେ ମହିଳାମାନେ ସଂଘ ବଦ୍ଧହୋଇ ଶନିବାର ସନ୍ଧ୍ୟାରେ ଜେନାପୁର ଥାନାରେ ପହଞ୍ଚି ଲିଖିତ ଏତଲା ଦେଇ ଅବିଳମ୍ବେ ଚୋରାମଦ ଜବତ କରିବା ସହ ବେପାରୀ ମାପୁଅଙ୍କୁ ଗିରଫ ପାଇଁ ଦାବି କରିଥିଲେ । ପୋଲିସ ଏହା ଉପରେ କାର୍ଯ୍ୟାନୁଷ୍ଠାନ ହେବ କହି ମହିଳା ମାନଙ୍କୁ ଥାନାରୁ ବିଦା କରିଦେଇ ଥିଲେ ।ହେଲେ ରବିବାର ସନ୍ଧ୍ୟାସୁଧା ସଂପୃକ୍ତ ଚୋରା ଦେଶୀମଦ ଜବତ ବା ବେପାରୀଙ୍କୁ ଗିରଫ କରାନଯିବାରୁ ପୁନର୍ବାର ମହିଳାମାନେ ଏକାଠିହୋଇ ଜେନାପୁର ଥାନାରେ ପହଞ୍ଚି ଧାରଣାରେ ବସି କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ।

# ଶ୍ରୀଦୁର୍ଗା ସାହିତ୍ୟ ସଂସଦର ମାସିକ ସାହିତ୍ୟ ଆସର

କଟକ, (ସବ୍ୟୁ): ଜନମାନସରେ କବିତା ସବୁଠୁ ଅଧିକ ଆଦର ଲାଭ କରିଆସିଛି । କବିତା କେବଳ ଆନନ୍ଦ ଦିଏନାହିଁ. ସମାଜକୁ ସୁଧାରିବା ଦିଗରେ ମଧ ଏହାର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ । ଯେତେ ଭଲ କବିତା ପ୍ରକାଶ ପାଇବ, ସମାଜର ସେତେ ଉପକାର ସାଧିତ ହେବ ବୋଲି ବିଶିଷ୍ଟ ସାହିତ୍ୟକମାନେ ମତବ୍ୟକ୍ତ କରିଛନ୍ତି । ରବିବାର ପୂର୍ବାହ୍ନରେ ଖପୁରିଆ ଶିଳ୍ପାଞ୍ଚଳ ଅନ୍ତର୍ଗତ ସିଦ୍ଧିଦୁର୍ଗା ମଣ୍ଡପରେ 'ଶ୍ରୀଦୁର୍ଗା ସାହିତ୍ୟ ସଂସଦ'ର ମାସିକ ସାହିତ୍ୟ ଆସରରେ ମଞ୍ଚାସୀନ ସାହିତ୍ୟିକମାନେ ଏହିମତେ ମତ ପ୍ରକାଶ କରିଛନ୍ତି ।

ସଂସଦର ସଭାପତି ପଣ୍ଡିତ ଡକ୍ଟର ଚୈତନ୍ୟ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଆସରକୁ ବିଶିଷ୍ଟ ସାହିତ୍ୟିକ ଡକ୍ଟର ରବୀନ୍ଦ୍ର କୁମାର ବିହାରୀ ଉଦ୍ଘାଟନ କରିଥିଲେ । ଏଥିରେ ପଣ୍ଡିତ ଡକ୍ଟର ଅଭୟ କୁମାର ଦାଶ, ପଣ୍ଡିତ ଡକ୍ଟର ନୀଳକଣ୍ଠ ରାଉତ, କୈଳାସ ଚନ୍ଦ୍ର ଜେନା, ବ୍ରହ୍ମାନନ୍ଦ ବିଶ୍ୱାଳ, ପତିତପାବନ ମହାପାତ୍ର ଓ ଚୈତନ୍ୟ ରାଉତ ମଞ୍ଚାସୀନ ଅତିଥି ଭାବରେ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଗୀତାଞ୍ଜଳି ପୃଷ୍ଟି ଓ ପ୍ରମିଳା ପତିଙ୍କ ସଂଯୋଜନାରେ ୭୦ରୁ ଅଧିକ କବି ସ୍ୱରଚିତ କବିତା ପାଠ କରିଥିଲେ । ପରେପରେ କବିତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସୁକାନ୍ତି ମହାନ୍ତି ଓ ଛବିରାମ ସେଠୀଙ୍କୁ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଏବଂ ସଂଗଠନ ସଂପାଦକ ସୁରେନ୍ଦ୍ର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ ।



## ମହଙ୍ଗା ପଡ଼ିଲା ପରକୀୟା ପ୍ରୀତି : ଥାନାରେ ଦୁଇ ବିବାହିତ ପ୍ରେମୀ ଯୁଗଳ

ବାଲିପାଟଣା , (ସବ୍ୟୁ): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା କୁଲନ୍ତିରା ଶାସନ ଅଞ୍ଚଳରେ ପରକୀୟା ପ୍ରୀତିର ଏକ ଘଟଣା ସାମ୍ନାକୁ ଆସିଛି । ସ୍ୱାମୀ ଘରେ ନ ଥିବା ସମୟରେ ସ୍ତ୍ରୀ ଜଣେ ଦୂର ସମ୍ପର୍କୀୟ ପୁରୁଷ ବନ୍ଧୁଙ୍କୁ ବିଳମ୍ବିତ ରାତିରେ ଘରକୁ ଡାକି ଫସିଯାଇଛନ୍ତି । ଶାଶୁ ଏବଂ ଶଶୁର ବୋହୂ ଘର ଭିତରେ ପୁରୁଷ ପିଲାଙ୍କ ଶବ୍ଦ ଶୁଣି ବାହାରୁ କବାଟ କିଳି ଦେଇଥିଲେ । ଘଟଣାଟି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ କୁଳନ୍ତିରା ଶାସନର ନକୁଳ ଭୋଇଙ୍କ ପୁଅ ନିରୋଜ କୁମାର ଭୋଇ ଓରଫ ନିରୁଆ ଗତ ୭ ବର୍ଷ ତଳେ ବାଳକାଟୀ ଫାଣ୍ଡି ପ୍ରତାପଶାସନ ଗ୍ରାମରେ ବୈଦିକ ରୀତିନୀତିରେ ବିବାହ କରିଥିଲେ । ସେମାନଙ୍କର ଗୋଟିଏ ୪ ବର୍ଷର ପୁଅ ଏବଂ ଦେଢ଼ ବର୍ଷର ଝିଅ ଅଛନ୍ତି । ନିରୁଆ ଏକ ଘରୋଇ କମ୍ପାନିରେ କାମ କରନ୍ତି । ସବୁଦିନ ଭଳି ଶନିବାର ରାତିରେ ନିରୁଆ ଡ୍ୟୁଟିକୁ ଯାଇଥିଲା ବେଳେ ସ୍ତ୍ରୀ (୨୪) ଭିଙ୍ଗାରପୁର ବେଣ୍ଟପୁରଅଞ୍ଚଳର ଜଣେ ବ୍ୟକ୍ତି(୩୫)ଙ୍କୁ ଘରକୁ ଡାକି ଥିଲେ । ଘର ଭିତରେ ୨ ଜଣ ଶବ୍ଦ ଶୁଣି ବାହାର ପଟୁ କବାଟ କିଳି ଦେଇଥିଲେ ଶାଶୂଶ୍ୱଶୂର । ପରେ ଗାଁ ଲୋକଙ୍କୁ ଖବର ଦେଇ ଥାନାରେ ଅଭିଯୋଗ କରିଥିଲେ । ଥାନା ସେଠାରୁ ଦୁଇ ପ୍ରେମୀ ଯୁଗଳଙ୍କୁ ଉଧାର କରି ଥାନାରେ ଅଟକ ରଖି ପଚାର ଉଚରା କରିଛି ।ସ୍ୱା ମୀ ନିରଜ ଥାନାରେ ପହଂଚି ତାକୁ ଘରକୁ ନେବେନାହିଁ ବୋଲି ପୋଲିସକୁ କହିଛନ୍ତି ।।ରଣ ଏଇଟା ପ୍ରଥମେ ନୁହେଁ ବାରମ୍ବାର ଏ ଘଟଣା ଆଗରୁ ତାଙ୍କ ସମ୍ପର୍କୀୟଙ୍କ ଘରେ ଘଟିଛି । ଆଉ ବରଦାସ୍ତ କରିହେବ ନାହ ।ଏପଟେ ସ୍ତ୍ରୀ ତାଙ୍କ ମତାମତରେ କୁହନ୍ତି ମୁଁ ମୋ ପିଲାଙ୍କୁ ନେଇ ତାଙ୍କ ପାଖରୁ ଚାଲିଯିବି । ସେପଟେ ଦୁଇଟି ପିଲାଙ୍କୁ ଛାଡିବାକୁ ତାଙ୍କ ସ୍ୱାମୀ ଅରାଜି ହେଉଛନ୍ତି । ପାରିପାର୍ଶ୍ୱିକ ଅବସ୍ଥାରୁ ଯାହା ଜଣା ପଡୁଛି ରସିକିଆ ପ୍ରେମିକ କୁଳାନ୍ତିର ଗାଁରେ ନିସ୍ତୁକ ମାଡ଼ ଖାଇଛି ।ଏପଟେ ଆଇନ ଅନୁସାରେ ପଦକ୍ଷେପ ନିଆଯିବବୋଲି ଥାନା ଏଏସ .ଆଇ ପ୍ରମୋଦିନ ମିଶ୍ର କହିଛନ୍ତି ।

# ଖୋର୍ଦ୍ଧାରୋଡ଼ ଡିଭିଜନ ପକ୍ଷରୁ ଯୋଗ ଦିବସ



ଜଟଣୀ, (ସବ୍ୟୁ): ଖୋର୍ଦ୍ଧାରୋଡ଼ ରେଳଡିଭିଜନ ପକ୍ଷରୁ ସ୍ଥାନୀୟ ରେଲୱେ ଷ୍ଟାଡିୟମ୍‌ରେ ଆଜି ଅନ୍ତର୍ଜାତୀୟ ଯୋଗଦିବସ ପାଳନ କରାଯାଇଥିଲା। ଡିଭିଜନର ପ୍ରବନ୍ଧକ ଏଚ୍‌ଏସ୍ ବାଜୱା, ଅତିରିକ୍ତ ପ୍ରବନ୍ଧକ ପିକେ ବେହେରା, ଶୁଭ୍ରଜ୍ୟୋତି ମଣ୍ଡଳ, ଶାଖା ଅଧିକାରୀ, କର୍ମଚାରୀ ଅଂଶଗ୍ରହଣ କରିଥିଲେ। ପୁରୀ ଦିବ୍ୟଯୋଗ ତାଲିମ ଚିକିତ୍ସା କେନ୍ଦ୍ରର ସ୍ୱାସ୍ଥ୍ୟ ଓ ସୁସ୍ଥତା ପରାମର୍ଶଦାତା ମଧୁସ୍ମିତା ଦାସ, ସେଞ୍ଚୁରିଆନ୍ ବିଶ୍ୱବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ଡ. ଜ୍ଞାନେନ୍ଦ୍ର କୁମାର ମିଶ୍ର ଉପସ୍ଥିତ ରହି ଆସନ ଓ ପ୍ରାଣାୟାମ ସହିତ ଉତମ ସ୍ୱାସ୍ଥ୍ୟ ପାଇଁ ଯୋଗର ଗୁରୁତ୍ୱ ଉପରେ କହିଥିଲେ। ଡିଭିଜନର ବିଭିନ୍ନ ରେଳଷ୍ଟେସନରେ କର୍ମଚାରୀଙ୍କ ଦ୍ୱାରା ଦିବସ ପାଳନ ହୋଇଥିଲା। କାର୍ଯ୍ୟକ୍ରମକୁ ଡିଭିଜନର ବରିଷ୍ଠ କାର୍ମିକ ଅଧିକାରୀ ଆର୍‌ଏନ୍‌ଏ ପରିଡ଼ା ପରିଚାଳନା କରିଥିଲେ।

# ବାଲେଶ୍ୱର ଜିଲ୍ଲା ବନ୍ୟା ପ୍ଲାବିତ ଲୋକଙ୍କ ଉଦ୍ଧାର ପାଇଁ ପିସିସିର କମିଟି ଗଠିତ

ଭୁବନେଶ୍ୱର, (ସବ୍ୟୁ): ବାଲେଶ୍ୱର ଜିଲ୍ଲାର ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ଅଞ୍ଚଳର ବନ୍ୟା ପ୍ଲାବିତ ଲୋକଙ୍କର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବନ୍ୟା କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ପୂର୍ବତନ ସାଂସଦ ପ୍ରାର୍ଥୀ ତଥା ଏଆଇସିସି ସଦସ୍ୟ ନବଜ୍ୟୋତି ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି । ପିସିସି ଉପସଭାପତି ତଥା ବାଲେଶ୍ୱର ଜିଲ୍ଲା ସଂଗଠନ ଦାୟୀତ୍ୱରେ ଥିବା ଡ. ଦେବାଶିଷ ପଟ୍ଟନାୟକ ସେହି ବନ୍ୟା ପ୍ଲାବିତ ଅଞ୍ଚଳକୁ ଗସ୍ତ କରିବେ । ଅନ୍ୟ ମାନଙ୍କ ମଧ୍ୟରେ ନବଜ୍ୟୋତି ପଟ୍ଟନାୟକ ,ଅଧ୍ୟକ୍ଷ । ସଂଜୀବ ଗିରି.ସଂଯୋଜକ (ଜିଲ୍ଲା ସଭାପତି), ଭୋଗରାଇ ବନ୍ୟା ପ୍ଲାବିତ ଅଂଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବନ କାର୍ଯ୍ୟକ୍ରମ ପାଇଁ ସତ୍ୟଶିବ ସୁନ୍ଦର ଦାସ ସଦସ୍ୟ ରହିଥିବା ବେଳେ ସନ୍ତୋଷ ଜେନା, ସଦସ୍ୟ , ମୀନାରାଣି ସୁର, ସଦସ୍ୟା ମମତା ସାହୁ,ସଦସ୍ୟା ରହିଛନ୍ତି । ସେହିପରି ବାଲିଆପାଳ ବନ୍ୟା ପ୍ଲାବିତ ଅଞ୍ଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ ବନ୍ୟା କାର୍ଯ୍ୟକ୍ରମ ପରିଚାଳନା ପାଇଁ ବିଜନ ନାୟକ ସଦସ୍ୟ, ଜଗନ୍ନାଥ ବିଶ୍ୱାଳ,ସଦସ୍ୟ, ରଞ୍ଜିତା ନାୟକ, ସଦସ୍ୟା, ବାବାଜି ଦେହୁରି,ସଦସ୍ୟ,ମୁରଲୀ ମନୋହର ସାହୁ ସଦସ୍ୟ ରହିଛନ୍ତି । ସେହିପରି ଜଳଶ୍ୱେର ବନ୍ୟା ପ୍ଲାବିତ ଅଞ୍ଚଳର ଉଦ୍ଧାର କାର୍ଯ୍ୟ ଓ ରିଲିଫ୍ କାର୍ଯ୍ୟକ୍ରମ ପାଇଁ ସତ୍ୟ ଦାସ ସଦସ୍ୟ, ଦେବିଚାନ୍ଦ ସଦସ୍ୟ ମଞ୍ଜୁଶ୍ରୀ ପଣ୍ଡା,ସଦସ୍ୟା, ଗିରିଜା ଶଙ୍କର ଦାସ ସଦସ୍ୟ ଓ ରାଜୀବ ପରିଡା ସଦସ୍ୟ ରହିଛନ୍ତି ।

## ବେଦାନ୍ତ ଲାଞ୍ଜିଗଡ଼ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ

# ୧ ଲକ୍ଷରୁ ଅଧିକ ଗଛ ଲଗାଇବା ପାଇଁ ମେଗା ଚାରା ରୋପଣ ଅଭିଯାନ

ଭୁବନେଶ୍ୱର (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ପରିବେଶଗତ ସ୍ଥିରତା ପ୍ରତି ଏହାର ପ୍ରତିବଦ୍ଧତାର ଏକ ଶକ୍ତିଶାଳୀ ପୁନଃନିର୍ମାଣରେ, ଓଡ଼ିଶାର କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ "ମୋ ଗଛ ମୋ ପରିବାର" (ମୋ ଗଛ, ମୋ ପରିବାର) ଶୀର୍ଷକ ଏକ ମେଗା ଚାରା ରୋପଣ ଅଭିଯାନ ଆରମ୍ଭ କରିଛି। ଏହି ଅଭିଯାନରେ କଳାହାଣ୍ଡି ଏବଂ ରାୟଗଡ଼ା ଜିଲ୍ଲାରେ ୧,୦୦,୦୦୦ ରୁ ଅଧିକ ଫଳଦାୟକ ଚାରା ରୋପଣ ଲକ୍ଷ୍ୟ ରଖାଯାଇଛି, ଯାହା ଓଡ଼ିଶାର ୩୦,୦୦୦ ରୁ ଅଧିକ ଗ୍ରାମୀଣ ପରିବାରକୁ ସକାରାତ୍ମକ ଭାବରେ ପ୍ରଭାବିତ କରିବ। ଆମ୍ବ, ଗୁଆ, କାକଫ୍ରୁଟ୍ ଏବଂ ମୋରିଙ୍ଗା ଭଳି ଲୋକପ୍ରିୟ ପ୍ରଜାତିଗୁଡ଼ିକୁ ସେମାନଙ୍କ ପରିବେଶଗତ, ପୁଷ୍ଟିକର ଏବଂ ଆର୍ଥିକ ମୂଲ୍ୟ ପାଇଁ ଚୟନ କରାଯାଇଛି।

ଭାଲୁଭଦ୍ରପୁର ଗ୍ରାମ ଏବଂ ବେଦାନ୍ତର ପ୍ଲାଂଟ ପରିସରରେ ଏକ ସମ୍ପ୍ରଦାୟ ନେତୃତ୍ୱାଧୀନ ରୋପଣ ଅଭିଯାନ ମାଧ୍ୟମରେ ଏହି ପ୍ରୟାସ ଆରମ୍ଭ ହୋଇଥିଲା, ଯେଉଁଥିରେ କର୍ମଚାରୀ, ବରିଷ୍ଠ ନେତୃତ୍ୱ, ସ୍କୁଲ ପିଲା, ସରକାରୀ ଅଧିକାରୀ ଏବଂ ସ୍ଥାନୀୟ ସମ୍ପ୍ରଦାୟର ସଦସ୍ୟଙ୍କ ସମେତ ୬୦୦ ରୁ ଅଧିକ ଲୋକ ଅଂଶଗ୍ରହଣ କରିଥିଲେ। ଏହି ରୋପଣ ପ୍ରତୀକାତ୍ମକ ଭାବରେ "ମୋ ଗଛ, ମୋ ପରିବାର" ଥିମ୍




ସହିତ ଜଡିତ ଥିଲା। ପରିବାରର ସଦସ୍ୟ ଭାବରେ ପ୍ରତ୍ୟେକ ଗଛକୁ ପାଳନ କରିବା ପାଇଁ ଏହା ଏକ ହୃଦୟସ୍ପର୍ଶୀ ପ୍ରତିଜ୍ଞା ଅଟେ। ଏହି ସ୍ମାରକୀ ପ୍ରୟାସକୁ ୬୦୦ ରୁ ଅଧିକ କର୍ମଚାରୀ ସ୍ୱେଚ୍ଛାସେବକଙ୍କ ଦ୍ୱାରା ସମର୍ଥନ କରାଯାଇଛି ଏବଂ ବେଦାନ୍ତର ବରିଷ୍ଠ ପରିଚାଳନା ସଦସ୍ୟଙ୍କ ଦ୍ୱାରା ସମର୍ଥିତ, ଏହାକୁ ଏହି ଅଂଚଳର ସର୍ବବୃହତ ପରିବେଶ-ଚାଳିତ ସମ୍ପ୍ରଦାୟ ଆନ୍ଦୋଳନ ମଧ୍ୟରୁ ଗୋଟିଏ । ଭୂଦୃଶ୍ୟକୁ ସୁନ୍ଦର କରିବା ବ୍ୟତୀତ, ଏହି ଚାରା ରୋପଣ ଅଭିଯାନ ଗଛଗୁଡ଼ିକର ଜୀବନକାଳ ମଧ୍ୟରେ ପ୍ରାୟ ୧.୫ ଲକ୍ଷ ଟନ୍ କାର୍ବନ ନିର୍ଗମନକୁ ହ୍ରାସ କରିବ ବୋଲି ଆଶା କରାଯାଉଛି। ଏହା ବର୍ଦ୍ଧିତ ଜୈବ ବିବିଧତାରେ ଯୋଗଦାନ କରିବ ଏବଂ ପ୍ରାକୃତିକ ଜଙ୍ଗଲର ପୁନରୁଦ୍ଧାନକୁ ସମର୍ଥନ କରିବ। ଏହି ପଦକ୍ଷେପ ମୃତିକା ସଂରକ୍ଷଣକୁ ଉନ୍ନତ କରିବା ଏବଂ କ୍ଷୟକୁ ରୋକିବାରେ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଫଳ ଫଳୁଥିବା ଗଛ ପ୍ରଚଳନ କରି, ଏହା ଅମଳ ଏବଂ ଆନୁଷଙ୍ଗିକ ଆୟ-ଉତ୍ପାଦନକାରୀ କାର୍ଯ୍ୟକଳାପ ମାଧ୍ୟମରେ ଗ୍ରାମୀଣ ଜୀବିକାକୁ ସୁଦୃଢ଼ କରିବାକୁ ସ୍ଥିର କରାଯାଇଛି। ଏହା ସହିତ, ଏହା ପରିବେଶଗତ ଦୃଷ୍ଟିରୁ ସମ୍ବେଦନଶୀଳ ଅଂଚଳରେ ଜଳବାୟୁ ସ୍ଥିରତା ନିର୍ମାଣ କରିବାରେ ସାହାଯ୍ୟ କରିବ। ଏହି ପଦକ୍ଷେପ ବିଷୟରେ କହି, ବେଦାନ୍ତ ଆଲୁମିନା ବ୍ୟବସାୟର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି: "ବେଦାନ୍ତ ଲାଞ୍ଜିଗଡ଼ରେ, ସ୍ଥାୟୀତ୍ୱ କେବଳ ଏକ ଦାୟିତ୍ୱ ନୁହେଁ - ଏହା ଜୀବନର ଏକ ଉପାୟ। 'ମୋ ଗଛ ମୋ ପରିବାର' ମାଧ୍ୟମରେ, ଆମେ ଆଶା, ଏକତା ଏବଂ ସମୃଦ୍ଧିର ବୀଜ ବୁଣୁଛୁ। ଆମେ ଏକ ସବୁଜ ଏବଂ ଅଧିକ ସ୍ଥିର ଆସନ୍ତାକାଲି ଆଡ଼କୁ ସମ୍ପ୍ରଦାୟ ସହିତ ହାତ ମିଳାଇ ଚାଲିବାକୁ ପ୍ରୟାସ କରୁଛୁ।" ଆଗାମୀ ବର୍ଷଗୁଡ଼ିକରେ ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯାନକୁ ବୃଦ୍ଧି କରିବା ସହିତ, ଏହି ଅଭିଯାନ ଭାରତର ଜଳବାୟୁ ଲକ୍ଷ୍ୟରେ ଅର୍ଥପୂର୍ଣ୍ଣ ଭାବରେ ଯୋଗଦାନ ଦେବାର ବେଦାନ୍ତର ବ୍ୟାପକ ମିଶନ ସହିତ ମଧ ସମାନ ହେବ।

## ବଡ଼ ଗୁପ୍ତଚର ତ୍ରୁଟି !

# ଆମେରିକାର ଆକ୍ରମଣ ପୂର୍ବରୁ ୟୁରାନିୟମ ହଟାଇ ସାରିଥିଲା ଇରାନ୍

ଓ୍ୱାଶିଂଟନ: ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ପହଞ୍ଚିଛି । ଆମେରିକା ଆକ୍ରମଣ କରି ଇରାନର ତିନୋଟି ପରମାଣୁ ସ୍ଥାନକୁ ଧ୍ୱଂସ କରିଥିବା ଦାବି କରିଛି । ଇରାନ ଏହି ଆକ୍ରମଣକୁ ଏକ ଅପ୍ରବର୍ତ୍ତନୀୟ ଯୁଦ୍ଧ କାର୍ଯ୍ୟ ଭାବରେ ଦେଖୁଛି ଏବଂ ଆମେରିକାକୁ କହିଛି ଯେ, ସେ ଚୁପ୍ ବସିବ ନାହିଁ ଏବଂ ପ୍ରତିଶୋଧ ନେବ । ଏହି ସମୟରେ, ଇରାନ ମଧ୍ୟ ଦାବି କରିଛି ଯେ, ଆମେରିକା ଦ୍ୱାରା ଆକ୍ରମଣ କରାଯାଇଥିବା ତିନୋଟି ପରମାଣୁ ସ୍ଥାନରୁ କୌଣସି ପରମାଣୁ ଲିକେଜ୍ ହୋଇନାହିଁ ଏବଂ ୟୁରାନିୟମ ପୂର୍ବରୁ ହଟାଇ ଦିଆଯାଇଛି ।

ଇରାନର ତିନୋଟି ପରମାଣୁ ସ୍ଥାନ ମଧ୍ୟରୁ ଫୋର୍ଡୋକୁ ଗୋଟିଏ ବୋଲି ବିବେଚନା କରାଯାଏ ଯେଉଁଠାରେ ଆମେରିକା ବୋମା ପକାଇଥିଲା । ଫୋର୍ଡୋକୁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ବୋଲି କୁହାଯାଏ ଯେଉଁଥିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂତଳ ୟୁରାନିୟମ ସମୃଦ୍ଧି ସୁବିଧା ମଧ୍ୟ ରହିଛି । କିନ୍ତୁ କୋମ୍ କାଉଣ୍ଟିରେ ଅବସ୍ଥିତ ଫୋର୍ଡୋ ପରମାଣୁ ସୁବିଧାର ଜଣେ ସାଂସଦ କହିଛନ୍ତି ଯେ, ରବିବାର ରାତିରେ ଆମେରିକାର ଆକ୍ରମଣ ପରେ, ପରମାଣୁ ସ୍ଥାନରୁ କୌଣସି ବିପଦପୂର୍ଣ୍ଣ ସାମଗ୍ରୀ ନିର୍ଗତ ହୋଇନାହିଁ କାରଣ ପୂର୍ବରୁ ଇରାନ ସେସବୁ ସ୍ଥାନକୁ ଖାଲି କରିଦେଇଥିଲା ।

ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠିଛି ଯେ, ଏହା ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକର ଏକ ବଡ଼ ଭୁଲ କି? ଆମେରିକାର ଗୁଇନ୍ଦା ସଂସ୍ଥାଗୁଡ଼ିକ କ'ଣ ଇରାନର ପରମାଣୁ ସ୍ଥାନଗୁଡ଼ିକର ସଠିକ୍ ମୂଲ୍ୟାଙ୍କନ କରିବାରେ ବିଫଳ ହୋଇଛନ୍ତି, କାରଣ ଇରାନ ପୂର୍ବରୁ ଆମେରିକା ବୋମା ପକାଇଥିବା ଫୋର୍ଡୋ ସ୍ଥାନରୁ ୟୁରାନିୟମ ହଟାଇସାରିଥିଲା ।

ଇରାନୀ ସଂସଦରେ ସିଓଏମର ପ୍ରତିନିଧି ମହମ୍ମଦ ମନନ ରାଇସି ସ୍ଥାନୀୟ ଇରାନୀ ଗଣମାଧ୍ୟମ ସହିତ କଥାବାର୍ତ୍ତା କରି ଆଶ୍ୱାସନା ଦେଇଛନ୍ତି ଯେ, ଆମେରିକା ରାଷ୍ଟ୍ରପତିଙ୍କ ଦାବି ବିପରୀତ ଫୋର୍ଡୋ ନ୍ୟୁକ୍ଲିୟର ସୁବିଧା କେନ୍ଦ୍ରର କୌଣସି ଗୁରୁତର କ୍ଷତି ହୋଇନାହିଁ । ସେ କହିଛନ୍ତି ଯେ, କେବଳ ଭୂମି ଅଂଶ କ୍ଷତିଗ୍ରସ୍ତ ହୋଇଛି ଯାହାକୁ ମରାମତି କରାଯାଇପାରିବ ।

ସାଂସଦ ରାଇସି ଏହି ଅଞ୍ଚଳର ଲୋକମାନଙ୍କୁ ମଧ୍ୟ ଆଶ୍ୱସ୍ତ କରିଛନ୍ତି ଯେ, ଆମେରିକା ଆକ୍ରମଣ ପରେ କୌଣସି ରେଡିଓଆକ୍ଟିଭ୍ ନିର୍ଗମନ ହୋଇନାହିଁ କାରଣ ଆକ୍ରମଣର ବହୁ ପୂର୍ବରୁ ସେଠାରୁ ବିପଦପୂର୍ଣ୍ଣ ସାମଗ୍ରୀ ଅପସାରିତ କରାଯାଇଥିଲା । ସେ ଏହା ମଧ୍ୟ କହିଛନ୍ତି, ଏବେ ଏହା ଇରାନ ଉପରେ ନିର୍ଭର କରେ ଯେ, ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନୀ ପରମାଣୁ ସ୍ଥାନ ଉପରେ ଆକ୍ରମଣ କରିବାର ମୂର୍ଖତାପୂର୍ଣ୍ଣ କାର୍ଯ୍ୟର କିପରି ପ୍ରତିକ୍ରିୟା ଦେଉଛି ।



ରବିବାର ସକାଳେ ରାଷ୍ଟ୍ରପତି ଟ୍ରମ୍ପ୍ ଏକ ବଡ଼ ଦାବି କରିଥିଲେ ଯେ, ଇରାନର ୩ଟି ପରମାଣୁ ସ୍ଥାନ ଉପରେ ବୋମା ମାଡ଼ କରାଯାଇ ଧ୍ୱଂସ କରାଯାଇଛି । ଜଣେ ସିଓଏମ ଅଧିକାରୀ ମଧ୍ୟ ଆକ୍ରମଣକୁ ନିଶ୍ଚିତ କରି କହିଛନ୍ତି ଯେ, ଫୋର୍ଡୋ ସ୍ଥାନର କେବଳ ଏକ ଅଂଶ ପ୍ରଭାବିତ ହୋଇଛି ।

ଆକ୍ରମଣ ପରେ, ଇରାନର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନି ଆମେରିକାକୁ ଏକ କଡ଼ା ଚେତାବନୀ ଦେଇ କହିଛନ୍ତି, ଆମେରିକୀୟମାନେ ପୂର୍ବ ଅପେକ୍ଷା ଅଧିକ କ୍ଷତି ଏବଂ ଧMI ପାଇଁ ପ୍ରସ୍ତୁତ ରହିବା ଉଚିତ୍ । ତାଙ୍କର ଏହି ମନ୍ତବ୍ୟ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଉତ୍ତେଜନାକୁ ଆହୁରି ବୃଦ୍ଧି କରିଛି ।

## ପାକିସ୍ତାନକୁ ଓ୍ୱେସୀଙ୍କ ତାଚ୍ଛଲ୍ୟ

ନୂଆଦିଲ୍ଲୀ: ଆମେରିକା ରବିବାର ବୋମାମାଡ଼ କରି ଇରାନର ୩ଟି ପରମାଣୁ କେନ୍ଦ୍ରକୁ ଧ୍ୱଂସ କରିଦେବା ପରେ ପାକିସ୍ତାନକୁ ଛିଗୁଲେଇଛନ୍ତି ଏଆଇଏମ୍ଆଇଏମ୍ ମୁଖ୍ୟ ତଥା ହାଇଦ୍ରାବାଦ ସାଂସଦ ଅସଦୁଦ୍ଦିନ ଓ୍ୱେସୀ ।

ସେ କହିଛନ୍ତି, ଆମେ ନିଶ୍ଚିତ ଭାବେ ପାକିସ୍ତାନୀମାନଙ୍କୁ ପଚାରିବା କଥା ଯେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି କୃତିତ୍ୱ ପାଇଁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ଦିଆଯାଉ ବୋଲି ସେମାନେ ଚାହୁଁଛନ୍ତି ନା ନାହିଁ? ଏଥିପାଇଁ କ'ଣ ସେମାନଙ୍କ ଜେନେରାଲ (ପାକିସ୍ତାନ ଫିଲ୍ଡ ମାର୍ଶଲ ଆସିମ ମୁନିର) ଟ୍ରମ୍ପଙ୍କ ସହିତ ଭୋଜନ କରିଥିଲେ?

ଓ୍ୱେସୀ କହିଛନ୍ତି ଯେ ଇରାନ ପାଖରେ ପରମାଣୁ ଅସ୍ତ୍ର ଥିବାକୁ ନେଇ ଏକ ଝଡ଼ ସୃଷ୍ଟି ହୋଇଛି । ଇରାକକୁ ନେଇ ସେହି କଥା ହୋଇଥିଲା । କିନ୍ତୁ କିଛି ବାହାରିଲା ନାହିଁ । ଲିବ୍ୟାକୁ ନେଇ ବି ସମାନ କଥା ହୋଇଥିଲା । କିନ୍ତୁ କିଛି ବାହାରିଲା ନାହିଁ ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ୨୦୨୬ ନୋବେଲ ଶାନ୍ତି ପୁରସ୍କାର ମିଳିବା କଥା ବୋଲି ଗତକାଲି ଓକିଲାତି କରିଥିଲା ପାକିସ୍ତାନ । ଏନେଇ ପାକିସ୍ତାନ ସରକାରଙ୍କ ପକ୍ଷରୁ ଗୋଟିଏ ବିବୃତି ଜାରି କରାଯାଇଥିଲା । ଏଥିରେ ଟ୍ରମ୍ପଙ୍କୁ ବିଶ୍ୱଗୁରୁ କହି ଭୂୟସୀ ପ୍ରଶଂସା କରାଯାଇଥିଲା ।

ନିକଟରେ ଭାରତ ଓ ପାକିସ୍ତାନ ମଧ୍ୟରେ ସୃଷ୍ଟି ହୋଇଥିବା ବିବାଦର ସମାଧାନରେ ଟ୍ରମ୍ପ ଉଭୟ କୂଟନୀତିକ ଓ ବ୍ୟକ୍ତିଗତ ନେତୃତ୍ୱର ପରିଚୟ ଦେଇଥିଲେ । ବିବାଦର ସମାଧାନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପାକିସ୍ତାନ ଦାବି କରି ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯିବା ସପକ୍ଷରେ ଯୁକ୍ତି ରଖିଥିଲା ।

ଭାରତ-ପାକିସ୍ତାନ ବିବାଦ ପରେ ଫିଲ୍ଡ ମାର୍ଶଲ ଆସିମ ମୁନିର ଆମେରିକା ଯାଇଥିଲେ । ସେଠାରେ ସେ ଟ୍ରମ୍ପଙ୍କ ସହିତ ଲଞ୍ଚ୍ କରିଥିଲେ । ତା'ପରେ ସେ ଟ୍ରମ୍ପଙ୍କୁ ନୋବେଲ୍ ଶାନ୍ତି ପୁରସ୍କାର ମିଳିବା କଥା ବୋଲି କହିଥିଲେ ।

ପାକିସ୍ତାନ ପୂର୍ବରୁ ଟ୍ରମ୍ପ ନିଜ ତରଫରୁ ବାରମ୍ବାର ଭାରତ ଓ ପାକିସ୍ତାନ ବିବାଦର ସମାଧାନ ତାଙ୍କ ମଧ୍ୟସ୍ଥତା ଯୋଗୁ ହୋଇ ଥିବା କହିଥିଲେ ଓ ଏବେ ବି କହି ଚାଲିଛନ୍ତି । ଭାରତ ସରକାର ଏହାକୁ ଖଣ୍ଡନ କରିଛନ୍ତି । ନିକଟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଟ୍ରମ୍ପଙ୍କ ସହ ଫୋନରେ କଥା ହୋଇ ଏ ବିଷୟରେ ତାଙ୍କୁ ଅବଗତ କରାଇଥିଲେ । ତଥାପି ଭାରତ-ପାକିସ୍ତାନ ବିବାଦ ସମାଧାନରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ପୁଣି ଥରେ କହିଛନ୍ତି ।

## ପହଲଗାମ ଆତଙ୍କବାଦୀ ଆକ୍ରମଣରେ ବଡ଼ ସଫଳତା

### ଆଶ୍ରୟ ଦେଇଥିବା ୨ ସ୍ଥାନୀୟ ଲୋକ ଗିରଫ

ଶ୍ରୀନଗର: ଜମ୍ମୁ-କଶ୍ମୀରର ପହଲଗାମରେ ୨୨ ଏପ୍ରିଲରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଏକ ବଡ଼ ସଫଳତା ହାସଲ କରିଛି । ଏହି ଆତଙ୍କବାଦୀ ଆକ୍ରମଣରେ ସମ୍ପୃକ୍ତ ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଏନଆଇଏ ପକ୍ଷରୁ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ଉଭୟ ସନ୍ଦିପ ବ୍ୟକ୍ତି ପହଲଗାମର ବାସିନ୍ଦା । ପହଲଗାମରେ ହୋଇଥିବା ନିର୍ମମ ଆକ୍ରମଣରେ ୨୬ ଜଣ ନିରୀହ ପର୍ଯ୍ୟଟକଙ୍କ ମୃତ୍ୟୁ ଏବଂ ୧୬ ଜଣ ଗୁରୁତର ଆହତ ହୋଇଥିଲେ । ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ପାଇଁ ଏନଆଇଏ ୨ ଜଣଙ୍କୁ ଗିରଫ କରିଛି ।

ବିବୃତିରେ, ତଦନ୍ତକାରୀ ସଂସ୍ଥା କହିଛି ଯେ, ପହଲଗାମର ବାଟକୋଟର ପରଭେଜ ଅହମ୍ମଦ ଜୋଥାର ଏବଂ ପହଲଗାମର ହିଲ ପାର୍କର ବଶିର ଅହମ୍ମଦ ଜୋଥାର ଆକ୍ରମଣରେ ସମ୍ପୃକ୍ତ ୩ ଜଣ ସଶସ୍ତ୍ର ଆତଙ୍କବାଦୀଙ୍କ ପରିଚୟ ପ୍ରକାଶ କରିଛନ୍ତି ଏବଂ ସେମାନେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଏବା ସହିତ ଜଡିତ ପାକିସ୍ତାନୀ ନାଗରିକ ବୋଲି ମଧ୍ୟ ନିଶ୍ଚିତ କରିଛନ୍ତି ।

ଏନଆଇଏ ତଦନ୍ତ ଅନୁଯାୟୀ, ଗିରଫ ପରଭେଜ ଅହମ୍ମଦ ଏବଂ ବଶିର ଅହମ୍ମଦ ଆକ୍ରମଣ ପୂର୍ବରୁ ହିଲ ପାର୍କର ଏକ କୁଡ଼ିଆରେ ଜାଣିଶୁଣି ତିନି ଜଣ ସଶସ୍ତ୍ର ଆତଙ୍କବାଦୀଙ୍କୁ ଆଶ୍ରୟ ଦେଇଥିଲେ । ସେମାନେ ଦୁହେଁ ୨୨ ଏପ୍ରିଲ ଅପରାହ୍ଣରେ ପହଲଗାମ ଗସ୍ତରେ ଆସୁଥିବା ପର୍ଯ୍ୟଟକଙ୍କୁ ସେମାନଙ୍କ ଧାର୍ମିକ ପରିଚୟ ଆଧାରରେ ବାଛି ବାଛି ହତ୍ୟା କରିଥିବା ଆତଙ୍କବାଦୀମାନଙ୍କୁ ଖାଦ୍ୟ, ବାସସ୍ଥାନ ଏବଂ ଲଜିଷ୍ଟିକ୍ ସହାୟତା ଯୋଗାଇଥିଲେ । ଏହି ଆକ୍ରମଣ ଗତ ଦଶନ୍ଧି ମଧ୍ୟରେ ସାଧାରଣ ନାଗରିକଙ୍କ ଉପରେ ହୋଇଥିବା ସବୁଠାରୁ ବଡ଼ ଆତଙ୍କବାଦୀ ଆକ୍ରମଣ ଥିଲା ।

ଜାତୀୟ ତଦନ୍ତକାରୀ ସଂସ୍ଥା କହିଛି ଯେ, ଉଭୟ ସନ୍ଦିପଙ୍କୁ ୧୯୬୭ ମସିହାର ବେଆଇନ କାର୍ଯ୍ୟକଳାପ (ନିବାରଣ) ଆଇନର ଧାରା ୧୯ ଅନୁଯାୟୀ ଗିରଫ କରାଯାଇଛି । ୨୨ ଏପ୍ରିଲରେ ହୋଇଥିବା ଭୟଙ୍କର ଆତଙ୍କବାଦୀ ଆକ୍ରମଣ ପରେ ଏକ ମାମଲା ପଞ୍ଜିକରଣ କରିବା ପରେ ତଦନ୍ତକାରୀ ସଂସ୍ଥା ମାମଲାର ଅଧିକ ତଦନ୍ତ କରୁଛି ।

ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ, ତଦନ୍ତ ଏଜେନ୍ସିଗୁଡ଼ିକ ଆକ୍ରମଣର ଅପରାଧୀଙ୍କୁ ଗିରଫ କରିବା ପାଇଁ ନିରନ୍ତର ଅଭିଯାନ ଚଳାଇଛନ୍ତି, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଆତଙ୍କବାଦୀଙ୍କ ପାଖରେ ପହଞ୍ଚି ପାରି ନାହାନ୍ତି । ଏପରି ପରିସ୍ଥିତିରେ, ଆତଙ୍କବାଦୀଙ୍କୁ ଆଶ୍ରୟ ଦେବା ଅଭିଯୋଗରେ ଧରାପଡ଼ିଥିବା ଦୁଇ ସ୍ଥାନୀୟ ଲୋକଙ୍କ ମାଧ୍ୟମରେ ତଦନ୍ତ ଏଜେନ୍ସିଗୁଡ଼ିକ ସେମାନଙ୍କ ପାଖରେ ପହଞ୍ଚିପାରିବେ ବୋଲି ଆଶା ସୃଷ୍ଟି ହୋଇଛି ।

ଆକ୍ରମଣ ପରେ, ତଦନ୍ତ ଏଜେନ୍ସି ସନ୍ଦିପ ବ୍ୟକ୍ତିଙ୍କ ସ୍କେଚ୍ ମଧ୍ୟ ଜାରି କରିଥିଲେ । ପରେ, ଏହି ଆତଙ୍କବାଦୀମାନଙ୍କ ପାଇଁ ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଥିଲା, କିନ୍ତୁ ସେମାନେ ଏପର୍ଯ୍ୟନ୍ତ ଆତଙ୍କବାଦୀ ଏନଆଇଏଠାରୁ ଅପହଞ୍ଚ ଅଛନ୍ତି ।

## ବର୍ମିଂହାମ-ଦିଲ୍ଲୀ ଏୟାର ଇଣ୍ଡିଆ ବିମାନକୁ ରିୟାଦରେ ଅବତରଣ

ନୂଆଦିଲ୍ଲୀ: ଏୟାର ଇଣ୍ଡିଆକୁ ବୋମା ଧମକ । ବର୍ମିଂହାମ (ୟୁକେ) ରୁ ଦିଲ୍ଲୀ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନକୁ ବୋମା ଧମକ ମିଳିବା ପରେ ଏହାକୁ ସାଉଦି ଆରବର ରିୟାଦକୁ ଡାଇଭର୍ଟ କରାଯାଇଥିଲା । ସମସ୍ତ ଯାତ୍ରୀ ସୁରକ୍ଷିତ ଥିବା ନେଇ ଏୟାରଲାଇନ୍ସ ତରଫରୁ ସୂଚନା ଦିଆଯାଇଛି ।

ବୋମା ସମ୍ପର୍କରେ ତୁରନ୍ତ ତଦନ୍ତ କରାଯାଇଥିବା ନେଇ ଏୟାର ଇଣ୍ଡିଆ ନିଜ ବିବୃତିରେ ପ୍ରକାଶ କରିଛି । ତେବେ ଯାଞ୍ଚରୁ ସେପରି କିଛି ସନ୍ଦେହ ଜନକ ତଥ୍ୟ ମିଳିନଥିବା ଜଣାପଡିଛି । ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ଭାବରେ ବିମାନରୁ ବାହାର କରାଯାଇ ହୋଟେଲରେ ରଖାଯାଇଛି । ଯାତ୍ରୀମାନଙ୍କୁ ଯଥାଶୀଘ୍ର ସେମାନଙ୍କ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାକୁ ସମସ୍ତ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ନେଇ ବିମାନ କମ୍ପାନୀ ତରଫରୁ କୁହାଯାଇଛି ।

ସୂଚନାଯୋଗ୍ୟ, ଗତ ଜୁନ୍ ୧୨ ତାରିଖରେ ଅହମ୍ମଦାବାଦ ବିମାନବନ୍ଦରରୁ ଉଡ଼ାଣ ଭରିବାର ମାତ୍ର କିଛି ମିନିଟ୍ ପରେ ଏୟାର ଇଣ୍ଡିଆର ବିମାନ ଏ ଆଇ ୧୭୧ ଭୟଙ୍କର ଦୁର୍ଘଟଣାର ଶିକାର ହୋଇଲା । ଯେଉଁଥିରେ ବିମାନରେ ଥିବା ୨୪୧ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ କେବଳ ଜଣେ ଯାତ୍ରୀ ଚମତ୍କାର ଭାବରେ ବଞ୍ଚି ଯାଇଥିଲେ । ତେବେ ବିମାନଟି ଯେଉଁ ମେଡିକାଲ କଲେଜରେ ବାଡେଇ ହୋଇଥିଲା ସେହି ସ୍ଥାନ ଏବଂ ତାହାର ଆଖପାଖରେ ସ୍ଥାନରେ ଉପସ୍ଥିତ ଥିବା ୨୯ରୁ ଅଧିକ ଲୋକଙ୍କର ମଧ୍ୟ ସେହି ଦୁର୍ଘଟଣାରେ ମୃତ୍ୟୁ ଘଟିଥିଲା । ଏହା ପରଠାରୁ ବିମାନ କମ୍ପାନୀ ସୁରକ୍ଷା ଯାଞ୍ଚ ଉପରେ କଡା ନଜର ରଖିଛି ।

# ଆତ୍ମସମର୍ପଣ ନୀତିର ଫାଇଦା ଉଠାଇ ଅସ୍ତ୍ର ସମର୍ପଣ କରନ୍ତୁ ମାଓବାଦୀ: ଶାହ

ରାୟପୁର: କେନ୍ଦ୍ର ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରୀ ଅମିତ ଶାହ ରାୟପୁରରେ ଛତିଶଗଡ଼, ଓଡ଼ିଶା, ଆନ୍ଧ୍ର ପ୍ରଦେଶ, ତେଲଙ୍ଗାନା, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡର ଡିଜିପି, ଏଡିଜିପି ଏବଂ ବରିଷ୍ଠ ଅଧିକାରୀଙ୍କ ସହ ନକ୍ସଲବାଦ ଉପରେ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି ।




କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ କହିଥିଲେ ଯେ ଗତ ଦେଢ଼ ବର୍ଷ ମଧ୍ୟରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେଓ ସାୟଙ୍କ ସରକାର ଏବଂ ଉପମୁଖ୍ୟମନ୍ତ୍ରୀ ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ବିଜୟ ଶର୍ମାଙ୍କର ସବୁଠାରୁ ବଡ଼ ସଫଳତା ହେଉଛି ସେମାନେ ପୂର୍ବରୁ ଅଟକି ରହିଥିବା ନକ୍ସଲ ବିରୋଧୀ ଅଭିଯାନକୁ ତ୍ୱରାନ୍ୱିତ କରିଛନ୍ତି ଏବଂ ରାଜ୍ୟକୁ ନକ୍ସଲବାଦରୁ ମୁକ୍ତ କରିବା ଦିଗରେ ଅଗ୍ରସର ହୋଇଛନ୍ତି । ଶ୍ରୀ ସାୟ ଏବଂ ଶ୍ରୀ ଶର୍ମା କେବଳ ନକ୍ସଲ ବିରୋଧୀ ଅଭିଯାନକୁ ନୂତନ ଗତି ପ୍ରଦାନ କରିନଥିଲେ, ବରଂ ବାରମ୍ବାର ଅଭିଯାନକୁ ମାର୍ଗଦର୍ଶନ କରିଥିଲେ । ସୁରକ୍ଷା ବାହିନୀର ମନୋବଳ ବୃଦ୍ଧି କରିଥିଲେ ଏବଂ ସମ୍ପୂର୍ଣ୍ଣ ସମର୍ପଣ ସହିତ ଏହି ଲଢ଼େଇରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ ।

କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଆତ୍ମବିଶ୍ୱାସର ସହ ଦୋହରାଇଥିଲେ ଯେ ୨୦୨୬ ମସିହା ମାର୍ଚ୍ଚ ୩୧ ସୁଦ୍ଧା ଦେଶ ସମ୍ପୂର୍ଣ୍ଣ ଭାବେ ନକ୍ସଲବାଦ ମୁକ୍ତ ହୋଇଯିବ । ଆମ ସୁରକ୍ଷା ବାହିନୀ ଦ୍ୱାରା ପ୍ରଦର୍ଶିତ ସାହସିକତା ଏବଂ ଗୁଇନ୍ଦା ସଂସ୍ଥାଗୁଡ଼ିକ ଦ୍ୱାରା ପ୍ରସ୍ତୁତ ସଠିକ ରଣନୀତି ଆଧାରରେ ଆମେ ନିଶ୍ଚିତ ଭାବେ ଏହି ଲକ୍ଷ୍ୟ ହାସଲ କରିବୁ । ପ୍ରତିବର୍ଷ ବର୍ଷା ଋତୁରେ ବିଶ୍ରାମ ନେଉଥିବା ନକ୍ସଲମାନେ ଚଳିତ ବର୍ଷ ମୌସୁମୀରେ ଶାନ୍ତିରେ ଶୋଇପାରିବେ ନାହିଁ । କାରଣ ଆମର ସୁରକ୍ଷା ବାହିନୀ ସେମାନଙ୍କର ଅପରେସନ ଜାରି ରଖିବେ ।

ଶ୍ରୀ ଶାହ ସମସ୍ତ ଯୁବକମାନଙ୍କୁ ଆହ୍ୱାନ କରିଛନ୍ତି ଯେଉଁମାନେ ନକ୍ସଲବାଦର ପଥରେ ପଥଭ୍ରଷ୍ଟ ହୋଇଛନ୍ତି, ସେମାନେ ଅସ୍ତ୍ର ସମର୍ପଣ କରନ୍ତୁ ଏବଂ ଛତିଶଗଡ଼ ସରକାରଙ୍କ ଆତ୍ମସମର୍ପଣ ନୀତିର ଲାଭ ଉଠାନ୍ତୁ । ଯୁବକମାନଙ୍କୁ ସମ୍ବୋଧିତ କରି ସେ କହିଥିଲେ ଯେ ନୂତନ ଛତିଶଗଡ଼ର ବିକାଶ ଯାତ୍ରାରେ ଯୋଗଦେବା ପାଇଁ ସେମାନଙ୍କୁ ଏହାଠାରୁ ଭଲ ସୁଯୋଗ ମିଳିବ ନାହିଁ । ହିଂସା ମାର୍ଗରେ ଚାଲୁଥିବା ଯୁବକମାନଙ୍କୁ ସରକାରଙ୍କୁ ବିଶ୍ୱାସ କରିବା ଏବଂ ସମାଜର ମୁଖ୍ୟଧାରାରେ ଯୋଗଦେବା ପାଇଁ ଶ୍ରୀ ଶାହ ଅନୁରୋଧ କରିଥିଲେ । ଏପରି କରିବା ଦ୍ୱାରା ସେମାନେ ସ୍ୱୟଂଚାଳିତ ଭାବେ ଛତିଶଗଡ଼ର ବିକାଶ ଯାତ୍ରା ସହିତ ଯୋଡ଼ି ହୋଇଯିବେ । କେନ୍ଦ୍ର ଏବଂ ଛତିଶଗଡ଼ ସରକାର ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ଦିଆଯାଇଥିବା ସମସ୍ତ ପ୍ରତିଶ୍ରୁତି ପୂରଣ କରିବେ ଏବଂ ଆହୁରି ଅଧିକ ସହାୟତା ପ୍ରଦାନ କରିବା ଲାଗି ପ୍ରୟାସ କରିବେ ।

## ମଶା ଆକୃତିର ଡ୍ରୋନ୍ ତିଆରି କରିଛି ଚୀନ୍

ନୂଆଦିଲ୍ଲୀ : ଚୀନ୍‌ର ନ୍ୟାସନାଲ୍ ୟୁନିଭରସିଟି ଅଫ୍ ଡିଫେନ୍ସ ଟେକ୍ନୋଲିଜି (ଏନ୍‌ୟୁଡିଟି) ପକ୍ଷରୁ ମଶା ଆକୃତିର ଡ୍ରୋନ୍ ପ୍ରସ୍ତୁତ କରାଯାଇଛି । ଏହି ଡ୍ରୋନ୍ ସେନା ଅପରେସନ୍‌ରେ ନିୟୋଜିତ ହେବ । ଦକ୍ଷିଣ ଚୀନ୍ ମର୍ଣ୍ଣି ପୋଷ୍ଟରେ ଏଭଳି ଖବର ପ୍ରକାଶ ପାଇବା ପରେ ସବୁଠି ହଇଚଇ ସୃଷ୍ଟି ହୋଇଛି । ଚୀନ୍‌ର କେନ୍ଦ୍ରୀୟ ଟେଲିଭିଜନ୍‌ର ଏକ ଭିଡିଓ କ୍ଲିକ୍ ପ୍ରସାରଣରେ ଦେଖାଯାଇଥିଲା ଯେ, ଜଣେ ଛାତ୍ର ତାଙ୍କ ଦୁଇ ଆଙ୍ଗୁଠିରେ ମଶା ଆକୃତିର ଡ୍ରୋନକୁ ଧରିଛନ୍ତି । ଯୁଦ୍ଧ ସମୟରେ ଏଭଳି ଡ୍ରୋନ୍ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସଂଗ୍ରହରେ ଗୁପ୍ତଚର ଭୂମିକା ନିର୍ବାହ କରିବ ।

## ୧୯ଟି ରୁଟରେ ଉଡ଼ାଣ କମାଇବ ଏୟାରଇଣ୍ଡିଆ

ନୂଆଦିଲ୍ଲୀ: ଟାଟା ଗ୍ରୁପ ମାଲିକାନାରେ ଥିବା ଏୟାର ଇଣ୍ଡିଆ କହିଛି ଯେ ଏହା ୧୯ ଟି ରୁଟରେ ନ୍ୟାରୋବଡ଼ି ବିମାନ ଦ୍ୱାରା ଚାଲୁଥିବା ୧୧୮ ଟି ସାପ୍ତାହିକ ଉଡ଼ାଣକୁ ଅସ୍ଥାୟୀ ଭାବରେ ହ୍ରାସ କରିବ ଏବଂ ତିନୋଟି ରୁଟରେ ସେବାକୁ ସ୍ଥଗିତ କରିବ । କମ୍ପାନୀ କିଛି ଦିନ ପୂର୍ବରୁ କହିଥିଲା ଯେ ଏହା ଓ୍ୱାଇଡବଡି ବିମାନ ଦ୍ୱାରା ପରିଚାଳିତ ଏହାର ଅନ୍ତର୍ଜାତୀୟ ଉଡ଼ାଣକୁ ଅସ୍ଥାୟୀ ଭାବରେ ୧୫ ପ୍ରତିଶତ ହ୍ରାସ କରିବ । ମୋଟ ନ୍ୟାରୋବଡି ଫ୍ଲିଟକୁ ଅସ୍ଥାୟୀ ଭାବରେ ପାଞ୍ଚ ପ୍ରତିଶତରୁ କମ୍ ହ୍ରାସ କରିବାକୁ ଯାଉଛି ।

ଏହି ସ୍ୱେଚ୍ଛାକୃତ ନିଷ୍ପତ୍ତି ଯୋଗୁଁ ତିନୋଟି ରୁଟରେ ଏୟାର ଇଣ୍ଡିଆ ସେବା ଅସ୍ଥାୟୀ ଭାବରେ ବନ୍ଦ ହୋଇଯିବ ଏବଂ ୧୯ ଟି ରୁଟରେ ଉଡ଼ାଣ ହ୍ରାସ ପାଇବ । ଏହି ପରିବର୍ତ୍ତନଗୁଡ଼ିକ ଅତି କମରେ ୧୫ ଜୁଲାଇ, ୨୦୨୫ ପର୍ଯ୍ୟନ୍ତ ପ୍ରଭାବଶାଳୀ ରହିବ । ବେଙ୍ଗାଲୁରୁ-ସିଙ୍ଗାପୁର, ପୁଣେ-ସିଙ୍ଗାପୁର ଏବଂ ମୁମ୍ବାଇ-ବାଗଡୋଗ୍ରା ରୁଟରେ ସପ୍ତାହକୁ ୭ଟି ଉଡ଼ାଣ ୧୫ ଜୁଲାଇ ପର୍ଯ୍ୟନ୍ତ ବନ୍ଦ ରହିବ । ଦିଲ୍ଲୀ-ବେଙ୍ଗାଲୁରୁ ଏବଂ ଦିଲ୍ଲୀ-ମୁମ୍ବାଇ ସମେତ ଅନ୍ୟ ଅନେକ ରୁଟରେ ଉଡ଼ାଣ ସଂଖ୍ୟା ହ୍ରାସ ପାଇବ । ଏୟାରଲାଇନ୍ସ ଅନୁଯାୟୀ, ଏହି ହ୍ରାସର ଲକ୍ଷ୍ୟ ହେଉଛି ଏୟାର ଇଣ୍ଡିଆର ନେଟଓ୍ୱାର୍କ କାର୍ଯ୍ୟର ସ୍ଥିରତାକୁ ସୁଦୃଢ଼ କରିବା ଏବଂ ଯାତ୍ରୀମାନଙ୍କୁ ଶେଷ ମୁହୂର୍ତ୍ତରେ ଅସୁବିଧା ହ୍ରାସ କରିବା ।

# ରାଜା ରଘୁବଂଶୀ ହତ୍ୟା ମାମଲାରେ ପ୍ରପର୍ଟି ଡିଲର ଗିରଫ

ଇନ୍ଦୋର: ରାଜା ରଘୁବଂଶୀ ହତ୍ୟା ମାମଲାରେ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ଲୁଚାଇବା ଅଭିଯୋଗରେ ଇନ୍ଦୋରରୁ ଜଣେ ପ୍ରପର୍ଟି ଡିଲରଙ୍କୁ ଗିରଫ କରିଛି ମେଘାଳୟ ପୋଲିସ । ପୋଲିସ ସୂଚନା ଅନୁସାରେ, ପ୍ରପର୍ଟି ଡିଲର ହତ୍ୟାର ମୁଖ୍ୟ ଅଭିଯୁକ୍ତ ଏବଂ ମୃତ ରାଜା ରଘୁବଂଶୀଙ୍କ ପନ୍ନୀ ସୋନମଙ୍କ ବ୍ୟାଗ ଲୁଚାଇ ରଖିଥିଲେ । ହତ୍ୟା ପରେ ସୋନମ ଇନ୍ଦୋରର ଏକ ଘରେ ଲୁଚି ରହିଥିଲେ । ଅତିରିକ୍ତ ଡେପୁଟି କମିଶନର ରାଜେଶ ଦଣ୍ଡୋଟିଆ କହିଛନ୍ତି ଯେ ପ୍ରପର୍ଟି ଡିଲର ଶିଲୋମ ଜେମ୍ସଙ୍କୁ ବ୍ୟାଗ ଲୁଚାଇବା ମାମଲାରେ ଗିରଫ କରାଯାଇଛି । ସେ କହିଛନ୍ତି ଯେ ଇନ୍ଦୋରରେ ଲୁଚି ରହିଥିବା ସମୟରେ ସୋନମ ଯେଉଁ ବ୍ୟାଗ ଲୁଚାଇଥିଲେ ସେଥିରେ ହତ୍ୟା ସହିତ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ରହିଛି । ତେବେ ଏଥିରେ ପୋଷାକ, ସୁନା ଗହଣା, ବନ୍ଧୁକ ସହ ହତ୍ୟାରେ ଜଡ଼ିତ ଅନ୍ୟ ସାମଗ୍ରୀ ରହିଥିଲା ।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଜେମ୍ସ, ହତ୍ୟାକାଣ୍ଡରେ ଜଡିତ ଅଭିଯୁକ୍ତ ବିଶାଲ ଚୌହାନଙ୍କ ପାଇଁ ଫ୍ଲାଟ ଭଡାରେ ନେଇଥିଲେ । ଯେଉଁଠି ହତ୍ୟା ପରେ ସୋନମ ଆସି ରହିଥିଲେ । ତେବେ ଜେମ୍ସ କିଛି ଦିନ ପୂର୍ବରୁ ଗଣମାଧ୍ୟମ ସମ୍ମୁଖରେ ଦାବି କରିଥିଲା ଯେ ସେ ମେ ୩୦ ତାରିଖରେ ବିଶାଲଙ୍କୁ ୧୭ ହଜାର ଟଙ୍କାରେ ଭଡାରେ ଏକ ଘର ଦେଇଥିଲେ । କିନ୍ତୁ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପରେ ତାହା ଖାଲି ପଡ଼ିଥିଲା । ଉଲ୍ଲେଖଯୋଗ୍ୟ, ମେଘାଳୟକୁ ହନିମୁନ ପାଇଁ ଯାଇଥିବା ରଘୁବଂଶୀ ମେ ୨୩ ତାରିଖରେ ନିଖୋଜ ହୋଇଯାଇଥିଲେ ଏବଂ ଜୁନ୍ ୨ ତାରିଖରେ ତାଙ୍କ ମୃତଦେହ ମିଳିଥିଲା । ଏହି ମାମଲାରେ ମୃତ ରଘୁବଂଶୀଙ୍କ ପନ୍ନୀ ସୋନମ ଏବଂ ତାଙ୍କ ପ୍ରେମିକଙ୍କ ସମେତ ହତ୍ୟାକାଣ୍ଡରେ ସଂପୃକ୍ତ ପାଞ୍ଚ ଜଣ ଅଭିଯୁକ୍ତ ବର୍ତ୍ତମାନ ମେଘାଳୟ ଜେଲରେ ନ୍ୟାୟିକ ହେପାଜତରେ ଅଛନ୍ତି ।



# କୌଣସି ଦେଶ ପରମାଣୁ ବୋମା ବିକ୍ରି କରିପାରିବ କି?

ନୂଆଦିଲ୍ଲୀ: ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଏବେ ଆମେରିକା ସାମିଲ ହୋଇଛି । ଆମେରିକା ଇରାନର ତିନୋଟି ପରମାଣୁ ଘାଟି ଫୋର୍ଡୋ, ନାଟାଞ୍ଜ ଏବଂ ଇସଫାହାନ ଉପରେ ବି-୨ ଷ୍ଟିଲଥ୍ ବୋମାବର୍ଷଣକାରୀ ବିମାନରୁ ବୋମା ପକାଇଛି, ଯେଉଁଥିରେ ଇରାନକୁ ବହୁତ କ୍ଷତି ସହିବାକୁ ପଡିଛି । ଇସ୍ରାଏଲ ଆମେରିକାର ଏହି ଆକ୍ରମଣ ଏବଂ ପରମାଣୁ ଘାଟିକୁ ଟାର୍ଗେଟ କରିବାର କାର୍ଯ୍ୟକୁ ସ୍ୱାଗତ କରିଛି । ଆପଣଙ୍କୁ ଜଣାଇ ଦେଉଛୁ ଯେ, ଜୁନ୍ ୧୩ ରେ ଇରାନ ଉପରେ ହୋଇଥିବା ଆକ୍ରମଣରେ ଇସ୍ରାଏଲ ପରମାଣୁ ଘାଟିକୁ ଟାର୍ଗେଟ କରିଥିଲା ।

ଇସ୍ରାଏଲ ବିଶ୍ୱାସ କରେ ଯେ ଯଦି ଇରାନ ପରମାଣୁ ବୋମା ତିଆରି କରେ, ତେବେ ସେ ପ୍ରଥମେ ଇସ୍ରାଏଲୀ ଲୋକଙ୍କ ଉପରେ ଆକ୍ରମଣ କରିବ । ଏହି ବିପଦକୁ ଦୃଷ୍ଟିରେ ରଖି, ଇସ୍ରାଏଲ ଦୀର୍ଘ ସମୟ ଧରି ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ନଜର ରଖି ଆସୁଛି । ଅନ୍ୟପକ୍ଷରେ, ଇରାନ ମଧ୍ୟ ପରମାଣୁ କ୍ଷମତା ହାସଲ କରିବାକୁ ପ୍ରତିଜ୍ଞା କରିଛି ଏବଂ ଏହି ଦେଶ ଦଶନ୍ଧି ଧରି ଏଥିପାଇଁ ଚେଷ୍ଟା କରିଆସୁଛି । ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠୁଛି ଯେ ଅନ୍ୟ ଅସ୍ତ୍ରଶସ୍ତ୍ର ପରି ଇରାନ କାହିଁକି କୌଣସି ଦେଶଠାରୁ ପରମାଣୁ ବୋମା କିଣିପାରିବ ନାହିଁ? ବିଶ୍ୱର ବଡ଼ ବଡ଼ ଦେଶ ମଧ୍ୟ ପରମାଣୁ ଅସ୍ତ୍ର ବିକ୍ରୟ କରିପାରିବେ କି? ଆସନ୍ତୁ ଜାଣିବା ଏ ସମ୍ପର୍କରେ ନିୟମ କ'ଣ କହୁଛି?

ବିଶ୍ୱରେ କେବଳ ୯ଟି ଦେଶ ଏପରି ଅଛନ୍ତି ଯେଉଁମାନେ ପରମାଣୁ ଅସ୍ତ୍ର ରଖିଛନ୍ତି । ଏହି ଦେଶଗୁଡ଼ିକ ମଧ୍ୟରେ ରୁଷ, ଆମେରିକା, ବ୍ରିଟେନ, ଫ୍ରାନ୍ସ, ଚୀନ୍, ଭାରତ, ପାକିସ୍ତାନ, ଇସ୍ରାଏଲ୍ ଏବଂ ଉତ୍ତର କୋରିଆ ଅନ୍ତର୍ଭୁକ୍ତ । କିନ୍ତୁ, ୧୯୭୦ ମସିହାର ପରମାଣୁ ଅସ୍ତ୍ରପ୍ରସାର ଚୁକ୍ତିନାମା



ଅନୁଯାୟୀ, କେବଳ ପାଞ୍ଚଟି ଦେଶ ରୁଷ, ଆମେରିକା, ବ୍ରିଟେନ, ଫ୍ରାନ୍ସ, ଚୀନ୍ ପରମାଣୁ ଅସ୍ତ୍ର ରଖିବାର ଅଧିକାର ରଖିଛନ୍ତି । ଏହି ଚୁକ୍ତିନାମା ଆସିବା ପୂର୍ବରୁ ମଧ୍ୟ ଏହି ଦେଶମାନେ ପରମାଣୁ ବୋମା ତିଆରି କରିଥିଲେ ।

ବିଶ୍ୱର ଅନେକ ଦେଶ ମଧ୍ୟରେ ଅସ୍ତ୍ରଶସ୍ତ୍ର ସମ୍ପର୍କରେ ଚୁକ୍ତି ହେଉଛି, ଯେଉଁଥିରେ କ୍ଷେପଣାସ୍ତ୍ରରୁ ଡ୍ରୋନ୍ ଏବଂ ଯୁଦ୍ଧ ବିମାନରୁ ଟ୍ୟାଙ୍କ ପର୍ଯ୍ୟନ୍ତ ବିକ୍ରି କରାଯାଏ । ଏପରି ପରିସ୍ଥିତିରେ, ପ୍ରଶ୍ନ ଉଠେ ଯେ କୌଣସି ଦେଶ ଏହି ଅସ୍ତ୍ର ପରି ପରମାଣୁ ଅସ୍ତ୍ର ବିକ୍ରୟ କରିପାରିବ କି? ଏହି ପ୍ରଶ୍ନ ଯେତେ ସହଜ, ଏହାର ଉତ୍ତର ସେତେ କଷ୍ଟକର । ପ୍ରକୃତରେ, ପରମାଣୁ ବୋମା ଏକ ଏପରି ଅସ୍ତ୍ର ଯାହା ଯେକୌଣସି ସମୟରେ ବିଶ୍ୱରେ ବିନାଶ ଆଣିପାରେ । ଏପରି ପରିସ୍ଥିତିରେ, ଜାତିସଂଘ ଏହାର ବ୍ୟବହାର, କ୍ରୟ ଏବଂ ବିକ୍ରୟ ଉପରେ କଡ଼ା ନଜର ରଖେ । ସେହି ସମୟରେ, ବିଶ୍ୱର ପରମାଣୁ ଶକ୍ତିଶାଳୀ ଦେଶଗୁଡ଼ିକ ଏହା ମଧ୍ୟ ନିଶ୍ଚିତ କରନ୍ତି ଯେ କୌଣସି ଦେଶ ଅନ୍ୟ କୌଣସି ଦେଶକୁ ପରମାଣୁ ଅସ୍ତ୍ର କିମ୍ବା ଏହାର ପ୍ରଯୁକ୍ତିବିଦ୍ୟା ବିକ୍ରୟ କରିପାରିବେ ନାହିଁ ।

## ଲିଡ୍ସ ଟେଷ୍ଟ

# ବୁମରାଙ୍କୁ ୫ ୱିକେଟ୍ : ଇଂଲଣ୍ଡ ୪୬୫

ଲିଡ୍ସ, ୨୨।୬ (ଏଜେନ୍ସି) : ପ୍ରଥମେ ବ୍ୟାଟ୍‌ର ଓ ପରେ ପରେ ଭାରତୀୟ ବୋଲ୍‌ର କମାଲ ଦେଖାଇଛନ୍ତି । ଇଂଲଣ୍ଡରେ ଯଶସ୍ୱୀ ଜୟସ୍ୱାଲ୍, ଅଧିନାୟକ ଶୁଭମନ୍ ଗିଲ୍ ଓ ଉପ ଅଧିନାୟକ ରିଷଭ ପନ୍ତ ଶତକୀୟ ଇନିଂସ୍ ଖେଳିଥିଲେ । ତୃତୀୟ ଦିନ ଭାରତୀୟ ବୋଲ୍‌ର କମାଲ କରିଛନ୍ତି । ଯଶପ୍ରୀତ ବୁମରା, ମହମ୍ମଦ ସିରାଜ ଓ ପ୍ରସିଦ୍ଧ କ୍ରୀଷ୍ଣା ୧୦ ୱିକେଟ୍ ଝଡାଇ ଇଂଲଣ୍ଡ ଇନିଂସରେ ଯବନିକା ଟାଣିଛନ୍ତି । ତେଣୁ ତୃତୀୟ ଦିବସ ଚା ପାନ ବିରତି ବେଳକୁ ଇଂଲଣ୍ଡ ପ୍ରଥମ ଇନିଂସରେ ୧୦୦.୪ ଓଭରରେ ୪୬୫ ରନ୍ କରି ଅଲ୍ ଆଉଟ୍ ହୋଇଛି । ତେଣୁ ଭାରତ ୬ ରନ୍‌ର ଅଗ୍ରଣୀ ହାସଲ କରିଛି । ପୂର୍ବରୁ ପ୍ରଥମ ପାଳିରେ ଭାରତ ୪୭୧ ରନ୍ କରିଥିଲା । ତୃତୀୟ ଦିବସ ଷ୍ଟମ୍ପ ଅପସାରଣ ବେଳକୁ ଭାରତ ଦ୍ୱିତୀୟ ଇନିଂସ ବ୍ୟାଟିଂ କରି ୨୩.୫ ଓଭରରେ ୨ ୱିକେଟ୍ ହରାଇ ୯୦ ରନ୍ କରିଛି । ବର୍ଷା ଯୋଗୁଁ ପାଖାପାଖି ୧୦ ଓଭର ଖେଳ ସମ୍ଭବ ହୋଇପାରନାହିଁ । ଲୋକେଶ ରାହୁଲ ୪୭ ରନ୍ ଓ ଶୁଭମନ୍ ଗିଲ୍ ୬ ରନ୍ କରି ଅପରାଜିତ ଅଛନ୍ତି ।

ତୃତୀୟ ଦିନ ଇଂଲଣ୍ଡ ଅସମାପ୍ତ ଇନିଂସ ୨୦୯/୩ ରୁ ଖେଳ ଆରମ୍ଭ କରିଥିଲା । ଶତକ ହାସଲ୍ କରିଥିବା ଓଲି ପୋପ୍ ପ୍ରଥମ ଅଧିବେଶନରେ ବେଶି ସମୟ ରହିପାରିନଥିଲେ । ସେ ୧୦୬ ରନ୍ କରି ପ୍ରସିଦ୍ଧ କ୍ରୀଷ୍ଣାଙ୍କ ଶିକାର ହୋଇଥିଲେ । ହ୍ୟାରି ବ୍ରୁକ୍ ଜମାଣିଆ ଖେଳିଥିଲେ ବି ମାତ୍ର ୧ ରନ୍ ପାଇଁ ଶତକରୁ ବଞ୍ଚିତ ହୋଇଥିଲେ । ସେ ୧୧୨ ବଲରୁ ୯୯ ରନ୍ କରିବାକୁ ସକ୍ଷମ ହୋଇଥିଲେ । ଅଧିନାୟକ ବେନ୍ ଷ୍ଟୋକ୍ସ ୨୦, ଜାମି ସ୍ମିଥ୍ ୪୦, କ୍ରିସ୍ ୱକସ୍ ୩୮, ବ୍ରେଡନ୍ କାରସେ ୨୨ ଓ ଜୋସ୍ ଟଙ୍ଗ ୧୧ ରନ୍ କରିଥିଲେ । ତେଣୁ ଇଂଲଣ୍ଡ ୧୦୦.୪ ଓଭରରେ ୪୬୫ ରନ୍‌ର ସ୍କୋର କରି ଭାରତକୁ କଡା ଟକ୍କର ଦେଇଛି । ଭାରତ ବୋଲିଂ ମଧ୍ୟ ପ୍ରଶଂସନୀୟ ରହିଛି । ତିନିଜଣ ଦ୍ରୁତ ବୋଲର ୧୦ ୱିକେଟ୍ ଅକ୍ତିଆର କରିଛନ୍ତି । ଯଶପ୍ରୀତ ବୁମରା ୨୪.୪ ଓଭରରେ ବୋଲିଂ ୫ ୱିକେଟ୍ ଅକ୍ତିଆର କରିଥିଲେ । ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ୩ ଟି ଓ ମହମ୍ମଦ ସିରାଜ ୨ ୱିକେଟ୍ ନେଇଥିଲେ । ୨୩ ଓଭରରେ ୪ ମେଡେନ୍ ସହ ୬୮ ରନ୍ ବ୍ୟୟ କରିଥିବା ସ୍ପିନ୍ ଅଲରାଉଣ୍ଡର ରବିନ୍ଦ୍ର ଜାଡେଜାଙ୍କୁ ୱିକେଟ୍ ସଫଳତା ମିଳିନଥିଲା ।

ଇଂଲଣ୍ଡକୁ ଅଲଆଉଟ୍ କରିବା ପରେ ୬ ରନ୍ ଆଗୁଆ ରହି ଭାରତ ଦ୍ୱିତୀୟ ପାଳି ଆରମ୍ଭ କରିଥିଲା । ଯଶସ୍ୱୀ ଜୟସ୍ୱାଲଙ୍କ ସହ ଲୋକେଶ ରାହୁଲ ପାଳି ଆରମ୍ଭ କରିଥିଲେ । ଶତକ ଇନିଂସ ଖେଳିଥିବା ଜୟସ୍ୱାଲ୍ ଦ୍ୱିତୀୟ ପାଳିରେ ମାତ୍ର ୪ ରନ୍ କରି କାରସେଙ୍କ ଶିକାର ହୋଇଥିଲେ । ତେବେ ଲୋକେଶ ରାହୁଲ ଏକ ବଡ ଇନିଂସ ଆଶାରେ ବ୍ୟାଟିଂ ମଙ୍ଗ ଧରିଛନ୍ତି । ସେ ୭୫ ବଲ୍‌ର ସମ୍ମୁଖୀନ ହୋଇ ୭ ଟି ଚୌକା ସହାୟତାରେ ଅପରାଜିତ ୪୭ ରନ୍ କରିଛନ୍ତି । ଭାରତୀୟ ଇନିଂସର ଶେଷ ୱିକେଟ୍ ଭାବେ ସାଇ ସୁଦର୍ଶନ ୪୮ ବଲ୍‌ରୁ ୩୦ ରନ୍ କରି ଷ୍ଟୋକସ୍‌ଙ୍କ ଦ୍ୱାରା ଆଉଟ୍ ହୋଇଥିଲେ । ଶୁଭମନ୍ ଗିଲ୍ ୬ ରନ୍ କରି ଅପରାଜିତ ଅଛନ୍ତି ।




# ରାଗିଗଲେ ପନ୍ତ



ଲିଡସ୍, ୨୨।୬ (ଏଜେନ୍ସି) : ଲିଡସ୍ ଟେଷ୍ଟରେ ଟିମ୍ ଇଣ୍ଡିଆର ଉପଅଧିନାୟକ ରିଷଭ ପନ୍ତ ରାଗିଯିବାର ଭିଡିଓ ଭାଇରାଲ୍ ହୋଇଛି । ତୃତୀୟ ଦିନ ପ୍ରଥମ ଅଧିବେଶନରେ ଏଭଳି ଘଟଣା ଦେଖିବାକୁ ମିଳିଥିଲା । ପନ୍ତ ବଲ୍ ନେଇ ଅମ୍ପାୟାରଙ୍କ ପାଖକୁ ଯାଇଥିଲେ । ବଲଟି ତାଙ୍କ ହାତକୁ ବଢାଇ ତାର ଅବସ୍ଥା ଭଲ ନଥିବା କହିଥିଲେ । ଅମ୍ପାୟାର ବଲଟିକୁ ଯାଞ୍ଚ କରି ପନ୍ତଙ୍କୁ ଫେରାଇ ଦେଇଥିଲେ । ଏଥିରେ ଏକମତ ହୋଇ ପନ୍ତ ଅମ୍ପାୟାରଙ୍କୁ ବୁଝାଇବାକୁ ଚେଷ୍ଟା କରିଥିଲେ । ହେଲେ ଅମ୍ପାୟାର ସେହି ବଲରେ ଖେଳ ଜାରି ରହିବ ବୋଲି କହିଥିଲେ । ଅମ୍ପାୟାର ଯାହା କହିଥିଲେ ସେଥିରେ ପନ୍ତ ସନ୍ତୁଷ୍ଟ ନଥିଲେ । ପରେ ସେ ବଲଟିକୁ ଫିଙ୍ଗି ଦେଇ ଚାଲିଯାଇଥିଲେ । ୬୩ତମ ଓଭରରେ ଇଂଲଣ୍ଡର ଅଧିନାୟକ ବେନ୍ ଷ୍ଟୋକ୍ ଓ ହ୍ୟାରି ବ୍ରୁକ୍ ବ୍ୟାଟିଂ କରୁଥିବା ବେଳେ ଏହି ଘଟଣା ଘଟିଥିଲା ।

## ଅଲେଖ ଚନ୍ଦ୍ର ସ୍ମାରକୀ ଓପନ୍ ଚେସ୍

# ଲଭ୍ୟଜ୍ୟୋତି ବିଜେତା

ଭୁବନେଶ୍ୱର, ୨୨।୬(ସବ୍ୟୁ) : ଓଡିଶା ରାଜ୍ୟ ଚେସ୍ ଆସୋସିଏସନ୍ ଆନୁକୂଲ୍ୟରେ କେଶୁରାର ରୟାଲ୍ ପବ୍ଲିକ୍ସ ସ୍କୁଲ ପ୍ରାଙ୍ଗଣରେ ଚତୁର୍ଥ ଅଲେଖଚନ୍ଦ୍ର ଦେବତା ସ୍ମାରକୀ ରାଜ୍ୟ ଓପନ୍ ଚେସ୍ ଚାମ୍ପିଅନ୍‌ସିପ୍ ଅନୁଷ୍ଠିତ ହୋଇଯାଇଛି । ପ୍ରତିଯୋଗିତାରେ କେନ୍ଦ୍ରାପଡାର ଲଭ୍ୟଜ୍ୟୋତି ରାଉତରାୟ ୪.୫ ପଏଣ୍ଟ ସହ ବିଜେତା ହୋଇଛନ୍ତି । ୫ ରାଉଣ୍ଡ ଏହି ପ୍ରତିଯୋଗିତାରେ ବାଲେଶ୍ୱରର ଶୁଭେନ୍ଦୁ କୁମାର ପାତ୍ର ଦ୍ୱିତୀୟ, ଜଟଣୀର ସ୍ଥିତ ପ୍ରଜ୍ଞା ସାହୁ ତୃତୀୟ, କଟକର ପ୍ରତ୍ୟୁଷ ମହାପାତ୍ର ଚତୁର୍ଥ, ଭୁବେନଶ୍ୱରର ବିନୀତ ନାୟକ ପଞ୍ଚମ, ଜଟଣୀର ରଶ୍ମିରଞ୍ଜନ ବସ୍ତିଆ ଷଷ୍ଠ ଏବଂ ଭୁବନେଶ୍ୱରର ସଞ୍ଜିବନ ନାୟକ ସପ୍ତମ ସ୍ଥାନ ଅଧିକାର କରିଥିଲେ । ସେହିଭଳି ବିଭିନ୍ନ ବୟସ ବର୍ଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ସୁପ୍ରିୟା ନାୟକଙ୍କ ଶ୍ରେଷ୍ଠ ମହିଳା ଖେଳାଳି ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ବିତରଣ ଉତ୍ସବରେ ସିଡ୍ରିମ୍ ଇ କର୍ମସ୍ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଚିତ୍ତରଞ୍ଜନ ଦେବତା ଯୋଗ ଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଚେସ୍ ସଂଘର ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, ସ୍ୱର୍ଗତଃ ଅଲେଖ ଚନ୍ଦ୍ର ଦେବତାଙ୍କ ବୋହୂ ସ୍ମୃତି ଦେବତା ଉପସ୍ଥିତ ଥିଲେ ।



## ଟେଷ୍ଟରୁ ମାଥ୍ୟୁସଙ୍କ ଅବସର

କଲମ୍ବୋ, ୨୨।୬(ଏଜେନ୍ସି) : ଶ୍ରୀଲଙ୍କାର ତାରକା ଅଲରାଉଣ୍ଡର ଆଞ୍ଜେଲୋ ମାଥ୍ୟୁସ୍ ଟେଷ୍ଟ କ୍ରିକେଟର ଅବସର ନେଇଛନ୍ତି । ସେ ପୂର୍ବରୁ ଅବସର ସମ୍ପର୍କରେ ସୂଚନା ଦେଇଥିଲେ । ବାଂଲାଦେଶ ବିପକ୍ଷ ପ୍ରଥମ ଟେଷ୍ଟ ଶେଷ ହେବା ପରେ ଏହି ଘୋଷଣା କରିଥିଲେ । ସେ ଟି-୨୦ ଖେଳିବା ଜାରି ରଖିବେ । ୨୦୨୬ ଟି -୨୦ ବିଶ୍ୱକପ୍ ଜିତିବା ତାଙ୍କର ସ୍ୱପ୍ନ ବୋଲି କହିଛନ୍ତି । ବିଶ୍ୱକପ୍ ଜିତି କ୍ୟାରିୟର ଶେଷ କରିବାକୁ ଇଚ୍ଛା ରଖିଛନ୍ତି । ୨୦୧୪ ଟି -୨୦ ବିଶ୍ୱ କପ୍ ଶ୍ରୀଲଙ୍କା ଜିତିଥିଲା ।



ଫାଇନାଲ୍‌ରେ ଭାରତକୁ ହରାଇବାରେ ମାଥ୍ୟୁସଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ।

ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟ ମ୍ୟାଚ୍ ଡ୍ର ରହିଛି । ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୪୯୫ ରନ୍ କରିଥିଲା । ଜବାବରେ ଶ୍ରୀଲଙ୍କା ୪୮୫ ରନ୍ ରେ ସୀମିତ ରହିଥିଲା । ମାଥ୍ୟୁସ୍ ୩୯ ରନ୍ କରିଥିଲେ । ପୁଣି ବାଂଲାଦେଶ ୨ୟ ପାଳିରେ ୬ ୱିକେଟ୍ ହରାଇ ୨୮୫ ରନ୍ କରିଥିଲା । ଶ୍ରୀଲଙ୍କା ୪ ୱିକେଟ୍ ହରାଇ ୭୨ ରନ୍ କରିଥିବା ବେଳେ ମ୍ୟାଚ୍ ଡ୍ର ଘୋଷଣା ହୋଇଥିଲା । ମାଥ୍ୟୁସ୍ ୧୧୯ ଟେଷ୍ଟରେ ୮୨୧୪ ରନ୍ ସଂଗ୍ରହ କରିଛନ୍ତି । ୧୬ ଟି ଶତକ ସାମିଲ୍ ରହିଛି ।

## ରଗ୍‌ବୀ ପ୍ରିମିୟର ଲିଗ୍

# କଳିଙ୍ଗ ବ୍ଲାକ୍ ଟାଇଗର୍ସର ପ୍ରଥମ ବିଜୟ



ମୁମ୍ବାଇ,୨୨।୬ (ଏଜେନ୍ସି) : ରଗ୍‌ବୀ ପ୍ରିମିୟର ଲିଗ୍‌ରେ କଳିଙ୍ଗ ବ୍ଲାକ୍ ଟାଇଗର୍ସ ପ୍ରଥମ ବିଜୟ ହାସଲ କରିଛି । ମୁମ୍ବାଇର ଅନ୍ଧେରି ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଅନୁଷ୍ଠିତ ୧୭ତମ ମ୍ୟାଚ୍‌ରେ ଦିଲ୍ଲୀ ରେଡ୍‌କୁ ୧୯-୧୫ ବ୍ୟବଧାନରେ ଧରାଶାୟୀ କରିଛି । ପୂର୍ବରୁ ଦିଲ୍ଲୀ ନିକଟରୁ କଳିଙ୍ଗ ହାରିଥିଲା । ତେଣୁ ଏହି ବିଜୟ କଳିଙ୍ଗ ବ୍ଲାକ୍ ଟାଇଗର୍ସଙ୍କୁ ଆସୋସ୍ତୀ ଆଣି ଦେଇଛି । କଳିଙ୍ଗ ବ୍ଲାକ୍ ଟାଇଗର୍ସ ପାଇଁ ଚ୍ୟାଲେଞ୍ଜ୍ ପୂର୍ଣ୍ଣ ଅଭିଯାନରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ମୋଡ ଆଣି ଦେଇଛି । ଚୂଡାନ୍ତ ମିନିଟ୍‌ଗୁଡିକରେ ଦିଲ୍ଲୀ ନିରବଚ୍ଛିନ୍ନ ଭାବେ ଆଗକୁ ବଢିବା ପ୍ରୟାସ କରିଥିଲା । କିନ୍ତୁ ବ୍ଲାକ୍ ଟାଇଗର୍ସ ଆଉ ଏକ ସ୍କୋର କରି ସୁଯୋଗ ଦେଇନଥିଲା । କଳିଙ୍ଗ ପକ୍ଷରୁ ଆଶିଷ ଶବର, ଲୁକାସ ଲାକାମ୍ପ ଏବା କାଇଲେ ଟ୍ରେମ୍ବଲେ ସ୍କୋର କରିଥିଲେ । ହ୍ୟାରି ମ୍ୟାକନଲ୍‌ଟି, ପେରୀ ବେକର ଓ ଟ୍ରେମ୍ବଲେଙ୍କ ଉଚ୍ଚ କୋଟିର ପ୍ରଦର୍ଶନ ଯୋଗୁଁ ଓଡିଶା ପ୍ରଥମ ବିଜୟ ହାସଲ କରିଛି । ଜମାଣିଆ ପ୍ରଦର୍ଶନ ପାଇଁ ଲୁକାସଙ୍କୁ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା । ମ୍ୟାଚ୍ ପରେ ଲୁକାସ୍ ଦଳ ବିଜୟରେ ସନ୍ତୋଷ ବ୍ୟକ୍ତ କରିଛନ୍ତି । ବିଗତ ମ୍ୟାଚ୍‌ଗୁଡିକର ପରାଜୟ ଆମ ମନୋବଳ ଭାଙ୍ଗି ଦେଇଥିଲା । ଏହି ଜମାଣିଆ ବିଜୟ ପରେ ସବୁ ଖେଳାଳି ଉଲ୍ଲସିତ ଅଛନ୍ତି । ପରବର୍ତ୍ତୀ ମ୍ୟାଚ୍‌ଗୁଡିକରେ ଆହୁରୀ ଆକ୍ରମଣାତ୍ମକ ଖେଳି ଆଗକୁ ବଢିବେ ବୋଲି ଲୁକାସ କହିଛନ୍ତି । ମୁଁ ଆଶା କରୁଛି ଯେ, ଆମେ ଶୀର୍ଷ ୪ଟି ଦଳ ମଧ୍ୟରେ ସ୍ଥାନ ପାଇବୁ । ଏହି ବିଜୟ ସହିତ କଳିଙ୍ଗ ବ୍ଲାକ ଟାଇଗର୍ସ ଖାତା ଖୋଲିବା ସହ ସେମାନଙ୍କ ଅଭିଯାନ ଓ ଆତ୍ମ ବିଶ୍ୱାସର ସହିତ ପୁନଃ ଶକ୍ତି ପ୍ରଦାନ କରିଛି । ବ୍ଲାକ୍ ଟାଇଗର୍ସ ତାର ପରବର୍ତ୍ତୀ ମ୍ୟାଚ୍ ମୁମ୍ବାଇ ଡ୍ରିମ୍ସକୁ ଭେଟିବ ।

# ଅଡୁଆରେ ସନ୍‌ରାଇଜର୍ସ ମାଲିକାଣୀ କାବ୍ୟା

ହାଇଦ୍ରାବାଦ, ୨୨।୬(ଏଜେନ୍ସି) : ସନ୍‌ରାଇଜର୍ସ ହାଇଦ୍ରାବାଦ ସିଇଓ କାବ୍ୟା ମାରନ୍‌ଙ୍କ ସମସ୍ୟା ବଢିବାରେ ଲାଗିଛି । ପାରିବାରିକ କଳହ ଗୋଟିଏ କାରଣ ହୋଇଥିବା ବେଳେ ଦକ୍ଷିଣ ଭାରତର ବଡ ମିଡିଆ ହାଉସ୍ ସନ୍ ନେଟ୍‌ୱାର୍କ ତଥା କାବ୍ୟାଙ୍କ ବାପା କଳାନିଧି ମାରନଙ୍କ ଉପରେ ମନିଲଣ୍ଡରିଂ ଅଭିଯୋଗ ଆସିଛି । କଳାନିଧିଙ୍କ ଭାଇ ତଥା ପୂର୍ବତନ ସାଂସଦ ଦୟାନିଧି ମାରନ୍ ଏହି ଅଭିଯୋଗ ଆଣିଛନ୍ତି । ତେଣୁ ସନ୍ ନେଟ୍‌ୱାର୍କ ଓ ଆଇପିଏଲ୍ ଟିମ୍ ଏସ୍ଆରଏଚ୍ ପାଇଁ ଚିନ୍ତା ବଢାଇଛି । ସନ୍ ନେଟ୍‌ୱାର୍କସ୍ ସେୟାରକୁ ନେଇ ବିବାଦ ଲାଗି ରହିଛି । ୨୦୦୩ ପୂର୍ବରୁ ମାରନ୍ ପରିବାର ଓ କରୁଣା ନିଧି ପରିବାର ପାଖରେ କମ୍ପାନୀର ସମାନ ସେୟାର ଥିଲା । ହେଲେ ଏହା ପରେ ଏଥିରେ ପରିବର୍ତ୍ତନ ହୋଇଥିଲା । ଅଭିଯୋଗ ହୋଇଛି କମ୍ପାନୀର ଅର୍ଥକୁ ଅପବ୍ୟବହାର କରାଯାଇ ସନ୍ ଡାଇରେକ୍ଟିଭି, ସନ୍ ପିକ୍‌ଚର୍ସ, ଏଫ୍ଏମ୍ ଚ୍ୟାନେଲ୍ ଓ ଆଇପିଏଲ୍ ଟିମ୍ ଏସ୍ଆର୍‌ଏଚ୍ ପରି କମ୍ପାନୀ ଛିଡା କରାଯାଇଛି । ଏବେ ଯଦି ୨୦୦୩ ର ସେୟାର ପାର୍ଟନ ଲାଗୁ କରିବାକୁ କୋର୍ଟ ନିର୍ଦ୍ଦେଶ ଦିଅନ୍ତି ତେବେ ମାଲିକାନା ପରିବର୍ତ୍ତନ ହୋଇପାରେ । ଯାହାର ପ୍ରଭାବ ଆଇପିଏଲ୍ ଟିମ୍ ସନ୍‌ରାଇଜର୍ସ ଉପରେ ପଡିବ ।



# କଳିଙ୍ଗରେ ଆରମ୍ଭ ହେଲା ଜାତୀୟ ସିନିୟର ଆକ୍ୱାଟିକ୍ ଚାମ୍ପିଅନସିପ୍

ଭୁବନେଶ୍ୱର,୨୨।୬(ସବ୍ୟୁ): ସ୍ଥାନୀୟ କଳିଙ୍ଗ ଷ୍ଟାଡ଼ିୟମ୍‌ରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିଅନସିପ୍ ପ୍ରତିଯୋଗିତା (ସନ୍ତରଣ ପ୍ରତିଯୋଗିତା) ଆରମ୍ଭ ହୋଇଛି । ଏହି ପ୍ରତିଯୋଗିତା ଜୁନ୍ ୨୭ ତାରିଖରେ ଶେଷ ହେବ ।

ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଷ୍ଟେଟ୍ ସ୍ୱିମିଙ୍ଗ ଆସୋସିଏସନ୍ ଏବଂ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେଉଥିବା ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶାରୁ ୭ଜଣ ପୁରୁଷ ଓ ୭ ଜଣ ମହିଳା ସର୍ବମୋଟ୍ ୧୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି ।

ଆଜି ପ୍ରଥମ ଦିନରେ ଓଡ଼ିଶାର କ୍ରୀଡ଼ାବିତ୍ ସୃଷ୍ଟି ଉପାଧ୍ୟାୟ ୧୦୦ମିଟର ବଟର ଫ୍ଲାଏ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ପ୍ରତିଯୋଗିତାର ଉଦଘାଟନୀ ସମାରୋହରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ନିଜର ଅଭିଭାଷଣରେ ସେ କହିଥିଲେ ଯେ, ଓଡ଼ିଶାରେ ୭୮ତମ ସିନିୟର ନ୍ୟାସନାଲ୍ ଆକ୍ୱାଟିକ୍ ଚାମ୍ପିଅନସିପ୍ ପ୍ରତିଯୋଗିତାର ଆୟୋଜନ ହେବା ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ । ପ୍ରତିଯୋଗିତାରେ ଭାଗନେଇଥିବା ସମସ୍ତ ପ୍ରତିଯୋଗୀ ନିଜର ଉତ୍କୃଷ୍ଟ ପ୍ରଦର୍ଶନ ମାଧ୍ୟମରେ ସୁନାମ ଅର୍ଜନ କରିବେ ବୋଲି ମୁଁ ଆଶା କରୁଛି । ଏଥିସହିତ ସମସ୍ତ କ୍ରୀଡ଼ାବିତ୍ମାନଙ୍କର ଉଜ୍ଜଳ ଭବିଷ୍ୟତର କାମନା କରୁଛି । କ୍ରୀଡ଼ା ଓ କ୍ରୀଡ଼ାବିତ୍ମାନଙ୍କର ସାମଗ୍ରିକ ବିକାଶ ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ । ଓଡ଼ିଶାରେ ସନ୍ତରଣ ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ଆଗାମୀ ଦିନରେ ୧୩ ଟି ଜିଲ୍ଲାରେ ୧୩ଟି ସୁଇମିଙ୍ଗ ପୁଲ୍ କମ୍ପ୍ଲେକ୍ସ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଏହା ଆମ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ସହିତ ସନ୍ତରଣରେ କ୍ରୀଡ଼ା ପ୍ରତିଭାର ବିକାଶ ନିମନ୍ତେ ନିଶ୍ଚିତ ରୂପେ ସହାୟକ ହେବ ବୋଲି ମନ୍ତ୍ରୀ ମତପ୍ରକାଶ କରିଥିଲେ ।

**ସ୍ୱର୍ଣ୍ଣ ଜିତିଲେ ସୃଷ୍ଟି ଉପାଧ୍ୟାୟ**

ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ସଭାପତି ଆର.ଏନ ଜୟପ୍ରକାଶ, ଏସିଆନ୍ ଆକ୍ୱାଟିକ୍ ଫେଡ଼େରେସନର ଭାଇସ୍ ପ୍ରେସିଡେଣ୍ଟ ବିରେନ୍ଦ୍ର ନାନାବତୀ, ସ୍ୱିମିଙ୍ଗ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ସେକ୍ରେଟାରୀ ଜେନେରାଲ ମୋନାଲ ଚୋକ୍ସି, ଓଡ଼ିଶା ଷ୍ଟେଟ ସ୍ୱିମିଙ୍ଗ ଆସୋସିଏସନର ଜେନେରାଲ ସେକ୍ରେଟାରୀ ଗୋଲାପମଣି ମହାନ୍ତ, ଓଡ଼ିଶା କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ଅଶୋକ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

# କୋଚ୍ ହେବାକୁ ଗାଙ୍ଗୁଲିଙ୍କ ଇଚ୍ଛା

ନୂଆଦିଲ୍ଲୀ, ୨୨।୬(ଏଜେନ୍ସି) : ପୂର୍ବତନ ଅଧିନାୟକ ସୌରଭ ଗାଙ୍ଗୁଲି ରାଜନୀତି କରିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ସେ ଏହା ମଧ୍ୟ କହିଛନ୍ତି ଯେ, ଭାରତୀୟ ଦଳର କୋଚ୍ ହେବା ପାଇଁ ତାଙ୍କର ଇଚ୍ଛା ଅଛି । ଜୁଲାଇ ମାସରେ ଗାଙ୍ଗୁଲିଙ୍କୁ ୫୩ ବର୍ଷ ହେବ । ଗାଙ୍ଗୁଲି ୨୦୧୮ -୧୯ ଓ ୨୦୨୨-୨୪ ମଧ୍ୟରେ ଦିଲ୍ଲୀ କ୍ୟାପିଟାଲ୍ସ ଦଳର ମେଣ୍ଟର ଥିଲେ । ସେ ଭାରତୀୟ ଦଳର କୋଚ୍ ହେବାକୁ ଇଚ୍ଛା ଅଛି କି ବୋଲି ପ୍ରଶ୍ନର ଉତ୍ତରରେ ଗାଙ୍ଗୁଲି କହିଛନ୍ତି ମୁଁ ଏ ବିଷୟରେ ଚିନ୍ତା କରିନାହିଁ । କାରଣ ମୁଁ ଭିନ୍ନ ଭିନ୍ନ ଭୂମିକାରେ ରହିଆସିଅଛି । ସେ ଏହା ମଧ୍ୟ କହିଛନ୍ତି ମୁଁ ୨୦୧୩ରେ କ୍ରିକେଟ୍‌ରୁ ସନ୍ୟାସ ନେଇଥିଲି । ପୁଣି ବିସିସିଆଇର ଅଧ୍ୟକ୍ଷ ହେଲି । ଦେଖିବା ଆଗକୁ କଣ ହେଉଛି । ମୋର ବୟସ ୫୦ ରୁ ଅଧିକ ହେଲାଣି । କୋଚ୍ ହେବା ପାଇଁ ମୋର କୌଣସି ଆପତ୍ତି ନାହିଁ । ତେବେ ଗୋଟିଏ କଥା ସ୍ପଷ୍ଟ ଯେ, ମୁଁ ରାଜନୀତିକୁ ଆସିବି ନାହିଁ ।

୨୦୨୬ରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ସେ କୌଣସି ରାଜନୈତିକ ଦଳରେ ଯୋଗ ଦେବେ ନାହିଁ ବୋଲି କହିଛନ୍ତି । ଯଦି ତାଙ୍କୁ ମୁଖ୍ୟମନ୍ତ୍ରୀ ପଦ ପାଇଁ ଅଫର ଦିଆଯାଏ ତଥାପି ଏଥିରେ ତାଙ୍କର କୌଣସି ରୂଚି ନାହିଁ ବୋଲି ଗାଙ୍ଗୁଲି କହିଛନ୍ତି । ପୂର୍ବତନ ଭାରତୀୟ ଅଧିନାକୟ ତଥା କୋଚ୍ ଗୌତମ ଗମ୍ଭୀରଙ୍କ ପ୍ରଶଂସା କରି ସେ କହିଛନ୍ତି ଦୁବାଇରେ ଚାମ୍ପଅନ୍‌ସ ଟ୍ରଫି ପରଠାରୁ ଗମ୍ଭୀର ଲୟ ଧରିଛନ୍ତି । ଗୌତମ ଏବେ ଭଲ କାମ କରୁଛନ୍ତି । ଆରମ୍ଭ ଖରାପ ଥିଲା । ଅଷ୍ଟ୍ରେଲିଆ ନ୍ୟୁଜିଲାଣ୍ଡଠାରୁ ଟେଷ୍ଟ ଶୃଙ୍ଖଳା ହାରିଥିଲା । ମାତ୍ର ଚାମ୍ପିଅନ୍ ଟ୍ରଫି ପରେ ସେ ଲୟ ଧରିପାରିଛନ୍ତି । ଇଂଲଣ୍ଡ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଦଳ ଏବଂ ଗମ୍ଭୀରଙ୍କ ପାଇଁ ବେଶ ମହତ୍ତ୍ୱ ପୂର୍ଣ୍ଣ ରହିବ । ତାଙ୍କର କାମ କରିବାର ଉତ୍ସାହକୁ ଦେଖିଛି । ସେ ଏକଦମ୍ ସିଧାସଳଖ କଥା ହୁଅନ୍ତି । ସେ ନିଜ ବିଚାରକୁ ଖୋଲିଖୋଲି ରଖି ପାରନ୍ତି ବୋଲି ଗାଙ୍ଗୁଲି କହିଛନ୍ତି ।






**ସୂଚନା**

ସମୟ

BHIM
BHARAT INTERFACE FOR MONEY
SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି